R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୫୦
ତିଥି : ଚତୁର୍ଦ୍ଦଶୀ
୨୫ ସେପ୍ଟେମ୍ବର ୨୦୨୬, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 350
25 September 2026, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur





## ବିଶ୍ୱ ଫାର୍ମାସିଷ୍ଟ ଦିବସ

ସେପ୍ଟେମ୍ବର ୨୫ ତାରିଖକୁ ସାରା ବିଶ୍ୱରେ 'ବିଶ୍ୱ ଫାର୍ମାସିଷ୍ଟ ଦିବସ' ଭାବେ ପାଳନ କରାଯାଉଥିବା ବେଳେ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଫାର୍ମାସିଷ୍ଟମାନଙ୍କ ଅତୁଳନୀୟ ଯୋଗଦାନକୁ ସମ୍ମାନ ଜଣାଇବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ । ଇଣ୍ଟରନ୍ୟାସନାଲ୍ ଫାର୍ମାସ୍ୟୁଟିକାଲ୍ ଫେଡେରେସନର ଆହ୍ୱାନକ୍ରମେ ପ୍ରତିବର୍ଷ ଏହି ସ୍ୱତନ୍ତ୍ର ଦିବସ ପାଳିତ ହେଉଥିବା ବେଳେ, ରୋଗୀଙ୍କୁ ସଠିକ୍ ଓ ନିରାପଦ ଔଷଧ ଯୋଗାଇବାରେ ଫାର୍ମାସିଷ୍ଟମାନେ ଏକ ପ୍ରମୁଖ ସେତୁ ଭାବେ କାର୍ଯ୍ୟ କରିଥାନ୍ତି । ଔଷଧର ସୁରକ୍ଷିତ ବ୍ୟବହାର, ସଠିକ୍ ମାତ୍ରା ପରାମର୍ଶ, ନୂତନ ଗବେଷଣା ଏବଂ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବାରେ ସେମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଚିକିତ୍ସା ପ୍ରଣାଳୀରେ ଡାକ୍ତର ଏବଂ ରୋଗୀଙ୍କ ମଧ୍ୟରେ ଫାର୍ମାସିଷ୍ଟମାନେ ଏକ ସେତୁ ଭାବେ କାର୍ଯ୍ୟ କରି ସ୍ୱାସ୍ଥ୍ୟସେବାର ଗୁଣବତ୍ତା ବୃଦ୍ଧି କରିବାରେ ସହାୟକ ହୋଇଥାନ୍ତି ।

## ଛଅ ବର୍ଷର ଝିଅ ବିଶ୍ୱରେକର୍ଡରେ ସ୍ଥାନିତ



ଚୀନ୍‌ର ଜଣେ ୬ ବର୍ଷୀୟା ବାଳିକା ଲିଆନ୍ ମାତ୍ର ୪.୨୭ ସେକେଣ୍ଡରେ ରୁବିକ୍ସ କ୍ୟୁବ୍ ସମାଧାନ କରି ଏକ ନୂଆ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି । ଏହି ସଫଳତା ହାସଲ କରିଥିବା ପ୍ରଥମ ମହିଳା ସ୍ପିଡ୍‌କ୍ୟୁବର୍ ହେବାର ଗୌରବ ସେ ଅର୍ଜନ କରିଛନ୍ତି । ଚଳିତ ମାସ ୱୁହାନ୍ ଏବଂ ଗ୍ୱାଙ୍ଗଝୁ ଠାରେ ୱାର୍ଲ୍ଡ କ୍ୟୁବ୍ ଆସୋସିଏସନ୍ ଦ୍ୱାରା ମାନ୍ୟତାପ୍ରାପ୍ତ ଦୁଇଟି ପ୍ରତିଯୋଗିତାରେ ଭାଗ ନେଇ ସେ ଏହି ରେକର୍ଡ ଭାଙ୍ଗିଥିଲେ । ଯେଉଁଥିରେ ତାଙ୍କର ହାରାହାରି ସମୟ ୱୁହାନ୍‌ରେ ୪.୫୨ ସେକେଣ୍ଡ ଏବଂ ଗ୍ୱାଙ୍ଗଝୁରେ ୪.୨୭ ସେକେଣ୍ଡ ରହିଥିଲା । ରୁବିକ୍ସ କ୍ୟୁବ୍‌କୁ ସହଜରେ ସମାଧାନ କରିବା ପାଇଁ ଲିଆନ୍ ୧,୩୦୦ରୁ ଅଧିକ ଆଲଗୋରିଦମ୍ ମନେ ରଖିଛନ୍ତି ଏବଂ ପ୍ରତିଦିନ ଦୁଇରୁ ତିନି ଘଣ୍ଟା ପର୍ଯ୍ୟନ୍ତ ସେ ଅଭ୍ୟାସ କରନ୍ତି । ତାଙ୍କ ମା'ଙ୍କ କହିବା ଅନୁଯାୟୀ, ଲିଆନ୍ ପ୍ରଥମେ ନୃତ୍ୟ ଏବଂ ସଙ୍ଗୀତ ପରି କାର୍ଯ୍ୟକଳାପ ପ୍ରତି ଆକୃଷ୍ଟ ଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ରୁବିକ୍ସ କ୍ୟୁବ୍ ଉପରେ ଅଧିକ ଧ୍ୟାନ ଦେଇଥିଲେ, ଯାହା ତାଙ୍କୁ ଏହି ସଫଳତା ପ୍ରଦାନ କରିଛି ।

## ସୋସିଆଲ କୋଟ୍ସ



ମୋ ନାଁ ଯେତେବେଳେ ଘୋଷଣା ହେଲା, ସେତେବେଳେ ମୁଁ ସୁଟିଂ କରୁଥିଲି । ମୋ ନାଁ ସିଲେକ୍ଟ ହୋଇଥିବାନେଇ ଜଣେ ବନ୍ଧୁ ଫୋନ କରି କହିଥିଲେ । ଖୁବ ଆଶ୍ଚର୍ଯ୍ୟ ହୋଇଥିଲି ।

ମନୋଜ ଯୋସି, ଅଭିନେତା



ମାଆ ହେବାପରେ ଗୋଟିଏ ନାରୀର ଶରୀରରେ ଅନେକ ପରିବର୍ତ୍ତନ ହୋଇଥାଏ । ତାକୁ ନେଇ ଟ୍ରୋଲ କରିବା ଅମାନବିକତା । ଏହା ଖୁବ ଦୁଃଖ ଦେଇଥାଏ ।

ପରିଣୀତି ଚୋପ୍ରା, ଅଭିନେତ୍ରୀ



ମୁଁ ଯେତେବେଳେ ଅଭିନେତା ହେବି ବୋଲି ସ୍ୱପ୍ନ ଦେଖିବା ଆରମ୍ଭ କରିଥିଲି, ସେତେବେଳେ ସମସ୍ତେ ମୋ ଉପରେ ହସିଥିଲେ । ହେଲେ ଏହି ନ୍ୟାସନାଲ ଆୱାର୍ଡ ସେମାନଙ୍କ ପାଇଁ ଉତ୍ତର ।

କାର୍ତ୍ତିକ ଆରିଅନ, ଅଭିନେତା

## ମଧୁମେହର ପ୍ରତିକାର



ଆଜିକାଲିର ଜୀବନଶୈଳୀ ଆମର ଅନେକ ରୋଗର କାରଣ ସାଜୁଛି । ଏହି କାରଣରୁ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଉଛି । ସେହି ରୋଗର ତାଲିକାରେ ମଧୁମେହ ସବୁଠାରୁ ଆଗରେ ରହିଛି । ବର୍ତ୍ତମାନ ମଧୁମେହ ବା ଡାଇବେଟିସ୍ ରୋଗ ସମସ୍ତଙ୍କ ନିକଟରେ ଦେଖିବାକୁ ମିଳୁଛି । ଯାହାକୁ ନେଇ ଲୋକଙ୍କ ମନରେ ଚିନ୍ତା ମଧ୍ୟ ବଢୁଛି । ତେବେ ଜୀବନଶୈଳୀରେ କିଛିଟା ପରିବର୍ତ୍ତନ ଏହି ରୋଗ ହେବାରୁ ରୋକିପାରିବ । ଏହି ଅବସ୍ଥାରେ ସ୍ୱାସ୍ଥ୍ୟ ସଚେତନ ହୋଇ ନିଜର ଖାଦ୍ୟପେୟରେ ନିୟନ୍ତ୍ରଣ ଓ ଜୀବନଶୈଳୀରେ କିଛିଟା ପରିବର୍ତ୍ତନ କଲେ ସାରା ଜୀବନ ପାଇଁ ଡାଇବେଟିସ୍‌ର ଭୟ ରହିନଥାଏ ।

### କେଉଁମାନଙ୍କୁ ହେବାର ସମ୍ଭାବନା ଅଧିକ

- ୪୫ ବର୍ଷରୁ କମ୍ ବୟସର ପୁରୁଷ
- ମେଦବହୁଳତା
- ବ୍ୟାୟାମ କରୁନଥିବା ବ୍ୟକ୍ତି
- ପରିବାରରେ କାହାକୁ ଡାଇବେଟିସ୍ ହୋଇଥିଲେ
- ଅଧିକ ଓଜନ ଶିଶୁ ଜନ୍ମ କରିଥିବା ମହିଳା
- ଉଚ୍ଚ ରକ୍ତଚାପ ରୋଗୀ

ରୁହନ୍ତୁ ଦୂରରେ

- ଖାଦ୍ୟପେୟରେ ପରିବର୍ତ୍ତନ କରନ୍ତୁ
- ତେଲ ମସଲାଯୁକ୍ତ ଏବଂ ଚର୍ବିଯୁକ୍ତ ଖାଦ୍ୟ କମ୍ ଖାଆନ୍ତୁ
- ଫାଷ୍ଟଫୁଡ୍, ମିଠା, କୋଲ୍‌ଡ୍ରିଙ୍କ୍ସ, ଛେଳି ମାଂସ, ଘିଅ, ବଟର, ଚିନି ସମ୍ପୂର୍ଣ୍ଣ ବନ୍ଦ କରନ୍ତୁ
- ଅଧିକ ପରିମାଣରେ ସବୁଜ ପନିପରିବା ଓ ଫଳ ଖାଆନ୍ତୁ
- ପ୍ରତିଦିନ ୩୦ ମିନିଟ୍ ବ୍ୟାୟାମ କରନ୍ତୁ
- ଓଜନ ଅଧିକ ଥିଲେ ଯଥାଶୀଘ୍ର ଓଜନ କମ୍ କରନ୍ତୁ
- ରକ୍ତଚାପକୁ ନିୟନ୍ତ୍ରଣରେ ରଖନ୍ତୁ
- ମାନସିକ ଚାପଠାରୁ ଦୂରେଇ ରୁହନ୍ତୁ
- ଧୂମପାନ ଓ ମଦ୍ୟପାନ ସମ୍ପୂର୍ଣ୍ଣ ବନ୍ଦ କରନ୍ତୁ

ଏହିସବୁ ଛୋଟ ଛୋଟ ଗୁରୁତ୍ୱପୂର୍ଣ୍ଣ କଥା ପ୍ରତି ଧ୍ୟାନ ଦିଅନ୍ତୁ ଏବଂ ଡାଇବେଟିସ୍‌ଠାରୁ ସମ୍ପୂର୍ଣ୍ଣ ଦୂରେଇ ରୁହନ୍ତୁ ।



## ଇତିହାସ

୧୬୫୪- ବ୍ୟାପାର ଚୁକ୍ତି ଉପରେ ଇଂଲଣ୍ଡ ଏବଂ ଡେନ୍‌ମାର୍କର ସ୍ୱାକ୍ଷର ।

୧୯୭୪- ପଞ୍ଚମ ପଞ୍ଚବର୍ଷୀୟ ଯୋଜନା ପୂର୍ଣ୍ଣ ହେଲା ।

୧୯୭୪- ନେବାଦା ପରୀକ୍ଷଣ ସ୍ଥଳରେ ଆମେରିକା ପକ୍ଷରୁ ପରମାଣୁ ପରୀକ୍ଷଣ ।

୧୯୮୫- ପଞ୍ଜାବ ନିର୍ବାଚନରେ ଅକାଳୀ ଦଳର ବାଜିମାତ୍ ।

୧୯୧୪- ଭାରତର ପୂର୍ବତନ ଉପପ୍ରଧାନମନ୍ତ୍ରୀ ଚୌଧୁରୀ ଦେବୀ ଲାଲ୍‌ଙ୍କ ଜନ୍ମ ।

୧୯୧୬- ପ୍ରସିଦ୍ଧ ଭାରତୀୟ ବିଚାରକ, ଦାର୍ଶନିକ ଏବଂ ଭାରତୀୟ ଜନସଙ୍ଘର ସହସଂସ୍ଥାପକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜନ୍ମ ।



ଦୀନଦୟାଲ ଉପାଧ୍ୟାୟ

୨୦୧୮- ଦୁବାଇ ଏସିଆ କପ୍‌ରେ ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଭାରତୀୟ କ୍ରିକେଟ୍ ଟିମ୍‌ର ନେତୃତ୍ୱ ନେଇ ପ୍ରଥମ ଭାରତୀୟ ରୂପେ ଏମ୍‌ଏସ୍ ଧୋନୀ ୨୦୦ ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଅଧିନାୟକ ହେଲେ ।

୨୦୨୦- କରୋନା ସଂକ୍ରମଣରେ ଲୋକପ୍ରିୟ ଗାୟକ ଏସ୍.ପି. ବାଲଶୁବ୍ରମଣ୍ୟମଙ୍କ ପରଲୋକ ।

୨୦୨୦- ରାଷ୍ଟ୍ରୀୟ ଆୟୁର୍ବିଜ୍ଞାନ ଆୟୋଗ ବା ଏନ୍‌ଏମ୍‌ସି ଅସ୍ତିତ୍ୱରେ ଆସିଲା ।



## ଗିନିଜ ରେକର୍ଡ଼ରେ ଅଲ୍ଲୁ ଅର୍ଜୁନଙ୍କ ଚଳଚ୍ଚିତ୍ର

ଦକ୍ଷିଣ ଭାରତୀୟ ସୁପରଷ୍ଟାର୍ ଅଲ୍ଲୁ ଅର୍ଜୁନ ଏବଂ ଚର୍ଚ୍ଚିତ ନିର୍ଦ୍ଦେଶକ ଅଟଲିଙ୍କ ଆଗାମୀ ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର 'ରାକା' ରିଲିଜ ପୂର୍ବରୁ ଗିନିଜ୍ ୱାର୍ଲ୍ଡ ରେକର୍ଡ ସୃଷ୍ଟି କରି ଚର୍ଚ୍ଚାର ଶୀର୍ଷରେ ପହଞ୍ଚିଛି । 'ସବୁଠାରୁ ଅଧିକ ବ୍ୟକ୍ତିଙ୍କର ରିଅଲ୍-ଟାଇମ୍ ମୋସନ୍-କ୍ୟାପଚର' ପାଇଁ ଏହି ଚଳଚ୍ଚିତ୍ରଟିକୁ ଅଫିସିଆଲି ଗିନିଜ୍ ରେକର୍ଡ ପ୍ରଦାନ କରାଯାଇଛି । ଯେଉଁଥିରେ ଗୋଟିଏ ଶୁଟିଂ ସେସନରେ ୪ ବର୍ଷର ଶିଶୁଠାରୁ ଆରମ୍ଭ କରି ୭୦ ବର୍ଷର ବୃଦ୍ଧଙ୍କ ପର୍ଯ୍ୟନ୍ତ ମୋଟ ୩୭ ଜଣ କଳାକାରଙ୍କ ଶାରୀରିକ ଗତିବିଧିକୁ ଏକାସାଙ୍ଗରେ ଟ୍ରାକ୍ କରାଯାଇଥିଲା । ଏହି ବିଶାଳକାୟ ଓ ଜଟିଳ ସେଟ୍‌ଅପ୍ ପାଇଁ ଲସ୍ ଆଞ୍ଜେଲସରୁ ଆବଶ୍ୟକୀୟ ଆଧୁନିକ ଜ୍ଞାନକୌଶଳ ଓ ସରଞ୍ଜାମ ଅଣାଯାଇ ଭାରତରେ ଏକ ସ୍ୱତନ୍ତ୍ର ମୋସନ୍-କ୍ୟାପଚର ଫ୍ୟାସିଲିଟି ଓ ନୂଆ ପାଇପଲାଇନ୍ ୱର୍କଫ୍ଲୋ ସ୍ଥାପନ କରାଯାଇଥିଲା । ଏହାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରଯୋଜନା ସଂସ୍ଥା 'ସନ୍ ପିକ୍ଚର୍ସ'ର ମୁଖ୍ୟ କଳାନିଧି ମାରନ୍‌ଙ୍କ ପୂର୍ଣ୍ଣ ସହଯୋଗରେ ୯୨ଟି ଅପ୍ଟିକାଲ୍ ମୋସନ୍-କ୍ୟାପଚର କ୍ୟାମେରା, ରିଅଲ୍-ଟାଇମ୍ ଅନରିଅଲ୍ ଭିଜୁଆଲାଇଜେସନ୍, ଫେସିଆଲ୍ କ୍ୟାପଚର ଓ ଆଡଭାନ୍ସଡ୍ ନେଟୱର୍କ ସିଷ୍ଟମକୁ ଏକାସାଙ୍ଗରେ ସିଙ୍କ୍ରୋନାଇଜ୍ କରାଯାଇଥିଲା । ଏହି ଅଭୂତପୂର୍ବ ସଫଳତା ସମ୍ପର୍କରେ ପ୍ରକାଶ କରି 'ସନ୍ ପିକ୍ଚର୍ସ'ର ଏକ ଭିଡିଓରେ ମୋସନ୍-କ୍ୟାପଚର ଟେକ୍ନିକାଲ୍ ଡାଇରେକ୍ଟର ବ୍ରାଏନ୍ ରାଉଶ୍ କହିଛନ୍ତି ଯେ, ଆନିମେସନ୍ କେବଳ ସ୍ୱଚାଳିତ ଭାବେ ବୋତାମ ଦାବିଦେଲେ ହୁଏନାହିଁ, ବରଂ ଏହା ପଛରେ କଠୋର ପରିଶ୍ରମ ରହିଥାଏ । ଅଲ୍ଲୁ ଅର୍ଜୁନ ଏହି ସଫଳତା ପାଇଁ ନିର୍ଦ୍ଦେଶକ ଅଟଲି, ମେକର୍ସ ଟିମ୍ ଓ ସନ୍ ପିକ୍ଚର୍ସକୁ ଶ୍ରେୟ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, 'ରାକା' ଏକ ସାଇନ୍ସ-ଫିକ୍ସନ୍ ଆକ୍ସନ୍ ଡ୍ରାମା ଚଳଚ୍ଚିତ୍ର, ଯେଉଁଥିରେ ଅଲ୍ଲୁ ଅର୍ଜୁନ କୋଜା, ବାପା ଓ ଦୁଇ ପୁଅ ଭାବେ ମୋଟ ୪ଟି ଭିନ୍ନ ଭୂମିକାରେ ଅଭିନୟ କରୁଥିବା ନେଇ ଚର୍ଚ୍ଚା ହେଉଛି । ଏହାସହ ଏହି ସିନେମାର କାହାଣୀ 'ସମାନ୍ତରାଳ ବ୍ରହ୍ମାଣ୍ଡ' ବା ପାରାଲାଲ ୟୁନିଭର୍ସ ଉପରେ ଆଧାରିତ ବୋଲି ଆଲୋଚନା ହେଉଛି । ଏଥିରେ ଅଲ୍ଲୁ ଅର୍ଜୁନଙ୍କ ବ୍ୟତିତ ଦୀପିକା ପାଦୁକୋନ, ରଶ୍ମିକା ମନ୍ଦାନା, ଜାହ୍ନବୀ କପୁର ଓ ମୃଣାଳ ଠାକୁର ମୁଖ୍ୟ ଭୂମିକାରେ ନଜର ଆସିବେ ।

## କୁକୁରଙ୍କୁ ବୁଲାଇ ଦୈନିକ ରୋଜଗାର ୫୦ ହଜାର

ୟୁକେର ୩୦ ବର୍ଷୀୟା ଲିଜ୍ ଇଷ୍ଟ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛନ୍ତି । ନିକଟରେ ସେ ପ୍ରକାଶ କରିଛନ୍ତି କି ସେ ଦିନକୁ ୫୦ ହଜାର ଟଙ୍କା ରୋଜଗାର କରୁଛନ୍ତି । ହେଲେ ସେ ଏହି ଅର୍ଥ କେବଳ କୁକୁର ବୁଲାଇବା ପାଇଁ ରୋଜଗାର କରୁଛନ୍ତି, ଯାହାକୁ ନେଇ ଚର୍ଚ୍ଚା ହେଉଛି । ପୂର୍ବରୁ ଗୋଟିଏ ଲ' ଫାର୍ମରେ ଦୈନିକ ୧୨ ଘଣ୍ଟା କାମ କରୁଥିବା ଲିଜ୍, ସେହି କର୍ପୋରେଟ୍ ଚାକିରି ଛାଡ଼ିବା ପାଇଁ ଏହି ବ୍ୟବସାୟ ଆରମ୍ଭ କରିଥିଲେ । ବର୍ତ୍ତମାନ ସେ ଦିନକୁ ୪ ଥର ୨୦ ରୁ ୩୦ଟି କୁକୁରଙ୍କୁ ବୁଲାଇବାକୁ ନେଉଥିବା ବେଳେ କୁକୁର ପିଛା ଘଣ୍ଟାକୁ ପ୍ରାୟ ୧,୭୦୦ ଟଙ୍କା ଚାର୍ଜ କରୁଛନ୍ତି । କୁକୁରଗୁଡ଼ିକୁ ନେବା ଆଣିବା କରିବା ପାଇଁ ସେ ଗୋଟିଏ ଭ୍ୟାନ୍ ମଧ୍ୟ କିଣିଛନ୍ତି । ନିଜର ପୂର୍ବ ଚାକିରି ତୁଳନାରେ ଅଧା ସମୟ କାମ କରି ସେ ଅଧିକ ରୋଜଗାର କରୁଛନ୍ତି ଏବଂ ଏହି କାମକୁ ବେଶ୍ ଉପଭୋଗ କରୁଥିବାରୁ ପୁରୁଣା ଚାକିରିକୁ ଫେରିବାକୁ ଚାହୁଁନାହାନ୍ତି ବୋଲି ପ୍ରକାଶ କରିଛନ୍ତି । ସୋସିଆଲ ମିଡିଆରେ ବିଶେଷଭାବେ ଯୁବପିଢି ଏହି ବୃତ୍ତିକୁ ବେଶ ପ୍ରଶଂସା କରୁଥିବା ଦେଖିବାକୁ ମିଳୁଛି ।





**ମେଷ:** ମନସ୍ତାପ, କାର୍ଯ୍ୟରେ ସମସ୍ୟା, ଦ୍ରବ୍ୟଲାଭ, ବ୍ୟବସାୟରେ କଷ୍ଟ, ଦୂରଯାତ୍ରା, ସମ୍ପତ୍ତିଲାଭ, ଶତ୍ରୁସମସ୍ୟା, ଅଯଥା ଅଶାନ୍ତି, ଶରୀର ଅସୁସ୍ଥ । ଅଶ୍ୱିନୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୬, ଆରାଧନା-ପ୍ରଭୁ ହନୁମାନ ।

**ବୃଷ:** କର୍ମକ୍ଷେତ୍ରେ ଶାନ୍ତି, ସ୍ୱଜନ ବିରୋଧ, ଅର୍ଥଲାଭ, ବିଭିନ୍ନ କାର୍ଯ୍ୟରେ ସଫଳ, ଦାମ୍ପତ୍ୟଖୁସି, ଦେବଦର୍ଶନ, ସ୍ୱାସ୍ଥ୍ୟଲାଭ, ଦୂରଯାତ୍ରା ସଫଳ, ବନ୍ଧୁଲାଭ । ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମହାଲକ୍ଷ୍ମୀ ।

**ମିଥୁନ:** ଅର୍ଥଲାଭ, ଯାତ୍ରା ସଫଳ, ଶୁଭଖବର, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁବିରୋଧ, ଦ୍ରବ୍ୟଲାଭ, ଶତ୍ରୁ ପରାଜିତ, ପାରିବାରିକ ଖୁସି, ସନ୍ତାନଲାଭ । ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୭, ଆରାଧନା -ନାରାୟଣ ଭଗବାନ ।

**କର୍କଟ:** ଶୁଭଖବର, ବାଣିଜ୍ୟରେ ଲାଭ, ଦୂରଯାତ୍ରା ସଫଳ, ପାରିବାରିକ ସହଯୋଗ, ବିଦ୍ୟାରେ ସଫଳତା, ଶତ୍ରୁ ସମସ୍ୟାରୁ ମୁକ୍ତି, ବ୍ୟକ୍ତି ସହାୟତା । ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୯, ଆରାଧନା-ମା' ଭଗବତୀ ।

**ସିଂହ:** ମାନସିକ ଅସ୍ଥିରତା, ଧନବ୍ୟୟ, ବନ୍ଧୁଦର୍ଶନ, ଲୋକସମ୍ପର୍କ ବୃଦ୍ଧି, ଶତ୍ରୁ ସମସ୍ୟା, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ଶୁଭଖବର, ପାରିବାରିକ ବିରୋଧ, ସନ୍ତାନ ସମସ୍ୟା । ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୬, ଆରାଧନା-ପ୍ରଭୁ ଜଗନ୍ନାଥ ।

**କନ୍ୟା:** ଅର୍ଥଲାଭ, ମାନସିକ ଶାନ୍ତି, ବନ୍ଧୁଲାଭ, ଦୂରଯାତ୍ରା, ଅନୁଷ୍ଠାନରୁ ଖୁସି, ନୂତନ କାର୍ଯ୍ୟରେ ସନ୍ତୁଷ୍ଟ, ନୂତନ କର୍ମନିଯୁକ୍ତି, ସନ୍ତାନଲାଭ । ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୯, ଆରାଧନା-ପ୍ରଭୁ ଗଣେଶ ।

**ତୁଳା:** ହତୋତ୍ସାହ, କିଛି କାର୍ଯ୍ୟରେ ସମସ୍ୟା, ଦାମ୍ପତ୍ୟକଳହ, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁଲାଭ, ଦେବଭକ୍ତି, ସନ୍ତାନସମସ୍ୟା । ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା-ଶଙ୍କର ଭଗବାନ ।

**ବିଛା:** ଯାତ୍ରାରେ ବିଳମ୍ବ, ସ୍ୱାସ୍ଥ୍ୟସମସ୍ୟା, ବାଣିଜ୍ୟେ ସ୍ୱଳ୍ପ ଲାଭ, ସମ୍ପତ୍ତିବିବାଦ, ସ୍ୱାଦିଷ୍ଟ ଭୋଜନ, ଦେବଦର୍ଶନ, ବ୍ୟକ୍ତି ସହାୟତା । ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୪, ଆରାଧନା-ନୃସିଂହ ଭଗବାନ ।

**ଧନୁ:** ମାନସିକ କଷ୍ଟ, ଲୋକସମ୍ପର୍କ ବୃଦ୍ଧି, ଅର୍ଥଲାଭ, ସମ୍ମାନଲାଭ, ଦେବକାର୍ଯ୍ୟ ସଫଳ, ପିତାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ, ସମସ୍ୟା ସମାଧାନ । ମୂଳା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୮, ଆରାଧନା-ମହାଲକ୍ଷ୍ମୀ ।

**ମକର:** କିଛି କାର୍ଯ୍ୟରେ ବିରୋଧ, ଶୁଭକାର୍ଯ୍ୟରେ ଧନବ୍ୟୟ, ଲୋକସମ୍ପର୍କ ବୃଦ୍ଧି, ଦେବଦର୍ଶନ, ମାନସିକ ଶାନ୍ତି, ଦାମ୍ପତ୍ୟଖୁସି, ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ, ଉତ୍ସବକୁ ନେଇ ଖୁସି । ଶ୍ରବଣା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୭, ଆରାଧନା- ମା' ଦକ୍ଷିଣକାଳୀ ।

**କୁମ୍ଭ:** ଅର୍ଥଲାଭ, ସ୍ୱାସ୍ଥ୍ୟଚିନ୍ତା, ପାରିବାରିକ ସହଯୋଗ, ଲୋକସମ୍ପର୍କ ବୃଦ୍ଧି, ଈଶ୍ୱରଭକ୍ତି, ସମ୍ମାନହାନି, ସନ୍ତାନଲାଭ, ଅଯଥା ଖର୍ଚ୍ଚ, ବ୍ୟବସାୟରେ ଉନ୍ନତି । ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣି, ସଂଖ୍ୟା-୭, ଆରାଧନା-ମା' ମଙ୍ଗଳା ।

**ମୀନ:** ସାମାନ୍ୟ ଲାଭ, ବନ୍ଧୁଗୃହେ ଯାତ୍ରା, ଦ୍ରବ୍ୟଲାଭ, ସନ୍ତାନଲାଭ, ବନ୍ଧୁବିରୋଧ, ଶତ୍ରୁ ସମସ୍ୟା, ନୂତନ ଖବର, ଗୃହେ ସହଯୋଗ । ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ମା' ଗୌରୀ ।

ଭାଦ୍ରବ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ
୨୫.୯.୨୦୨୬, ଶୁକ୍ରବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୫୦
ତିଥି: ଚତୁର୍ଦ୍ଦଶୀ
୨୫ ସେପ୍ଟେମ୍ବର ୨୦୨୬, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 350
25 September 2026, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur


## ଦୁର୍ବଳ ହେଲା ଗଭୀର ଅବପାତ

# ଦକ୍ଷିଣରେ ସ୍ଥିତି ବେହାଲ



ଭୁବନେଶ୍ୱର, ୨୪।୯ (ସବ୍ୟୁ) : ଗଭୀର ଅବପାତ ଦୁର୍ବଳ ହୋଇ ଅବପାତରେ ପରିଣତ ହୋଇଛି । ତେବେ ଓଡ଼ିଶାରେ ଏହାର ପ୍ରଭାବ ସିଧାସଳଖ ପଡ଼ି ନଥିଲେ ମଧ୍ୟ ପ୍ରବଳ ବର୍ଷାରୁ ବର୍ତ୍ତି ନଥିଲା । ତିନିଦିନ ଧରି ଲଗାଣ ବର୍ଷା ଧନ-ଜୀବନ ବେହାଲ କରିଛି । ବିଶେଷକରି ଦକ୍ଷିଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ଫଳରେ ବିଭିନ୍ନ ଜଳମଗ୍ନ ହୋଇଛି। ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ହୋଇଥିବାବେଳେ କଚ୍ଚା ଘର ଭାଙ୍ଗିବା ସହ ବହୁ ସ୍ଥାନରେ ବଡ଼ବଡ଼ ଗଛମାନ ଉପୁଡ଼ି ପଡ଼ିଛି । ଶୁକ୍ରବାର ଲାଗି ବର୍ଷା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ପ୍ରବଳ ବର୍ଷା ଲାଗି ଆସନ୍ତାକାଲି ଅର୍ଥାତ ୨୫ ତାରିଖରେ ୫ ଜିଲ୍ଲାରେ ସ୍କୁଲ ଛୁଟି ଘୋଷଣା କରାଯାଇଛି ।

ଗୁରୁବାର ସକାଳ ସାଢ଼େ ୮ଟା ସୁଦ୍ଧା ସିମିଳିଗୁଡ଼ାରେ ସର୍ବାଧିକ ୧୯୩ ମିମି ବର୍ଷା ହୋଇଥିବାବେଳେ ଚିତ୍ରକୋଣ୍ଡାରେ ୧୬୮ ମିମି, ମହେନ୍ଦ୍ରଗଡ଼ାରେ ୧୫୩ ମିମି, ଟାଙ୍ଗିରେ ୧୪୨ ମିମି, ଜି.ଉଦୟଗିରିରେ ୧୨୫ ମିମି, ପାରଳାଖେମୁଣ୍ଡିରେ ୧୨୧ ମିମି, ଗୋସାଣିରେ ୧୨୦ ମିମି, ବାଙ୍କୀରେ ୧୧୨ ମିମି, ଘାସିପୁରାରେ ୧୧୦ ମିମି ବର୍ଷା ରେକର୍ଡ଼ କରାଯାଇଛି । ସେହିପରି ଗୁରୁବାର ସନ୍ଧ୍ୟା ସାଢ଼େ ୫ଟା ସୁଦ୍ଧା ୯୫ ମିମି ବର୍ଷା ରେକର୍ଡ଼ ହୋଇଥିବାବେଳେ ମାଲକାନଗିରିରେ ୮୬ ମିମି, ନବରଙ୍ଗପୁରରେ ୭୩ ମିମି, ଦାରିଙ୍ଗିବାଡ଼ିରେ ୬୪ ମିମି ଓ ଭବାନୀପାଟଣାରେ ( ୯ ପୃଷ୍ଠାରେ)

### ଶିଆଳି, ରାମତରାରେ କୂଳ ଲଙ୍ଘିଲା ସମୁଦ୍ର

ପାରାଦୀପ, ୨୪।୯ (ଜି ପ୍ର) : ଜଗତସିଂହପୁର ଜିଲା ଶିଆଳି ଓ ରାମତରା ନିକଟରେ କୂଳ ଲଙ୍ଘିଲା ସମୁଦ୍ର । ରାମତରା ମୀରା ସି-ବିଚ୍‌ରେ ବାଲି ବସ୍ତା ଭାଙ୍ଗି ୧୦୦ ଫୁଟର ବିରାଟ ଘାଇ ସୃଷ୍ଟି ହୋଇଛି । ଗତବର୍ଷ ମଧ୍ୟ ଠିକ୍ ଏହି ସ୍ଥାନରେ ଘାଇ ହୋଇଥିଲା ଏବଂ ଏବେ ପୁଣିଥରେ ବାଲି ବସ୍ତା ଭାଙ୍ଗି ସେହି ସ୍ଥାନରେ ଘାଇ ସୃଷ୍ଟି ହୋଇଛି । ଏହି ଘାଇ ଦେଇ ସମୁଦ୍ରର ଲୁଣା ପାଣି ସିଧାସଳଖ ନଦୀ ଏବଂ ବ୍ୟାପକ ଚାଷ ଜମିରେ ପଶିଯାଇଛି । ଚାଷ ଜମିରେ ( ୯ ପୃଷ୍ଠାରେ)

### ମାଲକାନଗିରି ପୋଲ ଉପରେ ୫ ଫୁଟ ବନ୍ୟାଜଳ

ମାଲକାନଗିର, ୨୪।୯ (ସବ୍ୟୁ) : ଲଗାଣ ବର୍ଷା ଯୋଗୁଁ ମାଲକାନଗିରି ଜିଲ୍ଲାରେ ଜନଜୀବନ ବେହାଲ ହୋଇପଡ଼ିଥିଲା । ବିଭିନ୍ନ ରାସ୍ତା ଓ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । ୩୨୬ ନମ୍ବର ଜାତୀୟ ରାଜପଥର କାଙ୍ଗୁରୁକୋଣ୍ଡା, କନ୍ୟାଶ୍ରମ, ପୋଟେରୁ ଓ ଏମ୍ଭି- ୯୬ ପୋଲ ଉପରେ ୪ରୁ ୫ ଫୁଟ ଉଚ୍ଚରେ ଏବଂ ନର୍ସରୀ ପୋଲ ଉପରେ ୩ରୁ ୪ ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଥିଲା । ଫଳରେ ମାଲକାନଗିରିରୁ କାଲିମେଳା, ମୋଟୁ ଓ ହାଇଦ୍ରାବାଦ ଅଭିମୁଖେ ଯାନବାହନ ଚଳାଚଳ ଠପ ହୋଇଥିବା ବେଳେ ରାସ୍ତାର ଉଭୟ ପାଶ୍ୱର୍ରେ ଶହ ଶହ ଯାନବାହନ ଅଟକି ରହିଥିଲା । ଏହାସହ ମାଲକାନଗିରି-କୋରାପୁଟ ରାସ୍ତାର ପାଙ୍ଗାମ ପୋଲ ବନ୍ୟାଜଳରେ ବୁଡ଼ିଯାଇଥିବାରୁ ଦୁଇ ଜିଲ୍ଲା ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା ।ଅନ୍ୟପକ୍ଷରେ, ବାୟାପଡ଼ା ଘାଟିରେ ଭୁସ୍ଖଳନ ହୋଇଥିଲା । ( ୯ ପୃଷ୍ଠାରେ)

#### ବାୟାପଡ଼ା ଘାଟିରେ ଭୁସ୍ଖଳନ

# ଏସିଆନ୍ ଗେମ୍ସ : ରିଲେରେ ରୌପ୍ୟ



ନାଗୋୟା, ୨୪।୯ (ଏଜେନ୍ସି) : ଏସିଆନ ଗେମ୍ସରେ ଭାରତର ପଦକ ଯାତ୍ରା ଜାରି ରହିଛି। ଦୌଡକୁଦରେ ମଧ୍ୟ ଭାରତୀୟ କ୍ରୀଡାବିତ୍ ପଦକ ଚମକ ଆଣିଛନ୍ତି। ୪ଗୁଣା ୪୦୦ ମିଟର ମିକ୍ସଡ ରିଲେ ଇଭେଣ୍ଟରେ ଭାରତକୁ ରୌପ୍ୟ ପଦକ ମିଳିଛି। ବିଥୟା ରାମରାଜଙ୍କ ଜମାଣିଆ ଦୌଡ ଯୋଗୁ ଭାରତ ରୌପ୍ୟ ସଫଳତା ପାଇଛି। କେବଳ ଦୌଡକୁଦ ନୁହେଁ, ଉଷୁ, ରୋଇଂ, ସୁଟିଂ ଏବଂ ୧୦ ହଜାର ମିଟର ମହିଳା ରେସ୍ ୱାକରେ ଭାରତକୁ ପଦକ ସଫଳତା ମିଳିଛି। ଷଷ୍ଠ ଦିନ ଏପର୍ଯ୍ୟନ୍ତ ଭାରତୀୟ ପ୍ରତିଯୋଗୀ ଦୁଇଟି ରୌପ୍ୟ ଓ ତିନୋଟି ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ମୋଟ ଉପରେ ଭାରତୀୟ ପ୍ରତିଯୋଗୀ ୧୭ ଟି ପଦକ ହାସଲ କରିଛନ୍ତି। ଏଥିରେ କେବଳ ଗୋଟିଏ ସ୍ୱର୍ଣ୍ଣ ପଦକ ରହିଛି।

ରିଲେ ବର୍ଗରେ ବାହାରିନ୍ ସ୍ୱର୍ଣ୍ଣ ପଦକ ଜିତିଛି। ଭାରତର ବିଶାଲ, ଓଭାମା ରାଜୁ, ମନୁ ଓ ରାମରାଜଙ୍କୁ ନେଇ ଗଠିତ ଭାରତୀୟ ମିକ୍ସଡ ଦଳ ୪୦୦ ମିଟର ରିଲେକୁ ୩ ମିନିଟ ୧୪.୪୬ ସେକେଣ୍ଡରେ ଅତିକ୍ରମ କରି ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ପଦକ ହାସଲ କରିଛି। ଏହି ମିକ୍ସଡ ଟିମ୍ ୨୦୨୩ ( ୯ ପୃଷ୍ଠାରେ)

# ଲଗାଣ ବର୍ଷାରେ ୬ ଜିଲ୍ଲା ପ୍ରଭାବିତ



- ୮ ହଜାରରୁ ଅଧିକ ସ୍ଥାନାନ୍ତର
- ୫ ଅଫିସରଙ୍କୁ କ୍ଷେତ୍ରକୁ ପଠାଗଲା
- ବଡ ଧରଣର କ୍ଷୟକ୍ଷତିର ରିପୋର୍ଟ ନାହିଁ

ଭୁବନେଶ୍ୱର, ୨୪।୯ (ସବ୍ୟୁ) : ଗଭୀର ଅବପାତ ଯୋଗୁଁ ବିଭିନ୍ନ ସ୍ଥାନରେ ଜାରି ରହିଥିବା ଲଗାଣ ବର୍ଷା ଯୋଗୁ କୋରାପୁଟ, ଗଞ୍ଜାମ, ମାଲକାନଗିରି, ଗଜପତି, ନବରଙ୍ଗପୁର ଓ ରାୟଗଡା ପ୍ରଭାବିତ ହୋଇଛି। ସ୍ଥିତି ଅନୁଧାନ ପାଇଁ ଗତକାଲି ଦୁଇଜଣ ମନ୍ତ୍ରୀ ପ୍ରଭାବିତ ଜିଲ୍ଲାକୁ ଯାଇଥିବାବେଳେ ୫ ଅଫିସରଙ୍କୁ କ୍ଷେତ୍ରକୁ ପଠାଯାଇଛି । ସରକାରୀ ତଥ୍ୟ ଅନୁସାରେ ୬ ଜିଲ୍ଲାର ୩୭ ବ୍ଲକ୍, ୧୨୭ ପଞ୍ଚାୟତ, ୨୭୩ ଗାଁ ପ୍ରଭାବିତ ହୋଇଥିବାବେଳେ ୫ ସହରାଞ୍ଚଳର ୨୦ ୱାର୍ଡ ପ୍ରଭାବିତ ହୋଇଛି । ୮୨୦୫ ଜଣ ଲୋକ ପ୍ରଭାବିତ ହୋଇଥିବାବେଳେ ୮୦୨୨ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ।

ମନ୍ତ୍ରୀ କହିଛନ୍ତି ଯେ ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶ ଉପରେ ସୃଷ୍ଟ ଗଭୀର ଅବପାତ ୨୩ ସେପ୍ଟେମ୍ବର ରାତି ୧୧ଟାରୁ ୨୪ ସେପ୍ଟେମ୍ବର ରାତି ୧ଟା ମଧ୍ୟରେ କଳିଙ୍ଗପଟ୍ଟନମର ଦକ୍ଷିଣ-ପଶ୍ଚିମ ନିକଟବର୍ତ୍ତୀ ଅଞ୍ଚଳ ଦେଇ ଉପକୂଳ ଅତିକ୍ରମ କରିଛି । ଏହି ସମୟରେ ଏହାର ସର୍ବାଧିକ ସ୍ଥାୟୀ ପବନ ବେଗ ଘଣ୍ଟାପ୍ରତି ୫୫–୬୫ କି.ମି. ଥିବାବେଳେ ଝଟକା ପବନର ବେଗ ଘଣ୍ଟାପ୍ରତି ୭୫ କି.ମି. ପର୍ଯ୍ୟନ୍ତ ରହିଥିଲା ।

ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶ ଉପରେ ସୃଷ୍ଟ ଗଭୀର ଅବପାତ ଗତ ୬ ଘଣ୍ଟା ମଧ୍ୟରେ ଘଣ୍ଟାପ୍ରତି ୭ କି.ମି. ବେଗରେ ଉତ୍ତର-ପଶ୍ଚିମ ଦିଗକୁ ଗତି କରିଛି । ଆଜି, ୨୪ ସେପ୍ଟେମ୍ବର ୨୦୨୬, ସକାଳ ୮ଟା ୩୦ ( ୯ ପୃଷ୍ଠାରେ)

## ଡିଜିପି ଚୟନ ମାମଲା ଶୁଣାଣି ମଙ୍ଗଳବାରକୁ ଘୁଞ୍ଚିଲା

ନୂଆଦିଲ୍ଲୀ, ୨୪।୯ : ରାଜ୍ୟର ପରବର୍ତ୍ତୀ ଡିଜିପି ଚୟନ ମାମଲାର ଶୁଣାଣି ଥରକୁ ଥର ଘୁଞ୍ଚିବାରେ ଲାଗିଛି । ଆଜି ଏହି ମାମଲାର ଶୁଣାଣି ହୋଇଥିଲା, ହେଲେ ଏହାର ପରବର୍ତ୍ତୀ ଶୁଣାଣି ମଙ୍ଗଳବାରକୁ ଘୁଞ୍ଚାଇଦିଆଯାଇଛି । ତେବେ ସୁପ୍ରିମକୋର୍ଟ ଡିଜିପି ପଦବୀ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ସୁପାରିଶ କରାଯାଇଥିବା ନାମ ଓ ଜଣେ ଅଫିସରଙ୍କ ସଚୋଟତା ପ୍ରମାଣପତ୍ର ରୋକିବା ଅର୍ଥ ହେଉଛି ନିର୍ଦ୍ଦେଶ ବ୍ୟକ୍ତିକୁ ଆଗୁଆ ଅଭିଯୁକ୍ତ କରିବା ସହ ଘୋଡା ଆଗରେ ଗାଡି ଯୋଚିବା ସଦୃଶ ବୋଲି ଟିପ୍ପଣୀ ଦେଇଛନ୍ତି ।

ପ୍ରଧାନବିଚାର ପତି ସୂର୍ଯ୍ୟକାନ୍ତ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚି, ଜଷ୍ଟିସ୍ ଭି ମୋହନାଙ୍କ ତିନିଜଣିଆ ଖଣ୍ଡପୀଠ ଲଗାତାର ୩ ଦିନ ଧରି ଏହି ମାମଲାର ଶୁଣାଣି କରିଥିଲେ। ଆଜି ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ସଲିସେଟର ଜେନେରାଲ ତୁଷାର ମେହେଟ୍ଟା ଯୁକ୍ତି ବାଢିଥିଲେ ଯେ, ଡିଜିପି ଅବସର ନେବାର ୬ ମାସ ପୂର୍ବରୁ ରାଜ୍ୟ ସରକାର ପୋଲିସ ( ୯ ପୃଷ୍ଠାରେ)

## କଳିଙ୍ଗା ଘାଟିରେ ଭୁଶୁଡିଲା ଗାର୍ଡୱାଲ୍



ଫୁଲବାଣୀ/ଭଞ୍ଜନଗର, ୨୪।୯ (ସବ୍ୟୁ) : କନ୍ଧମାଳ ଜିଲ୍ଲାରେ ଲଘୁଚାପ ବାତ୍ୟା ପ୍ରଭାବରେ ପ୍ରବଳ ବର୍ଷା ଓ ଭୂସ୍ଖଳନ ଆଶଙ୍କା ଥିବାରୁ କଳିଙ୍ଗା ଘାଟି ଦେଇ ଯାତାୟାତ ଉପରେ କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ୨୩ ଓ ୨୪ ତାରିଖ କଟକଣା ଲଗାଯାଇଥିଲା । ତେବେ ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ କନ୍ଧମାଳ ଓ ଗଞ୍ଜାମ ଜିଲ୍ଲାକୁ ସଂଯୋଗ କରୁଥିବା କଳିଙ୍ଗା ଘାଟିର ଅଦ୍ଧାରିକୋଟ ନିକଟରେ ଗୁରୁବାର ନିର୍ମାଣାଧୀନ ଗାର୍ଡୱାଲ୍ ସଂପୂର୍ଣ୍ଣ ରୂପେ ଭୁଶୁଡି ପଡିଥିବା ଦେଖିବାକୁ ମିଳିଛି। ଏହାକୁ ଦୃଷ୍ଟିରେ ରଖି କନ୍ଧମାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ଆଦେଶନାମା ଅନୁଯାୟୀ ଏହି ରାସ୍ତାରେ ଯାତାୟାତ ( ୯ ପୃଷ୍ଠାରେ)

## ଏମ୍‌ଏମ୍‌ଡିଆର୍ ପ୍ରସଙ୍ଗରେ ୩ ଦିନ ହେବ ଗୃହ ଅଚଳ



- ତୃତୀୟ ଦିନରେ ଚାଲିଲା ୧୭ ମିନିଟ୍
- ଓଏମ୍‌ସି ଅଫିସ ଘେରିଲେ ବିଜେଡି ବିଧାୟକ
- ଗାନ୍ଧି ମୂର୍ତ୍ତି ତଳେ କଂଗ୍ରେସର ଧାରଣା

ଭୁବନେଶ୍ୱର, ୨୪।୯ (ସବ୍ୟୁ) : ମୌସୁମୀ ଅଧିବେଶନକୁ ତିନି ଦିନ ବିତିଲା । ତଥାପି ଗୃହ ଚାଲିପାରୁନି । ବିରୋଧୀଙ୍କ ହଟ୍ଟଗୋଳ, ନାରାବାଜି, ହୋହାଲ୍ଲା ଯୋଗୁଁ ବାରମ୍ବାର ଗୃହ ମୁଲତବୀ ହେଉଛି । ଏପରିକି ପ୍ରଶ୍ନକାଳ, ଶୂନ୍ୟକାଳ ଓ ମୁଲତବୀ ପ୍ରସ୍ତାବ ଆଲୋଚନା ହୋଇପାରୁନି । ପ୍ରଥମାର୍ଦ୍ଧରେ ୧୩ ମିନିଟ୍ ଚାଲିଥିବାବେଳେ ଦ୍ୱିତୀୟାର୍ଦ୍ଧରେ ମାତ୍ର ୪ ମିନିଟ୍ ଗୃହ ଚାଲିପାରିଲା ।

ଗୁରୁବାର ପ୍ରଶ୍ନକାଳ ଆରମ୍ଭ ହେବାକ୍ଷଣି ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ସମାନ ପ୍ରସଙ୍ଗରେ ସରକାରକୁ ଘେରିଛନ୍ତି । ଏମ୍‌ଏମ୍‌ଡିଆର୍ ସଂଶୋଧିତ ଆଇନ ପ୍ରତ୍ୟାହାର ଦାବିରେ ( ୯ ପୃଷ୍ଠାରେ)






### ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ କୁମାରଙ୍କୁ ବିରୋଧୀଙ୍କ ଟାର୍ଗେଟ୍

# ଭୋଟ୍ ଚୋରି ଦେଶ ବିରୋଧରେ ଷଡ଼ଯନ୍ତ୍ର : ରାହୁଲ



ନୂଆଦିଲ୍ଲୀ, ୨୪।୯ : ନିର୍ବାଚନ ପ୍ରକ୍ରିୟାରେ କଥିତ ଅନିୟମିତତାକୁ ନେଇ କଂଗ୍ରେସ ନେତା ତଥା ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର ଏବଂ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସେ ‘ଭୋଟ୍ ଚୋରି’ ସହ ‘ଆଇନ୍ ଚୋରି’କୁ ଯୋଡ଼ି ନିର୍ବାଚନର ବୈଧତା ଓ ସଂସଦ ଦ୍ୱାରା ପ୍ରଣୀତ ଆଇନ ନେଇ ପ୍ରଶ୍ନ ଉଠାଇଛନ୍ତି।

କଂଗ୍ରେସ ମୁଖ୍ୟାଳୟରେ ଗୁରୁବାର ସାମ୍ବାଦିକ ସମ୍ମିଳନୀରେ ରାହୁଲ କହିଛନ୍ତି “ଭୋଟ୍ ଚୋରିରୁ ଆଇନ୍ ଚୋରି ହୁଏ। ଯଦି ଭୋଟ୍ ଚୋରି ହୋଇଛି, ତେବେ ସେହି ଭୋଟ୍ ମାଧ୍ୟମରେ ସଂସଦକୁ ନିର୍ବାଚିତ ଆଇନ ପ୍ରଣେତାମାନେ ଯେଉଁ ଆଇନ କିମ୍ବା ପ୍ରତିଷ୍ଠାନଗତ ପରିବର୍ତ୍ତନ କରିଛନ୍ତି, ସେଗୁଡ଼ିକ ମଧ୍ୟ ଅବୈଧ।” ନିର୍ବାଚନ କମିଶନରେ ଆଭ୍ୟନ୍ତରୀଣ ମତଭେଦ ସମ୍ପର୍କିତ ଏକ ରିପୋର୍ଟକୁ ଉଲ୍ଲେଖ କରି ରାହୁଲ ଅଭିଯୋଗ କରିଛନ୍ତି ଯେ, ସିଇସି ଜ୍ଞାନେଶ କୁମାରଙ୍କ ଯୋଗୁଁ ନିର୍ବାଚନ ପ୍ରକ୍ରିୟାରେ କଥିତ ଅବ୍ୟବସ୍ଥା ସୃଷ୍ଟି ହୋଇଛି। ଦୁଇ ନିର୍ବାଚନ କମିଶନର ମଧ୍ୟ ସିଇସିଙ୍କ ଭୂମିକା ନେଇ ଆପତ୍ତି ଉଠାଇଥିବା ସେ ଦାବି କରିଛନ୍ତି।

#### ଭୋଟ୍ ଚୋରି ସହ ଆଇନ୍ ଚୋରିକୁ ଯୋଡ଼ିଲେ

ରାହୁଲ କହିଛନ୍ତି, “ଭୋଟ୍ ଆମ ଦେଶର ମୂଳଦୁଆ। ଆମ ଭୋଟ୍‌କୁ ନଷ୍ଟ କରାଯାଇଛି। ଏହା କେବଳ ଭୋଟ୍ ଉପରେ ଆକ୍ରମଣ ( ୯ ପୃଷ୍ଠାରେ)

### ୪୮ ଘଣ୍ଟାରେ ଜ୍ଞାନେଶଙ୍କ ଇସ୍ତଫା ଦାବି କଲା ସିଜେପି

ନୂଆଦିଲ୍ଲୀ, ୨୪।୯ : ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଛି ‘କକରୋଚ୍ ଜନତା ପାର୍ଟି’ (ସିଜେପି) । ଗୁରୁବାର ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀ କରି ସିଜେପି ପକ୍ଷରୁ ସିଇସିଙ୍କୁ ୪୮ ଘଣ୍ଟାର ସମୟସୀମା ଦିଆଯାଇଛି। ଏହି ସମୟ ମଧ୍ୟରେ ଇସ୍ତଫା ନଦେଲେ ସାରା ଦେଶରେ ବିକ୍ଷୋଭ ଓ ଧାରଣା କରାଯିବ ବୋଲି ସଂଗଠନ ଚେତାବନୀ ଦେଇଛି।

ସିଜେପିର ପ୍ରତିଷ୍ଠାତା ତଥା ଆବାହକ ଅଭିଜିତ ଦିପ୍‌କେ କହିଛନ୍ତି ଯେ, ନୂଆଦିଲ୍ଲୀ ସମେତ ଦେଶର ବିଭିନ୍ନ ସ୍ଥାନରେ ସଂଗଠନ ( ୯ ପୃଷ୍ଠାରେ)

# ୫ ଦାବି ନେଇ ମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶା ଇଞ୍ଜିନିୟରିଂ ଛାତ୍ର ସଂଘ



ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ଇଞ୍ଜିନିୟରିଂ ଛାତ୍ର ସଂଘର କର୍ମକର୍ତ୍ତା ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ତାଙ୍କ ସରକାରୀ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ଓଡ଼ିଶା ଇଂଜିନିୟରିଂ ଛାତ୍ର ସଂଘର କର୍ମକର୍ତ୍ତା ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଯାଇ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରି ପ୍ରମୁଖ ଦାବି ସମ୍ପର୍କରେ ଜାଣିବାକୁ ପାଇଥିଲେ । ଯାହା ସମ୍ପୂର୍ଣ୍ଣ ଭାବେ ଛାତ୍ରଛାତ୍ରୀମାନଙ୍କ ମୌଳିକ ଅଧିକାର ଓ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ବହନ କରୁଛି । ସେହି ପ୍ରମୁଖ ଦାବିକୁ ରାଜ୍ୟ ସରକାରଙ୍କ ସହ ଆଲୋଚନା କରି କିପରି ସମାଧାନ କରାଯିବ ସେ ଦିଗରେ ଆଜି ସଙ୍ଘ ପକ୍ଷରୁ ଓଡିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କୁ ଭେଟିବା ସହ ପ୍ରମୁଖ ଦାବି ସମ୍ପର୍କରେ ଆଲୋଚନା କରିଥିଲେ ।

## ହଜାରେ ଏକର ଗୋଚର ଜମି ଅକ୍ତିଆର, ଜାଣିନି ଗ୍ରାମସଭା

ଭୁବନେଶ୍ୱର, (ସବ୍ୟୁ) : ହଜାରେ ଏକର ଗୋଚର ଜମି ବିଭିନ୍ନ ଉପାୟରେ ଅକ୍ତିଆର ହୋଇଗଲାଣି । କେତେକ ମାଫିଆମାନେ କବ୍‌ଜା କରିଥିବା ବେଳେ ଆଉ କେତେକ ସ୍ଥାନରେ ସରକାରୀ ପ୍ରୋଜେକ୍ଟ ହୋଇଛି । ଗାଁର ଗୋଚର ଜମି ଅକ୍ତିଆର କରିବା ପୂର୍ବରୁ ଗ୍ରାମସଭା ବସିବା କଥା । ଯେଉଁ ଗ୍ରାମସଭା ସରକାରୀ ସ୍ୱୀକୃତିପ୍ରାପ୍ତ । ଗାଁରେ କୌଣସି କାର୍ଯ୍ୟ ହେବା ପୂର୍ବରୁ ଗ୍ରାମସଭାର ଅନୁମତି ଲୋଡାଯାଇଥାଏ । ତାହା ହୋଇନଥିବାରୁ ଗାଡକଣ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସାଙ୍ଗକୁ ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେଉଛନ୍ତି । ଗ୍ରାମବାସୀ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ରାଜଧାନୀ ଉପକଣ୍ଠରେ ରେଭିନ୍ୟୁ ଗ୍ରାମ ଗାଡକଣ । ଆଇନକୁ ଆଖିଠାର ମାରି ୧୨୦୦ ଏକର ସରକାରୀ ଜମିରୁ ୧ ହଜାର ଏକର ଅକ୍ତିଆର ହୋଇଗଲାଣି । ୧୯୧୩ ମସିହା, ୧୯୩୧ ମସିହା, ୧୯୭୧-୭୩ ମସିହା ବନ୍ଦୋବସ୍ତରେ ଗାଡକଣ ଗ୍ରାମରେ ୧୨୦୦ ଏପର ଗୋଚର ଜମି ଥିଲା । ତାହା ୨୦୦୧ ମସିହା ସେଟେଲମେଣ୍ଟ ବେଳକୁ ୨୦୦ ଏକରରେ ପହଞ୍ଚିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହି ଜମି କ୍ରମଶଃ ହ୍ରାସ ପାଇ ୨୦୦ ଏକରରେ ପହଞ୍ଚିବାରେ ଅସାଧୁ ଜମି ମାଫିଆ, କୁଜିନେତା ଓ କେତେକ ସରକାରୀ ଅଫିସରଙ୍କ ହାତ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗ୍ରାମବାସୀଙ୍କ ପକ୍ଷରୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଦପ୍ତର ପର୍ଯ୍ୟନ୍ତ ଅଭିଯୋଗ ହେବା ପରେ ତତ୍କାଳୀନ ମୁଖ୍ୟ ଶାସନ ସଚିବଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ହୋଇଥିଲା । କିନ୍ତୁ କାହା ଚାପରେ ସେହି ତଦନ୍ତ ହୋଇପାରିଲା ନାହିଁ, ତାହା ଗ୍ରାମବାସୀ ପ୍ରଶ୍ନ କରିଛନ୍ତି । ୨୦୨୫ ମସିହାରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଅତିରିକ୍ତ ତହସିଲଦାରଙ୍କୁ ଓଏଲ୍‌ଆର୍ ଧାରା ୮(ଏ) ଅନୁସରଣ କରି ସଠିକ୍ ନ୍ୟାୟ ଦେବାକୁ ନିର୍ଦ୍ଦେଶ ଥିଲେ ମଧ୍ୟ ସେହି ନିର୍ଦ୍ଦେଶ ଅବମାନନା କରାଯାଇଥିବା ଅଭିଯୋଗ ହୋଇଛି । ଗୋଚର ଜମି କୌଣସି ପ୍ରୋଜେକ୍ଟ କିମ୍ବା କେହି ଅକ୍ତିଆର କଲେ ତାହାର କିସମ ପରିବର୍ତ୍ତନ ହେବା କଥା । ଯେପରି ଜଙ୍ଗଲ ଜମିର କିସମ ପରିବର୍ତ୍ତନ କରାଯାଇ ବିଭିନ୍ନ ପ୍ରୋଜେକ୍ଟ ହୋଇଥାଏ । ଆଇନକୁ ଆଖିଠାର ମାରି ଗୋଚର ଜମି ଅକ୍ତିଆର କରିବାକୁ ନେଇ ଗ୍ରାମବାସୀମାନେ ଖୁବ୍‌ଶୀଘ୍ର ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଛନ୍ତି ।

## ରାଜ୍ୟପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ 'ଲହରୀ' ଟିମ୍



ଭୁବନେଶ୍ୱର, (ସବ୍ୟୁ): ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରାପ୍ତ ଓଡ଼ିଆ ଚଳଚ୍ଚିତ୍ର 'ଲହରୀ'ର ପ୍ରଯୋଜିକା ଶ୍ରୀମତୀ ଝିଲିକ ଭଟ୍ଟାଚାର୍ଯ୍ୟ ତଥା ଚଳଚ୍ଚିତ୍ରର ଅନ୍ୟ ସଦସ୍ୟମାନେ ବୁଧବାର ଦିନ ଲୋକଭବନ ଠାରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ଅବସରରେ ରାଜ୍ୟପାଳ 'ଲହରୀ' ଟିମ ସହ ଭାବ ବିନିମୟ କରି ଚଳଚ୍ଚିତ୍ରର ଜାତୀୟ ସ୍ୱୀକୃତି ପାଇଁ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଓ ଏହି ସଫଳତା ଓଡ଼ିଶା ପାଇଁ ଗର୍ବର ବିଷୟ ବୋଲି କହିବା ସହିତ ସମସ୍ତଙ୍କର ପ୍ରୟାସକୁ ପ୍ରଶଂସା କରି ଭବିଷ୍ୟତର କାର୍ଯ୍ୟକ୍ରମରେ ସଫଳତା ପାଇଁ ମଧ୍ୟ ରାଜ୍ୟପାଳ କାମନା କରିଥିଲେ। ଏତଦବ୍ୟତୀତ ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ଅର୍ଥପୂର୍ଣ୍ଣ ଓ ପ୍ରଭାବଶାଳୀ ଚଳଚ୍ଚିତ୍ର ନିର୍ମାଣ ଜାରି ରଖିବା ପାଇଁ ରାଜ୍ୟପାଳ ଉତ୍ସାହିତ କରିଛନ୍ତି ଏବଂ ଯୁବ ପିଢ଼ିକୁ ପ୍ରେରଣା ଦେବା ତଥା ସକାରାତ୍ମକ ପ୍ରଭାବ ପକାଇବା ପାଇଁ ସିନେମାକୁ ଏକ ମାଧ୍ୟମ ଭାବେ ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି । ଜାତୀୟସ୍ତରରେ ଓଡ଼ିଆ ସିନେମାକୁ ପ୍ରୋତ୍ସାହିତ କରିବାରେ ଦଳର ଅବଦାନକୁ ମଧ୍ୟ ରାଜ୍ୟପାଳ ପ୍ରଶଂସା କରିଥିଲେ।

## ଡଟର୍ସ ଡେ ରେ କ୍ଲିନିକ ପ୍ଲସ୍‌ର ବେଟୀ ହୋତୀ ହୈ ମାଁ କୀ ମଜବୂତି

ଭୁବନେଶ୍ୱର (ସବ୍ୟୁ): 'ମାଁ କୀ ମଜବୂରୀ ନହିଁ, ବେଟୀ ହୋତୀ ହୈ ମାଁ କୀ ମଜବୂତୀ' କ୍ଲିନିକ ପ୍ଲସ୍‌ର ନୂଆ ଚଳଚ୍ଚିତ୍ରର କେନ୍ଦ୍ରରେ ରହିଛି ଏହି ଭାବନାଟି । ଡଟର୍ସ ଡେ ପୂର୍ବରୁ କ୍ଲିନିକ ପ୍ଲସ୍ ମାଆ ଓ ଝିଅର ସେହି ସମ୍ପର୍କକୁ ସମ୍ମାନ ଜଣାଉଛି । ଭାରତୀୟ ଘରେ ମାଆମାନେ ସବୁବେଳେ ନିଜ ଝିଅମାନଙ୍କୁ ନିଜ ପାଇଁ ଠିଆ ହେବାକୁ ଓ ନିଜ ସ୍ୱର ଖୋଜି ପାଇବାକୁ ଶିଖାଇ ଆସିଛନ୍ତି ଅଥଚ ସେମାନଙ୍କଠାରୁ ଆଶା କରାଯାଏ ଯେ ସେମାନେ ଚୁପ୍ ରହିବେ, ମାନିନେବେ ଏବଂ ନିରବରେ ସହିଯିବେ। ତଥାପି ଦୁନିଆର ନଜରରୁ ଯାହା ଖସିଯାଏ, ଝିଅ ଠିକ୍ ତାହା ଦେଖିନିଏ। ସେ ମାଆର ଅକୁହା ତ୍ୟାଗକୁ ସହଜରେ ପଢ଼ିପାରେ ଏବଂ କଠିନ ସମୟରେ ତାଙ୍କ ସଂଯମକୁ ନିଜ ଭିତରେ ଧରି ରଖେ। ଏହି ଚଳଚ୍ଚିତ୍ର ଆଜିର ଝିଅକୁ କେବଳ ଲାଳନ-ପାଳନର ସନ୍ତାନ ଭାବେ ନୁହେଁ, ବରଂ ମାଆର ସବୁଠାରୁ ବଡ଼ ଭରସା ଭାବେ ଉପସ୍ଥାପନ କରେ ଏପରି ଜଣେ ବିଶ୍ୱସ୍ତ ସାଥୀ, ଯାହାର ସହାନୁଭୂତି, ନିରବ ଉପସ୍ଥିତି ଓ ବିଶ୍ୱାସ ମାଆଙ୍କୁ ଆଗକୁ ବଢ଼ିବାର ଏବଂ ନିଜକୁ ବାଛିବାର ସାହସ ଦିଏ। ଚଳଚ୍ଚିତ୍ରଟି ଏକ ପୁସ୍ତକ ଉନ୍ମୋଚନ ସମାରୋହକୁ ଘେରି ଗଢ଼ାଯାଇଛି, ଯେଉଁଠି ଜଣେ ଲେଖିକା ନିଜ ଜୀବନରୁ ଜନ୍ମ ନେଇଥିବା କବିତାର ସଂକଳନ ନେଇ ସାମ୍ନାକୁ ଆସନ୍ତି। ତାଙ୍କ ଲେଖାର ପ୍ରେରଣା କିଏ ବୋଲି ପଚରାଯିବା ମାତ୍ରେ ମାଆ କେବଳ ନିଜ ଝିଅ ଆଡ଼କୁ ଇଙ୍ଗିତ କରନ୍ତି। ଏଠାରୁ କାହାଣୀ ପିଲାଦିନର ଏକ ମୁହୂର୍ତ୍ତକୁ ଫେରିଯାଏ।

### କମିଶନରେଟ୍ ପୋଲିସର ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

# ମୁତୟନ ହେବେ ୪୭ ପ୍ଲାଟୁନ ଫୋର୍ସ

ଭୁବନେଶ୍ୱର, (ସବ୍ୟୁ) : କମିଶନରେଟ୍ ପୋଲିସ ମୁଖ୍ୟାଳୟରେ ଗୁରୁବାର



ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଅଧ୍ୟକ୍ଷତା କରିଥିବା ବେଳେ ବିଧାୟକ, ସାଂସଦଙ୍କ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ । ଏମାନଙ୍କ ସହ ୧୯୩ଟି ପୂଜା କମିଟି ଓ ଭସାଣି କମିଟି କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଫିସର ଯୋଗ ଦେଇଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୪୦ ପ୍ଲାଟୁନ ଫୋର୍ସ ମୁତୟନ ହେବାକୁ ଥିବାବେଳେ ରାବଣ ପୋଡି ସମୟରେ ଅତିରିକ୍ତ ୭ ପ୍ଲାଟୁନ ଫୋର୍ସ ମୁତୟନ ରହିବେ ବୋଲି ପ୍ରସ୍ତୁତି ବୈଠକରୁ ସୂଚନା ମିଳିଛି । ଡିସିପି ଓ ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ସୁରକ୍ଷା ବ୍ୟବସ୍ଥା ନିୟନ୍ତ୍ରଣ କରିବେ । ଏମାନଙ୍କ ସହ ଓଡ୍ରାଫ୍, ଅଗ୍ନିଶମ ବାହିନୀ କମାଣ୍ଡୋମାନେ ଉପସ୍ଥିତ ରହିବେ । ମୁଖ୍ୟତଃ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି । ସାଦା ପୋଷାକରେ ମହିଳା ପୋଲିସ ଅଫିସର ମୁତୟନ ରହିବେ । ୮ଟି ସ୍ଥାନରେ ରାବଣ ପୋଡି ହେବ । ଯେଉଁସବୁ ବଡ ପୂଜାମାନଙ୍କରେ ମୀନାବଜାର ଓ ଅନ୍ୟାନ୍ୟ ଦୋଳି ପ୍ରଭୃତି ଲାଗିବ, ସେଥିପ୍ରତି ମଧ୍ୟ ପୋଲିସ ସତର୍କ ନଜର ରଖିବ । ଶ୍ରଦ୍ଧାଳୁମାନେ ଶାନ୍ତିଶୃଙ୍ଖଳାର ସହ ମା'ଙ୍କ ଦର୍ଶନ କରିବା ପୋଲିସର ଲକ୍ଷ୍ୟ ବୋଲି ଜଣେ ପୋଲିସ ଅଫିସର କହିଛନ୍ତି ।

### ଏମଏମଡିଆର ସଂଶୋଧନ ଆଇନ ପ୍ରସଙ୍ଗ

## ୨୮ ରେ ବିଧାନସଭା ସମ୍ମୁଖରେ ବିଶାଳ ବିକ୍ଷୋଭ ସଭା କରିବ ବିଜେଡି

ଭୁବନେଶ୍ୱର, (ସବ୍ୟୁ): ଏମଏମଡିଆର ସଂଶୋଧନ ଆଇନ କେନ୍ଦ୍ର ସରକାରଙ୍କ ଦ୍ୱାରା ପାରିତ ହେବା ପରେ, ଏହାକୁ ତୀବ୍ର ବିରୋଧ କରି ଆସୁଥିବା ବିଜୁ ଜନତା ଦଳ ଏହି କଳା ଆଇନର ପ୍ରତ୍ୟାହାର ଦାବିରେ ରାଜରାସ୍ତାକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛି । ଆସନ୍ତା ସେପ୍ଟେମ୍ବର ୨୮ ତାରିଖରେ, ବିଜୁ ଜନତା ଦଳ ତରଫରୁ ଲୋୟର ପିଏମଜିରେ ଏକ ବିଶାଳ ଗଣ ବିକ୍ଷୋଭ ସଭା କାର୍ଯ୍ୟକ୍ରମ ଆୟୋଜିତ ହେବ ଓ ଏଥିରେ ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେବେ ବୋଲି ଦଳ ତରଫରୁ ସୂଚନା ଦିଆଯାଇଛି । ଶଙ୍ଖ ଭବନରେ ଗୁରୁବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଉପସଭାପତି ପ୍ରତାପ ଜେନା, ବିଧାୟକ ଡ. ଅରୁଣ କୁମାର ସାହୁ, ପୂର୍ବତନ ମନ୍ତ୍ରୀ ତଥା ପିଏସି ସଦସ୍ୟ ସୁଦାମ ମାରାଣ୍ଡି ଓ ବରିଷ୍ଠ ସାଧାରଣ ସମ୍ପାଦକ ପ୍ରୀତି ରଞ୍ଜନ ଘଡ଼ାଇ ଏମଏମଡିଆର ସଂଶୋଧନ ଆଇନ ଏକ କଳା ଆଇନ ବୋଲି କହିବା ସହିତ ଏହାର ପ୍ରତ୍ୟାହାର ଦାବିରେ ବିଜେଡି ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ସୂଚନା ଦେଇଥିଲେ । ଦେବୀ ପ୍ରସାଦ ମିଶ୍ର କହିଥିଲେ, ଖଣି ଓ ଖଣି ଥିବା ଜମି ଉପରେ ଥିବା ରାଜ୍ୟ ମାନଙ୍କ ଅଧିକାରକୁ ଏମଏମଡିଆର ସଂଶୋଧନ ଆଇନ ମାଧ୍ୟମରେ କେନ୍ଦ୍ର ସରକାର ଛଡାଇ ନେଇଛନ୍ତି, ଯାହା ଦେଶର ସଂଘୀୟ ବ୍ୟବସ୍ଥା ଉପରେ ଆକ୍ରମଣ । ଦେଶର ଗଚ୍ଛିତ ଥିବା ସମୁଦାୟ ଖଣିଜ ସମ୍ପଦ ମଧ୍ୟରୁ କେବଳ ଓଡ଼ିଶାରେ ଏହାର ୪୪ ପ୍ରତିଶତ ଖଣିଜ ସମ୍ପଦ ରହିଥିବାରୁ, ଏହି ସଂଶୋଧିତ ଆଇନ ଯୋଗୁ ଓଡିଶା ସର୍ବାଧିକ କ୍ଷତି ସହିତ । ତେଣୁ, ଏହାର ପ୍ରତ୍ୟାହାର ଦାବିରେ ବିଜେଡି ଆସନ୍ତା ୨୮ ତାରିଖରେ ଲୋୟର ପିଏମଜି ଠାରେ ଏକ ବିଶାଳ ଗଣବିକ୍ଷୋଭ ସଭା ଆୟୋଜିତ ହେବ, ଯେଉଁଥିରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଯୋଗଦେବେ । ପ୍ରତାପ ଜେନା, ଡ. ଅରୁଣ କୁମାର ସାହୁ, ସୁଦାମ ମାରାଣ୍ଡି ଓ ପ୍ରୀତି ରଞ୍ଜନ ଘଡାଇ ଏମଏମଡିଆର ସଂଶୋଧନ ଆଇନ ସିଧାସଳଖ ଓଡିଶାକୁ ବିପୁଳ କ୍ଷତି ପହଞ୍ଚାଉ ଥିବା ବେଳେ ସଂସଦର ଲୋକସଭାରେ ଥିବା ବିଜେପିର ୨୦ ସାଂସଦ ଓ ରାଜ୍ୟସଭାରେ ଥିବା ୫ ସାଂସଦ ନିରବ ସମର୍ଥନ ଦେଇଥିଲେ । ଅପରପକ୍ଷରେ, ଓଡ଼ିଶାର ବିଜେପି ସରକାର ମଧ୍ୟ କେନ୍ଦ୍ର ସରକାରଙ୍କର ଆଗରେ ହାତ ଟେକିଦେଲେ । ବିଜେଡି ଏହାକୁ ବିଧାନସଭା ଭିତରେ ଜୋରଦାର ବିରୋଧ କରିଛି । ଏହା ବିରୋଧରେ ରାଜ୍ୟବ୍ୟାପୀ ଆନ୍ଦୋଳନ ଓ ଅର୍ଥନୈତିକ ଅବରୋଧ କରାଯିବ ।

# ଓଡ଼ିଶା ପାଇଁ ସ୍ଥାୟୀ ସହରୀ ଯାତାୟତ ପରିବର୍ତ୍ତନ ଯୋଜନା ପ୍ରସ୍ତୁତି କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏସିଆନ୍ ଡେଭେଲପମେଣ୍ଟ ବ୍ୟାଙ୍କ ସହଯୋଗରେ "ଓଡ଼ିଶା ପାଇଁ ସ୍ଥାୟୀ ସହରୀ ଯାତାୟାତ ପରିବର୍ତ୍ତନ ଯୋଜନା ପ୍ରସ୍ତୁତି" ଶୀର୍ଷକ ଏକ କର୍ମଶାଳା ଖାରବେଳ ଭବନଠାରେ ଅନୁଷ୍ଠିତ ହୋଇଛି । ଏହି ପଦକ୍ଷେପର ଉଦ୍ଦେଶ୍ୟ ଭୁବନେଶ୍ୱର–କଟକ–ପୁରୀ–ପାରାଦୀପ ଆର୍ଥିକ ଅଞ୍ଚଳ ପାଇଁ ଏକ ବ୍ୟାପକ ଓ ସ୍ଥାୟୀ ସହରୀ ଯାତାୟାତ ଢାଞ୍ଚା ପ୍ରସ୍ତୁତ କରିବା । ଏଥିରେ ଆଞ୍ଚଳିକ ଯାତାୟାତ ଯୋଜନା, ସାର୍ବଜନୀନ ବସ୍ ସେବାର ରୂପାନ୍ତରଣ ଏବଂ ସ୍ଥାୟୀ ସହରୀ ପରିବହନ ପାଇଁ ଅନୁଷ୍ଠାନିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯିବ । ଏହି ପଦକ୍ଷେପ ଓଡ଼ିଶା ଭିଜନ୍ ୨୦୩୬ ଏବଂ ଭିଜନ୍ ୨୦୪୭ର ଦୀର୍ଘମିଆଦୀ ଲକ୍ଷ୍ୟ ସହ ସମନ୍ୱିତ । କର୍ମଶାଳାରେ ଏଡିବି ଟିମ୍ ପକ୍ଷରୁ ଇନସେପସନ୍ ରିପୋର୍ଟର ପ୍ରମୁଖ ନିଷ୍କର୍ଷ ଓ ସୁପାରିଶ ଉପସ୍ଥାପନ କରାଯାଇଥିଲା । ବିକେପିପିଇଆର ପାଇଁ ସମନ୍ୱିତ ଆଞ୍ଚଳିକ ଯାତାୟାତ ଯୋଜନା, ବସ୍ ସେବା ରୂପାନ୍ତରଣ ରୋଡ୍‌ମ୍ୟାପ୍ ଏବଂ ପ୍ରସ୍ତାବିତ ଓଡ଼ିଶା ଟ୍ରାଞ୍ଜିଟ୍-ଓରିଏଣ୍ଟେଡ୍ ଡେଭେଲପମେଣ୍ଟ ନୀତି ଉପରେ ଆଲୋଚନା ହୋଇଥିଲା । ବିଭିନ୍ନ ବିଭାଗ ଓ ଅଂଶୀଦାରମାନେ ଏଥିରେ ନିଜ ନିଜ ମତାମତ ରଖିଥିଲେ ।

ପ୍ରାରମ୍ଭରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀମତୀ ଉଷା ପାଢ଼ୀ ଆୟୋଜିତ କର୍ମଶାଳା ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ, ଏହା କେବଳ ଏକ ଦସ୍ତାବିଜ ପ୍ରସ୍ତୁତିରେ ସୀମିତ ନ ରହି ସମସ୍ତ ଅଂଶୀଦାରଙ୍କ ସହଭାଗିତାରେ ଏକ କାର୍ଯ୍ୟକାରୀ ଓ ରୂପାୟଣଯୋଗ୍ୟ ଢାଞ୍ଚାରେ ପରିଣତ ହେବା ଆବଶ୍ୟକ । ସେବା ଜୀବନର ପ୍ରାରମ୍ଭିକ ଦିନରେ ଓଡ଼ିଶାର ଏକ ଦୁର୍ଗମ ଅଞ୍ଚଳରେ ନିଜର ଅଭିଜ୍ଞତାର ଉଦାହରଣ ଦେଇ ସେ କହିଥିଲେ ଯେ, ଯାତାୟାତ ସୁବିଧାର ଅଭାବ ଲୋକଙ୍କ ମୌଳିକ ସେବା ଓ ଆର୍ଥିକ ସୁଯୋଗ ପାଇବାରେ ପ୍ରଭାବ ପକାଇଥାଏ । ଶ୍ରୀମତୀ ପାଢୀ କହିଥିଲେ ଯେ, ଯାତାୟାତ ବ୍ୟବସ୍ଥା ଲୋକଙ୍କ ପହଞ୍ଚ, ଉତ୍ପାଦକତା ଓ ଜୀବନମାନ ସହ ଘନିଷ୍ଠ ଭାବେ ଜଡ଼ିତ । ଓଡ଼ିଶା ଦ୍ରୁତ ସହରୀକରଣର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟକୁ ପ୍ରବେଶ କରୁଥିବାରୁ ଦୂରଦୃଷ୍ଟିସମ୍ପନ୍ନ ଓ ସମନ୍ୱିତ ଯୋଜନାର ଆବଶ୍ୟକତା ରହିଛି । ଏଡିବିର ଟ୍ରାନ୍ସପୋର୍ଟ ସେକ୍ଟର ଅଫିସ୍‌ର ନିର୍ଦ୍ଦେଶକ ଶ୍ରୀ କାଞ୍ଜୋ ନାକାଇ ଯାତାୟାତ, ସହରୀ ଉତ୍ପାଦକତା ଓ ବିକାଶ ମଧ୍ୟରେ ଥିବା ଗଭୀର ସମ୍ପର୍କ ଉପରେ ଆଲୋକପାତ କରିଥିଲେ । କର୍ମଶାଳାରେ ପରିବହନ କମିଶନର ଅମିତାଭ ଠାକୁର, ମ୍ୟୁନିସିପାଲ୍ ଆଡମିନିଷ୍ଟ୍ରେସନ୍ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, କୁଟ୍‌ର ପରିଚାଳନା ନିର୍ଦ୍ଦେଶକ ମହମ୍ମଦ ସିଦ୍ଦିକ୍ ଆଲମ୍, ଇଡକୋର ପରିଚାଳନା ନିର୍ଦ୍ଦେଶକ ଡି. ପ୍ରଶାନ୍ତ ରେଡ୍ଡୀ ଏବଂ ବିଡିଏ ର ଉପାଧ୍ୟକ୍ଷ ଚଞ୍ଚଳ ରାଣାଙ୍କ ସମେତ ୱର୍କ୍ସ ବିଭାଗ ସମେତ ଅନ୍ୟାନ୍ୟ ଅଂଶୀଦାରମାନେ ଅନଲାଇନ୍ ମାଧ୍ୟମରେ ଯୋଗଦେଇଥିଲେ ।



## ପାର୍ବଣ ଋତୁରେ ଅତିରିକ୍ତ ଯାତ୍ରୀ ଭିଡ଼କୁ ଦୃଷ୍ଟିରେ ରଖି ପୂଜା ସ୍ପେଶାଲ ଟ୍ରେନ

ଭୁବନେଶ୍ୱର, (ସବ୍ୟୁ): ଆଗାମୀ ଦୁର୍ଗାପୂଜା ଓ ଦୀପାବଳି ଉତ୍ସବ ସମୟରେ ଯାତ୍ରୀ ଭିଡ଼ ବୃଦ୍ଧିର ସମ୍ଭାବନାକୁ ଦୃଷ୍ଟିରେ ରଖି, ଯାତ୍ରୀମାନଙ୍କ ସୁବିଧାଜନକ ଯାତ୍ରା ଏବଂ ଅତିରିକ୍ତ ଭିଡ଼ ନିୟନ୍ତ୍ରଣ ପାଇଁ ଗୁରୁତ୍ୱପୂର୍ଣ୍ଣ ମାର୍ଗରେ ପୂଜା ସ୍ପେଶାଲ ଟ୍ରେନ୍ ଚଳାଚଳ କରାଯିବ। ପୁରୀ–ସାନ୍ତ୍ରାଗାଛି–ପୁରୀ ପୂଜା ସ୍ପେଶାଲ ଟ୍ରେନ୍ ନଂ. ୦୮୪୦୫ ପୁରୀ–ସାନ୍ତ୍ରାଗାଛି ପୂଜା ସ୍ପେଶାଲ ୫ ଅକ୍ଟୋବରରୁ ୨୬ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ପ୍ରତି ସୋମବାର ଚଳାଚଳ କରିବ। ସେହିପରି, ଟ୍ରେନ୍ ନଂ. ୦୮୪୦୬ ସାନ୍ତ୍ରାଗାଛି–ପୁରୀ ପୂଜା ସ୍ପେଶାଲ ୬ ଅକ୍ଟୋବରରୁ ୨୭ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ପ୍ରତି ମଙ୍ଗଳବାର ଚଳାଚଳ କରିବ। ଟ୍ରେନ୍ ନଂ. ୦୮୪୦୫ ପୁରୀରୁ ସନ୍ଧ୍ୟା ୫:୪୫ ରେ ଛାଡ଼ି ପରଦିନ ଭୋର ୦୩:୪୫ ରେ ସାନ୍ତ୍ରାଗାଛିରେ ପହଞ୍ଚିବ। ଫେରିବା ସମୟରେ ଟ୍ରେନ୍ ନଂ. ୦୮୪୦୬ ସାନ୍ତ୍ରାଗାଛିରୁ ସକାଳ ୦୮:୪୫ ରେ ଛାଡ଼ି ସନ୍ଧ୍ୟା ୦୭ :୦୦ ରେ ପୁରୀରେ ପହଞ୍ଚିବ। ଏହି ଟ୍ରେନ୍‌ଗୁଡ଼ିକ ସାକ୍ଷୀଗୋପାଳ, ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ, ଯାଜପୁର କେନ୍ଦୁଝର ରୋଡ୍, ଭଦ୍ରକ, ବାଲେଶ୍ୱର, ରୂପସା, ଜଲେଶ୍ୱର, ବେଲଦା ଏବଂ ଖଡ଼ଗପୁର ଷ୍ଟେସନରେ ରହଣି କରିବ। ଏହି ସ୍ପେଶାଲ ଟ୍ରେନ୍‌ରେ ମୋଟ ୧୮ଟି ଏଲ୍‌ଏଚ୍‌ବି କୋଚ୍ ରହିବ।

ଶାଲିମାର –ଖୋର୍ଦ୍ଧା ରୋଡ୍– ଶାଲିମାର ପୂଜା ସ୍ପେଶାଲ ଟ୍ରେନ୍ ନଂ. ୦୮୦୪୩ ଶାଲିମାର–ଖୋର୍ଦ୍ଧା ରୋଡ୍ ପୂଜା ସ୍ପେଶାଲ ୧୨ ଅକ୍ଟୋବରରୁ ୯ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ପ୍ରତି ସୋମବାର ଚଳାଚଳ କରିବ। ଫେରିବା ଦିଗରେ ଟ୍ରେନ୍ ନଂ. ୦୮୦୪୪ ଖୋର୍ଦ୍ଧା ରୋଡ୍–ଶାଲିମାର ପୂଜା ସ୍ପେଶାଲ ୧୩ ଅକ୍ଟୋବରରୁ ୧୦ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ପ୍ରତି ମଙ୍ଗଳବାର ଚଳାଚଳ କରିବ। ଟ୍ରେନ୍ ନଂ. ୦୮୦୪୩ ଶାଲିମାରରୁ ସନ୍ଧ୍ୟା ୦୫: ୫୫ ରେ ଛାଡ଼ି ପରଦିନ ରାତି ୦୨:୪୫ ରେ ଖୋର୍ଦ୍ଧା ରୋଡ୍‌ରେ ପହଞ୍ଚିବ। ଟ୍ରେନ୍ ନଂ. ୦୮୦୪୪ ଖୋର୍ଦ୍ଧା ରୋଡ୍‌ରୁ ଭୋର ୦୬:୪୫ ରେ ଛାଡ଼ି ଅପରାହ୍ନ ୦୩:୦୦ ରେ ଶାଲିମାରରେ ପହଞ୍ଚିବ। ଏହି ଟ୍ରେନ୍ ସାନ୍ତ୍ରାଗାଛି, ଖଡ଼ଗପୁର, ବାଲେଶ୍ୱର, ରୂପସା ଜଙ୍କସନ୍, ଭଦ୍ରକ, ଯାଜପୁର କେନ୍ଦୁଝର ରୋଡ୍, କଟକ ଏବଂ ଭୁବନେଶ୍ୱର ଷ୍ଟେସନରେ ରହଣି କରିବ। ଏହି ସ୍ପେଶାଲ ଟ୍ରେନ୍‌ରେ ମୋଟ ୨୨ଟି ଆଇସିଏଫ୍ କୋଚ୍ ରହିବ। ଯାତ୍ରୀମାନଙ୍କୁ ସମୟସୂଚୀ ପ୍ରତି ଧ୍ୟାନ ଦେବାକୁ ଏବଂ ସେହି ଅନୁଯାୟୀ ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ । ଟ୍ରେନ୍ ସମ୍ବନ୍ଧୀୟ ଅପଡେଟ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ ଏନକ୍ୱାରୀ ସିଷ୍ଟମ୍'କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ୱେବସାଇଟ୍ ଯାଞ୍ଚ କରିପାରିବେ।

### ୪୬ତମ ଉଚ୍ଚସ୍ତରୀୟ ମଞ୍ଜୁରୀ କର୍ତ୍ତୃପକ୍ଷଙ୍କ ନିବେଶ ଅନୁମୋଦନ ପ୍ରସଙ୍ଗ

## ଶିଳ୍ପ ବିବିଧତା ଓ ସମାବେଶୀ ଶିଳ୍ପାୟନ ପାଇଁ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀଙ୍କୁ ବିଜେପିର ଧନ୍ୟବାଦ

ଭୁବନେଶ୍ୱର, ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ମାଇନ୍ସ ସମେତ ମାଇଣ୍ଡ ଇକୋନୋମିକୁ ଗୁରୁତ୍ୱ ଦିଆଯାଉଛି। ନୂତନ ପିଢି ଶିଳ୍ପାୟନର ଆଧାରଶିଳା ହେଉଛି ଡାଟା ସେଂଟର ଓ ଏଆଇ। ରାଜ୍ୟରେ ଶିଳ୍ପାୟନକୁ ତ୍ୱରାନ୍ୱିତ କରିବା ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୪୬ତମ ଉଚ୍ଚସ୍ତରୀୟ ମଞ୍ଜୁରୀ କର୍ତ୍ତୃପକ୍ଷ ବୈଠକରେ (ଏଚ୍‌ଏଲ୍‌ସି) ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସର ଅନୁମୋଦନ ପ୍ରଦାନ କରାଯାଇଛି। ବୈଠକରେ ୨୭ଟି ବୃହତ୍ ପ୍ରକଳ୍ପକୁ ଅନୁମୋଦନ ମିଳିବା ଓଡ଼ିଶାର ଶିଳ୍ପ ବିକାଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଓ ସ୍ୱାଗତଯୋଗ୍ୟ ପଦକ୍ଷେପ। ବିପୁଳ ନିଯୁକ୍ତି, ଶିଳ୍ପ ବିବିଧତା ଓ ସମାବେଶୀ ଶିଳ୍ପାୟନ ପାଇଁ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀଙ୍କୁ ବିଜେପି ତରଫରୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ମୋଟ ପ୍ରାୟ ୨.୪୭ ଲକ୍ଷ କୋଟିର ନିବେଶ ସହିତ ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟର ୧୫ଟି ଜିଲ୍ଲାରେ ସ୍ଥାପିତ ହେବା ସହିତ ପ୍ରାୟ ୫୦,୧୬୨ଟି ନୂତନ ନିଯୁକ୍ତି ଓ ରୋଜଗାର ସୁଯୋଗ ସୃଷ୍ଟି କରିବ। ଏହା କେବଳ ନିବେଶର ପରିମାଣକୁ ଦର୍ଶାଉନାହିଁ, ବରଂ ଓଡ଼ିଶାରେ ଶିଳ୍ପ, ପ୍ରଯୁକ୍ତି, ଭିତିଭୂମି ଓ ମାନବ ସମ୍ବଳ ବିକାଶ ପାଇଁ ବଢ଼ୁଥିବା ସୁଯୋଗକୁ ମଧ୍ୟ ପ୍ରତିଫଳିତ କରୁଛି। ବିଶେଷକରି ଆଇଟି, ଆଇଟିଇଏସ୍ ଓ ଡାଟା ସେଂଟର କ୍ଷେତ୍ରରେ ପ୍ରାୟ ୧.୪୩ ଲକ୍ଷ କୋଟିର ନିବେଶ ଅନୁମୋଦିତ ହେବା ଓଡ଼ିଶାର ଅର୍ଥନୀତିକୁ ନୂତନ ପ୍ରଯୁକ୍ତି ଓ ଡିଜିଟାଲ୍ ଅର୍ଥନୀତି ସହିତ ଯୋଡ଼ିବାର ଅବସର ସୃଷ୍ଟି କରିବ। ଖୋର୍ଦ୍ଧାରେ ପ୍ରସ୍ତାବିତ ଇଂଟିଗ୍ରେଟେଡ୍ ଡାଟା ସେଂଟର ପାର୍କ ଭଳି ପ୍ରକଳ୍ପ ସମେତ କଟକ ପୁରୀର ଅନୁମୋଦିତ ଡାଟା ସେଂଟର ରାଜ୍ୟର ଡିଜିଟାଲ୍ ଭିତିଭୂମିକୁ ଆହୁରି ସୁଦୃଢ଼ କରିବା ସହିତ ଭବିଷ୍ୟତରେ ଏଆଇ, କ୍ଲାଉଡ୍ କମ୍ପ୍ୟୁଟିଂ, ଡିଜିଟାଲ୍ ସେବା ଓ ଅନ୍ୟାନ୍ୟ ଉଚ୍ଚ ପ୍ରଯୁକ୍ତି କ୍ଷେତ୍ର ପାଇଁ ନୂତନ ସୁଯୋଗ ସୃଷ୍ଟି କରିପାରିବ।

ଏହି ବୃହତ୍ ନିବେଶ ରାଜ୍ୟରେ ନୂତନ ଶିଳ୍ପ ସୃଷ୍ଟି ସହିତ ଏମ୍‌ଏସ୍‌ଏମ୍‌ଇ, ଷ୍ଟାର୍ଟଅପ୍, ସ୍ଥାନୀୟ ବ୍ୟବସାୟ ଏବଂ ଯୁବ ଉଦ୍ୟୋଗୀମାନଙ୍କ ପାଇଁ ପରୋକ୍ଷ ଭାବରେ ମଧ୍ୟ ଅନେକ ସୁଯୋଗ ଆଣିପାରିବ। ନୂତନ ଶିଳ୍ପ ସହିତ ଦକ୍ଷତା ବିକାଶ, ସପ୍ଲାଏ ଚେନ୍, ସେବା କ୍ଷେତ୍ର ଓ ସ୍ଥାନୀୟ ଅର୍ଥନୀତିର ବିକାଶର ମଧ୍ୟ ସମ୍ଭାବନା ସୃଷ୍ଟି କରିବ। ଏହି ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ଏବଂ ଓଡ଼ିଶାରେ ବୃହତ୍ ନିବେଶ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ସରକାରଙ୍କୁ ବିଜେପି ତରଫରୁ ଆନ୍ତରିକ ଧନ୍ୟବାଦ ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି ବୋଲି ଏକ ମିଳିତ ବିବୃତି ଜରିଆରେ ବିଜେପିର ମୁଖପାତ୍ର ସତ୍ୟବ୍ରତ ପଣ୍ଡା ଓ ବିଜେପି ଶିଳ୍ପ ପ୍ରକୋଷ୍ଠର ରାଜ୍ୟ ସଂଯୋଜକ ଡ. ତପନ ଚାନ୍ଦ ଜଣାଇଛନ୍ତି।

## ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ହିନ୍ଦୀ ମାସ ପାଳିତ

ଭୁବନେଶ୍ୱର, (ସବ୍ୟୁ): ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ହିନ୍ଦୀ ମାସ ଉତ୍ସାହପୂର୍ବକ ପାଳିତ ହୋଇଯାଇଛି। ଏହି ଅବସରରେ ସଂଗୀତ ଗାୟନ, ଶବ୍ଦ ବର୍ଗ ପ୍ରହେଳିକା, ସ୍ମରଣ ଏବଂ କ୍ରସ୍ ୱାର୍ଡ ଆଦି ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା। ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ବିଜୟ କୁମାର ମଲିକ ଏବଂ ଉପ ଆଞ୍ଚଳିକ ପ୍ରବନ୍ଧକ ସଞ୍ଜୟ ରଜକ ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଆଞ୍ଚଳିକ ପ୍ରବନ୍ଧକ ଶ୍ରୀ ମଲିକ ଦୈନନ୍ଦିନ କାର୍ଯ୍ୟରେ ହିନ୍ଦୀ ଭାଷାର ବ୍ୟବହାର ଅଧିକରୁ ଅଧିକ କରିବା ସହିତ ବ୍ୟାଙ୍କିଙ୍ଗ୍ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟରେ ଏହାକୁ ପ୍ରୟୋଗ କରିବାକୁ ଉତ୍ସାହିତ କରିଥିଲେ।

### ବେଦାନ୍ତ ଆଲୁମିନିୟମର ଦକ୍ଷତା ବିକାଶ ପଦକ୍ଷେପ

## କଳାହାଣ୍ଡିର ହଜାରରୁ ଅଧିକ ଯୁବକଯୁବତୀଙ୍କ ଜୀବିକା ନିର୍ବାହରେ ସହାୟକ ହୋଇଛି

ଭୁବନେଶ୍ୱର, (ସବ୍ୟୁ): କଳାହାଣ୍ଡିର ଯୁବକଯୁବତୀଙ୍କ ପାଇଁ ଧନ୍ଦାମୂଳକ ତାଲିମ ଏବଂ ସ୍ଥାୟୀ ଜୀବିକା ନିର୍ବାହ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ହୋଇ ରହିଛି। ଏହି ଆବଶ୍ୟକତାକୁ ପୂରଣ କରି, ବେଦାନ୍ତ ଆଲୁମିନିୟମ ସ୍ଥାନୀୟ ଅଞ୍ଚଳର ଯୁବକମାନଙ୍କୁ ଶିଳ୍ପ-ଆବଶ୍ୟକ ଦକ୍ଷତା ବିକାଶ ସହିତ ସେମାନଙ୍କର ନିଯୁକ୍ତି ସାମର୍ଥ୍ୟ ବୃଦ୍ଧି ଏବଂ ଦୀର୍ଘ ଜୀବିକା ସୁଯୋଗକୁ ସକ୍ଷମ କରିବା ଉଦ୍ଦେଶ୍ୟରେ ଏକ ସଂରଚିତ ଦକ୍ଷତା ବିକାଶ ପଦକ୍ଷେପ କାର୍ଯ୍ୟକାରୀ କରିଛି। ଲାଞ୍ଜିଗଡ଼ରେ ବେଦାନ୍ତ ଆଲୁମିନିୟମର କାର୍ଯ୍ୟକଳାପକୁ ଆଖପାଖର ଗ୍ରାମର ଯୁବ ଯୁବତୀମାନେ ଏହି ପଦକ୍ଷେପ ମାଧ୍ୟମରେ ନୂତନ ଦିଗ ଖୋଜୁଛନ୍ତି। ଏହାର ଆରମ୍ଭ ପରଠାରୁ, ଏହି ପଦକ୍ଷେପ ୧୦୦୦ ରୁ ଅଧିକ ଯୁବକମାନଙ୍କୁ ତାଲିମ ଦେଇଛି, ଯେଉଁମାନଙ୍କ ମଧ୍ୟରୁ ୭୫ ପ୍ରତିଶତରୁ ଅଧିକ ଓଡ଼ିଶା ମଧ୍ୟରେ ନିଯୁକ୍ତି ସୁଯୋଗ ପାଇଛନ୍ତି। ମୋଟ ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ୫୫ ପ୍ରତିଶତ ହେଉଛନ୍ତି ମହିଳା, ଯାହା ସମାବେଶୀ ଅଭିବୃଦ୍ଧି ଉପରେ ଏହି କାର୍ଯ୍ୟକ୍ରମର ଗୁରୁତ୍ୱକୁ ପ୍ରତିଫଳିତ କରୁଛି। ସରକାରଙ୍କ ସହିତ ଭାଗିଦାରୀ ମାଧ୍ୟମରେ ଏହି ପ୍ରକଳ୍ପ ବର୍ତ୍ତମାନ ଭବାନୀପାଟଣା ଏବଂ ଲାଞ୍ଜିଗଡ଼ରେ ଆବାସିକ ଏବଂ ଅଣ-ଆବାସିକ ତାଲିମ କେନ୍ଦ୍ର ମାଧ୍ୟମରେ ପରିଚାଳିତ ହେଉଛି, ଯେଉଁଥିରେ ଇଲେକ୍ଟ୍ରିସିଆନ୍, ସିଲେଇ ମେସିନ୍ ଅପରେଟର ଏବଂ ଖାଦ୍ୟ ଏବଂ ପାନୀୟ ସହାୟକ ପରି ବିଭିନ୍ନ ପାଠ୍ୟକ୍ରମ ପ୍ରଦାନ କରାଯାଉଛି । ବଡଗୁଡା ଗାଁର ବିଗ୍ନାସିନୀ ବିସିଙ୍କ ଭଳି ହିତାଧିକାରୀଙ୍କ ପାଖରେ ଏହି କାର୍ଯ୍ୟକ୍ରମର ପ୍ରଭାବ ପ୍ରତିଫଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ, ବୃତ୍ତିଗତ ଦକ୍ଷତାର ଅଭାବ ହେତୁ ବିଗ୍ନେଶ୍ୱିନୀ ସୀମିତ ନିଯୁକ୍ତି ସମ୍ଭାବନାର ସମ୍ମୁଖୀନ ହୋଇଥିଲେ। ଦୁଇ ମାସର ବ୍ୟାପକ ଖାଦ୍ୟ ଏବଂ ପାନୀୟ ସେବା ତାଲିମ, ଯେଉଁଥିରେ ମୌଳିକ ଦକ୍ଷତା ତାଲିମ ଏବଂ ଆଇଟି ତାଲିମ ଅନ୍ତର୍ଭୁକ୍ତ ଥିଲା, ସେ ଆତିଥେୟତା କ୍ଷେତ୍ରରେ ପ୍ରବେଶ କରିବା ପାଇଁ ଆବଶ୍ୟକ ଦକ୍ଷତାର ବିକାଶ କରିଥିଲେ। ସେ ଜାତୀୟ ସ୍ତରର ଏକ ଶୀର୍ଷ ହୋଟେଲ ଶୃଙ୍ଖଳାରେ ନିଯୁକ୍ତି ପାଇଛନ୍ତି, ସ୍ୱାଧୀନ ଭାବରେ ତାଙ୍କ ପରିବାରକୁ ପ୍ରତିପାଳନ କରୁଛନ୍ତି । ଏହି କାହାଣୀଗୁଡ଼ିକ ବେଦାନ୍ତ ଆଲୁମିନିୟମର ଦକ୍ଷତା ବିକାଶ ପଦକ୍ଷେପର ବ୍ୟାପକ ପ୍ରଭାବକୁ ପ୍ରତିଫଳିତ କରୁଛି। କଳାହାଣ୍ଡିରେ ଏହାର ମୂଳ କାର୍ଯ୍ୟକଳାପଠାରୁ ଆଗକୁ ଯାଇ, କମ୍ପାନୀର ପଦକ୍ଷେପ ଯୁବକମାନଙ୍କୁ କାର୍ଯ୍ୟସ୍ଥଳୀ ପ୍ରସ୍ତୁତି କରିବାରେ, ଆର୍ଥିକ ସ୍ୱାଧୀନତାକୁ ପ୍ରୋତ୍ସାହିତ କରିବାରେ ଏବଂ ଅର୍ଥପୂର୍ଣ୍ଣ କ୍ୟାରିୟର ଅନୁସରଣ କରିବାକୁ ପ୍ରେରଣା ଦେଉଛି। ସ୍ଥାୟୀ ଜୀବିକା ପାଇଁ ମାର୍ଗ ସୃଷ୍ଟି ଏବଂ ଶିଳ୍ପ-ଆବଶ୍ୟକ ଦକ୍ଷତାକୁ ପ୍ରୋତ୍ସାହିତ କରି, ଏହି ପଦକ୍ଷେପ ସମଗ୍ର ଅଞ୍ଚଳରେ ସାମାଜିକ-ଅର୍ଥନୈତିକ ବିକାଶରେ ତାହାର ଯୋଗଦାନ ଜାରି ରଖିଛି।



# ବାଘୁଆ ଜଳଭଣ୍ଡାର ୨ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ



ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ବ୍ଲକର ମତାଙ୍ଗରିସ୍ଥିତ ବାଘୁଆ ଜଳଭଣ୍ଡାରରେ ଜଳସ୍ତର ବିପଦକୁ ଦୃଷ୍ଟିରେ ରଖି ଜଳ ସେଚନ ବିଭାଗ ବୁଧବାର ଦିନ ମଧ୍ୟରାତ୍ରରୁ ଜଳଭଣ୍ଡାରର ୨ଟି ଗେଟ ଦେଇ ବନ୍ୟା ଜଳ ନିଷ୍କାସନ କରି ବାଘୁଆ ନଦୀରେ ଛାଡିଛି ।

ବାଘୁଆ ଜଳଭଣ୍ଡାରର ଜଳଧାରଣ କ୍ଷମତା ୧୧୩.୮୫ ମିଟର ଥିବା ବେଳେ ଅର୍ଣ୍ଣବ ପ୍ରଭାବରେ ତୁହାକୁ ତୁହା ବର୍ଷା ହେବା ଫଳରେ ବାଘୁଆ ଜଳଭଣ୍ଡାରର ଜଳସ୍ତର ବିପଦ ସଙ୍କେତ ନିକଟରେ ପହଞ୍ଚିଥିଲା । ଏହାକୁ ଦୃଷ୍ଟିରେ ରଖି ବିପଦଜ୍ଜନକ ସ୍ଥିତିକୁ ଏଡ଼ାଇବା ପାଇଁ ଭଞ୍ଜନଗର ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସଂଜୟ କୁମାର ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ରାତ୍ର ୧୧ ଘଣ୍ଟା ସମୟରେ ବାଘୁଆ ଜଳସେଚନ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଶ୍ୱଜୀବନ ମହାପାତ୍ରଙ୍କ ଉପସ୍ଥିତିରେ ବାଘୁଆ ଜଳଭଣ୍ଡାରର ୨ଟି ସ୍ପିଲ୍ ଓ୍ୱେ ଗେଟ୍ ଖୋଲାଯାଇ ଅତିରିକ୍ତ ବନ୍ୟାଜଳକୁ ନିଷ୍କାସନ କରାଯାଇଥିଲା ।

ବର୍ତ୍ତମାନ ଜଳଭଣ୍ଡାରର ଜଳସ୍ତର ୧୧୩.୪୨ ମିଟର ରହିଥିବା ବେଳେ ପ୍ରତି ସେକେଣ୍ଡରେ ୫୭.୫ ଘନ ମିଟର ଜଳ ଜଳଭଣ୍ଡାରରେ ପ୍ରବେଶ କରୁଥିବା ବେଳେ ଜଳଭଣ୍ଡାରରୁ ୨ଟି ଗେଟ୍ ଦେଇ ପ୍ରତି ସେକେଣ୍ଡରେ ୬୩ ଘନ ମିଟର ଜଳ ନିଷ୍କାସିତ ହେଉଛି ।

ପ୍ରକାଶ ଯେ, ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ କରି ବାଘୁଆ ନଦୀରେ ଛଡାଯିବା ପାଇଁ ପୂର୍ବରୁ ବିଭାଗୀୟ ପ୍ରଶାସନ ପକ୍ଷରୁ ଡାକବାଜିଯନ୍ତ୍ର ଯୋଗେ ନଦୀକୁ କେହି ନଯିବା ସହ ଗୃହ ପାଳିତ ପଶୁଙ୍କୁ ନଦୀକୁ ନଛାଡିବା ସକାଶେ ସତର୍କ ସୂଚନା କରାଯାଇଥିଲା । ବଡ କୌତୁହଳର ବିଷୟଯେ ଦୀର୍ଘ ୪ ବର୍ଷ ହେଲା ଲୋକେ ବାଘୁଆ ନଦୀରେ ବଢି ଦେଖି ନଥିବା ବେଳେ ବର୍ତ୍ତମାନ ଜଳଭଣ୍ଡାରର ଗେଟ ଖୋଲାଯିବା ଯୋଗୁଁ ଲୋକମାନେ ବାଘୁଆ ନଦୀରେ ବଢି ଦେଖି ବଡ ମଜା ନେଉଥିବା ଦେଖାଦେଇଛି ।

## ଗଭୀର ଅବପାତରେ ଚାଷ ଜମି ଜଳମଗ୍ନ

# କ୍ଷେତ୍ର ପରିଦର୍ଶନ କଲେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଓ ଟିମ୍

ଛତ୍ରପୁର, (ସବ୍ୟୁ): ଗଭୀର ଅବପାତ ପ୍ରଭାବରେ ଗଞ୍ଜାମ ଜିଲ୍ଲାର ବହୁ ହେକଟର ଚାଷଜମି ଜଳମଗ୍ନ ହୋଇଛି । ଜଳମଗ୍ନ ଧାନଚାଷ ଜମିର ସ୍ଥିତି ଅନୁଧ୍ୟାନ କରିବା ପାଇଁ ଗୁରୁବାର ଗଞ୍ଜାମ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମନୋରଞ୍ଜନ ରାଉଳଙ୍କ ନେତୃତ୍ୱରେ କୃଷି ବିଭାଗର ଏକ ଟିମ୍ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ଅନୁଧ୍ୟାନ କରିଛନ୍ତି ।

ଟିମ୍ ପ୍ରଥମେ ଛତ୍ରପୁର ପୌରପରିଷଦର ଅଗସ୍ତିନୂଆଁ, ଛତ୍ରପୁର ବ୍ଲକର ଭିକାରୀପଲ୍ଲୀ, ବଉଳଗାଁ ଓ ମହାନାଦପୁର ପଂଚାୟତର ବିଭିନ୍ନ ଅଞ୍ଚଳ ସମେତ ଗଞ୍ଜାମ ବ୍ଲକର ବିଭିନ୍ନ ଜଳ ମଗ୍ନ ଚାଷ ଜମି ପରିଦର୍ଶନ କରିଥିଲେ ।ଏହି ସମୟରେ ଜଳମଗ୍ନ ଚାଷଜମିର ସ୍ଥିତି, ଜଳ ନିଷ୍କାସନ ବ୍ୟବସ୍ଥା ଏବଂ ଚାଷୀମାନଙ୍କ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରାଯାଇଥିଲା । ଚାଷଜମିରୁ ଶୀଘ୍ର ପାଣି ନିଷ୍କାସନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ ଆବଶ୍ୟକ ପଦକ୍ଷେପ ଆରମ୍ଭ ହୋଇଛି ।

ଅନ୍ୟପକ୍ଷରେ, ଋଷିକୂଲ୍ୟା ନଦୀର ଜଳସ୍ତର ବୃଦ୍ଧି ପାଇବା ସହ ଜୟମଙ୍ଗଳ କେନାଲରେ ମଧ୍ୟ ଜଳସ୍ତର ବଢୁଥିବାରୁ ନିମ୍ନାଞ୍ଚଳର ଚାଷଜମି ଉପରେ ନଜର ରଖାଯାଇଛି ।

କୃଷି ବିଭାଗର ଅଧିକାରୀମାନେ ବିଭିନ୍ନ ଅଞ୍ଚଳ ବୁଲି ସ୍ଥିତି ଯାଞ୍ଚ କରିବା ସହ କ୍ଷୟକ୍ଷତି ଓ ଚାଷଜମିର ସ୍ଥିତି ସମ୍ପର୍କିତ ରିପୋର୍ଟ ପ୍ରସ୍ତୁତ କରୁଛନ୍ତି । ପରିଦର୍ଶନ ସମୟରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ସହ ଛତ୍ରପୁର କୃଷି ଜିଲ୍ଲା ଅଧିକାରୀ ରଶ୍ମିତା ମହାପାତ୍ର, ଛତ୍ରପୁର ଗୋଷ୍ଠୀ କୃଷି ଅଧିକାରୀ ଚୌଧୁରୀ ସାନମାର୍ଗ, ସହକାରୀ କୃଷି ଅଧିକାରୀ ନିହାର ରଞ୍ଜନ ଦାଶଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

## ବ୍ୟାଙ୍କ କଲୋନୀ ଅଞ୍ଚଳରେ ଜିଲ୍ଲାପାଳ



ଗଭୀର ଅବପାତଜନିତ ପ୍ରବଳ ବର୍ଷା ଯୋଗୁଁ ଛତ୍ରପୁର ପୌରପରିଷଦ ଅନ୍ତର୍ଗତ ତାମ୍ପରା ହ୍ରଦ ନିକଟସ୍ଥ ବ୍ୟାଙ୍କ କଲୋନୀର କେତେକ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି । ବିଭିନ୍ନ ଗଣମାଧ୍ୟମରେ ଏନେଇ ଖବର ପ୍ରସାରଣ ପରେ ଗୁରୁବାର ପୂର୍ବାହ୍ନରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ବ୍ୟାଙ୍କ କଲୋନୀ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ । ପରିଦର୍ଶନ ସମୟରେ ସ୍ଥାନୀୟ ବାସିନ୍ଦାମାନେ ଜିଲ୍ଲାପାଳଙ୍କୁ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ । ବିଶେଷକରି ବ୍ୟାଙ୍କ କଲୋନୀରୁ ତାମ୍ପରାକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ ଲାଗି ଜମି ସମସ୍ୟା ଯୋଗୁଁ ଅଞ୍ଚଳବାସୀ ଦୀର୍ଘଦିନ ଧରି ଅସୁବିଧା ଭୋଗୁଥିବା ନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ପ୍ଲଟିଂ କରିଥିବା ଜମି ବ୍ୟବସାୟୀ ଜଣକ ରାସ୍ତା ନିର୍ମାଣ ପାଇଁ ଆବଶ୍ୟକ ଜମି ହସ୍ତାନ୍ତର କରୁନଥିବାରୁ ସମସ୍ୟା ଉପୁଜିଥିବା ଅଞ୍ଚଳବାସୀ ଅଭିଯୋଗ କରିଥିଲେ । ଏହାସହ ବ୍ୟାଙ୍କ କଲୋନୀ ଅଞ୍ଚଳରେ ଜମା ହୋଇଥିବା ଅତ୍ୟଧିକ ବର୍ଷାଜଳ ନିଷ୍କାସନ ପାଇଁ ଅଗସ୍ତି ନୂଆଗାଁ ନିକଟରେ ଆବଶ୍ୟକ ଗେଟ୍ ବ୍ୟବସ୍ଥା କରି ଜଳକୁ ଋଷିକୁଲ୍ୟା ନଦୀକୁ ନିଷ୍କାସନ କରିବାକୁ ଜଳସେଚନ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପ୍ଲଟିଂ ସମ୍ପର୍କିତ ଜମି ସମସ୍ୟାର ସମାଧାନ ପାଇଁ ତହସିଲଦାର, ଆର୍ଆଇ, ଜଳସେଚନ ବିଭାଗୀୟ ଅଧିକାରୀ ଓ ସମ୍ପୃକ୍ତ ଜମି ବ୍ୟବସାୟୀଙ୍କୁ ନେଇ ତୁରନ୍ତ ବୈଠକ କରିବାକୁ ଜିଲ୍ଲାପାଳ କହିଥିଲେ । ଏଭଳି ଅନିୟମିତତା ଅନ୍ୟ କୌଣସି ସ୍ଥାନରେ ହୋଇଥିଲେ ତାହା ଚିହ୍ନଟ କରି ନିୟମାନୁସାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ଛତ୍ରପୁର ତହସିଲଦାରଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ଜମି ସମ୍ପର୍କିତ ବିବାଦରେ ଆଇନଗତ ପଦକ୍ଷେପ ନେବାକୁ ମଧ୍ୟ ଅଞ୍ଚଳବାସୀଙ୍କୁ ପରାମର୍ଶ ଦେଇଥିଲେ । ଏହା ପରେ ସେ ଅଗସ୍ତି ନୂଆଗାଁ ପରିଦର୍ଶନ କରି ଚାଷୀଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ । ଚାଷ ପାଇଁ ଆବଶ୍ୟକ ପରିମାଣର ପାଣି ଯୋଗାଇ ଦିଆଯିବା ସହ ତାମ୍ପରା ହ୍ରଦରେ ଜମିଥିବା ଅତ୍ୟାଧିକ ବର୍ଷା ଜଳ ନିଷ୍କାସନ କରିବାକୁ ଜଳସେଚନ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାପାଳଙ୍କ ସହ ପରିଦର୍ଶନ ସମୟରେ ଛତ୍ରପୁର ବିଡିଓ ସମ୍ବିତ ସଂଗ୍ରାମଜିତ ସାହୁ, ତହସିଲଦାର ଦିବ୍ୟା ମହାନ୍ତି, ଛତ୍ରପୁର ପୌରପରିଷଦ ଉପାଧ୍ୟକ୍ଷ ଜି. ପାପା ରାଓ, ସ୍ଥାନୀୟ କାଉନସିଲର ପ୍ରୀତି ଛନ୍ଦା ସାମଲ, ଆର୍ଆଇ ଓ ଜଳସେଚନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଧାନ ଜମି ଜଳମଗ୍ନ, ରାସ୍ତାରେ ପଡ଼ିଲା ଗଛ



ଧରାକୋଟ, (ସବ୍ୟୁ) : ଲଘୁଚାପ ଜନିତ ଲଗାଣ ବର୍ଷାର ପ୍ରଭାବ ତୃତୀୟ ଦିନରେ ଧରାକୋଟ ଅଞ୍ଚଳରେ ଅଧିକ ପ୍ରଭାବ ପକାଇଛି । ଗୁରୁବାର ତୁହାକୁ ତୁହା ବର୍ଷା ସହ କୋହଲା ପବନ ଲାଗି ରହିଛି । ତିନି ଦିନର ବର୍ଷା ଯୋଗୁଁ ଏବଂ ଉପର ମୁଣ୍ଡରୁ ଅଧିକ ପରିମାଣର ପାଣି ଆସିବା ଯୋଗୁଁ ଋଷିକୁଲ୍ୟା ନଦୀ ଧୀରେ ଧୀରେ ଫୁଲିବାରେ ଲାଗିଛି । ଧରାକୋଟ ବ୍ଲକର ଜାନବିଲି ଆନିକଟ ନିକଟରେ ଋଷିକୁଲ୍ୟା ୧୪ ଫୁଟ ନିକଟତର ହୋଇ ବିପଦ ସଙ୍କେତ ଆଡ଼କୁ ଗତି କରୁଛି । ଯାହାକୁ ନେଇ ପ୍ରଶାସନ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଥିବା ବେଳେ ନଦୀ କୂଳିଆ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି । ଧନ ଜୀବନର ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି ।

ଲଗାଣ ବର୍ଷାରେ ଆଗୁଳ ନାଳ, ନନ୍ଦିନୀ ନାଳ, କୁକୁଡ଼ା ଖାଇ ନାଳ, ସର ନାଳ ରେ ଅଧିକ ପରିମାଣରେ ପାଣି ଆସିବାରୁ ଜାନବିଲି, ଡାକିବଜା, ବେଠୁଆର, କୁସଗୁମା, ହରିପୁର, ପ୍ରତାପୁର, ବାହାରପୁର, କାନଗିରିଡି, ଆଡିବନ୍ଧ, ଯାହାଡା, ସିଙ୍ଗିପୁର, ଧରାକୋଟ, ଖମାର ପାଇତାରି, ମୁନିବିଲ, କପିଳାସ, କୁଶପଡା, ସୁନା ପଲି, ସିନ୍ଦୁରାପଲି, ଲକ୍ଷ୍ମୀପୁର, ସରଧାପୁର, ବରିଗୁଡା, କୁସରାବ, ବାହାଡ଼ାଗୁଡା, ସୁନାମୋହି, ମାଣିକପୁର, ମଛାକୋଟ, ଲେଙ୍ଗମା, ବଳରାମପୁର, ପୁଟୁ, ନନ୍ଦି ଗୋର, ଝାଡବନ୍ଧ, ଝର ପାରି, ରୁଗୁମୁ, ଓଳମ୍ବା ପ୍ରଭୃତି ଅଞ୍ଚଳରେ ବ୍ୟାପକ ଧାନ ଜମି ଜଳମଗ୍ନ ହୋଇ ରହିଛି । ଜାତୀୟ ରାଜପଥ ୫୯ର ଗଡଦାମୋଦରପଲ୍ଲୀ ବିଦ୍ୟାଳୟ ଆଗରେ ଗଛ ପଡିଯିବାରୁ ତତକ୍ଷଣାତ ଏହାକୁ ହଟାଇ ଯୋଗାଯୋଗ ସ୍ୱାଭାବିକ କରାଯାଇଥିଲା । ଠିକ ସେହିପରି ଜାତୀୟ ରାଜପଥ ୫୯ର ଦସ ମାଇଲି ବଜାର ନିକଟରେ କଲଭର୍ଟ ନଥିବାରୁ ବିଲମାଳର ପାଣି ରାସ୍ତା ଡେଇଁ ଘର ଭିତରେ ପଶିବାରୁ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଛି । ଲଗାଣ ବର୍ଷାରେ ଜାନବିଲି ବଡ଼ଗଡ଼ ସୋରଡା ରାସ୍ତା, ଧରାକୋଟ ହରିପୁର ରାସ୍ତା, ଓଳମ୍ବା ଠାରୁ ବାଖରକଟା ରାସ୍ତା, ତାଳ ପାଟଣା ଠାରୁ ଥାନା ଛକ ରାସ୍ତା, ଝରପାରି ଠାରୁ ଦିଗି ରାସ୍ତା, ଝଗଡେଇ ଯାହାଡା ସିଙ୍ଗିପୁର ନୂଆଗାଁ ରାସ୍ତା, ଦସମାଇଲି ହରିପୁର ଓରା ରାସ୍ତା କ୍ଷତିଗ୍ରସ୍ତ ହୋଇଛି । ଏଣୁ ସରକାରୀ ସ୍ତରରେ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।

# କଳିଙ୍ଗା ଘାଟି ଭୂସ୍ଖଳନ ଅଞ୍ଚଳ ପରିଦର୍ଶନ କଲେ ଜିଲ୍ଲା ଓ ଉପଖଣ୍ଡ ଅଧିକାରୀ



ଭଞ୍ଜନଗର, (ସବ୍ୟୁ) : ପ୍ରବଳ ବର୍ଷା ଓ ଭୂସ୍ଖଳନ ଯୋଗୁଁ କଳିଙ୍ଗା ଘାଟି ରାସ୍ତାରେ ସୃଷ୍ଟି ହୋଇଥିବା ସ୍ଥିତିର ସମୀକ୍ଷା ଏବଂ ରାସ୍ତାର ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ ପାଇଁ କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣଙ୍କ ସହ ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା ଏବଂ ଅନ୍ୟାନ୍ୟ ଅଧିକାରୀମାନେ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି ।

ଏହି ଅବସରରେ ଅତିରିକ୍ତ ଉପଜିଲ୍ଲାପାଳ, ଭଞ୍ଜନଗର ପ୍ରଧାନ ଟୁଲିଆମା, ଭଞ୍ଜନଗର ବିଡିଓ, ଜି.ଉଦୟଗିରି ଓ ଭଞ୍ଜନଗର ତହସିଲଦାର, ଫୁଲବାଣୀ ଜାତୀୟ ରାଜପଥ ବିଭାଗର କନିଷ୍ଠ ଯନ୍ତ୍ରୀ, ଭଞ୍ଜନଗର ଏସଡିପିଓଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ଅଧିକାରୀମାନେ ଜି.ଉଦୟଗିରି ଓ ଭଞ୍ଜନଗର ତହସିଲ ଅଧୀନରେ ଥିବା କଳିଙ୍ଗା ଘାଟିର ବିଭିନ୍ନ ଭୂସ୍ଖଳନ ସ୍ଥାନ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ ।

ରାସ୍ତାରେ ମାଟି ଓ ପଥର ଖସିବା ଯୋଗୁଁ ଯାତାୟାତ ଉପରେ ପଡୁଥିବା ପ୍ରଭାବ, ରାସ୍ତାର ସୁରକ୍ଷା ଏବଂ ଭୂସ୍ଖଳନ ନିୟନ୍ତ୍ରଣ ପାଇଁ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ଅଧିକାରୀମାନେ ଆଲୋଚନା କରିଥିଲେ । ଜନସାଧାରଣଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ଭୂସ୍ଖଳନ ପ୍ରଭାବିତ ଅଞ୍ଚଳରେ ସତର୍କ ନଜର ରଖିବା, ଆବଶ୍ୟକ ସ୍ଥଳେ ତୁରନ୍ତ ଯାତାୟାତ ନିୟନ୍ତ୍ରଣ କରିବା ଏବଂ ରାସ୍ତାରୁ ମାଟି ଓ ପଥର ହଟାଇବା ପାଇଁ ସମ୍ପୃକ୍ତ ବିଭାଗକୁ ସଜାଗ ରହିବାକୁ କୁହାଯାଇଥିଲା । ପରିସ୍ଥିତିର ନିରନ୍ତର ନିରୀକ୍ଷଣ ସହ ଆବଶ୍ୟକ ସମସ୍ତ ପଦକ୍ଷେପ ନେବାକୁ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି ।

# ଯୁବ କ୍ରିକେଟରଙ୍କ ପରଲୋକ

ବ୍ରହ୍ମପୁର, (ସବ୍ୟୁ) : ଗଞ୍ଜାମ ଜିଲ୍ଲାର ସୁନାମ ପୂର୍ବତନ କ୍ରିକେଟ୍ ଖେଳାଳି ଜେ. ଶେଖର (୪୯) ଙ୍କ ପରଲୋକ ଘଟିଛି । ଭାପୁର ବଜାର ପାନବିକା ସାହିର ଝଙ୍କାର ଲାଇଟ ଏଣ୍ଡ ସାଉଣ୍ଡ ମାଲିକ, ସମାଜସେବୀ



ତଥା ଯାଦବ ସଂଘର ଉପସଭାପତି ଜେ. ହରିଙ୍କ ସାନ ପୁଅ ଶେଖର ବ୍ରହ୍ମପୁର ଅକ୍ସଫୋର୍ଡ କ୍ରିକେଟ୍ କ୍ଲବର ଅଲରାଉଣ୍ଡର ଖେଳାଳି ଭାବେ ବେଶ୍ ପରିଚିତ ଥିଲେ । କିଛିମାସ ହେଲା ସେ ସ୍ୱାସ୍ଥ୍ୟଗତ ସମସ୍ୟା ଭୋଗୁଥିଲେ । ମଙ୍ଗଳବାର ତାଙ୍କୁ ଚିକିତ୍ସା ପାଇଁ ବିଶାଖାପାଟଣାକୁ ନିଆଯାଉଥିବା ବେଳେ ରାସ୍ତାରେ ଦେହାନ୍ତ ଘଟିଥିଲା । ଶେଷ ସମୟରେ ପନ୍ନୀ ରାଧା, ଦୁଇ ଝିଅ ଶ୍ରୀୟା ଓ ସୌମ୍ୟାଙ୍କ ସମେତ ପରିବାର ବର୍ଗ ଉପସ୍ଥିତ ଥିଲେ । ବ୍ରହ୍ମପୁର ବିଧାୟକ କେ. ଅନୀଲଙ୍କ ପରିବାର କେ. ସୁନୀଲ କୁମାର, କେ ରାମା ଦେବୀ, କେ ପ୍ରଶ୍ନନା, ବ୍ରହ୍ମପୁର ଲାଇଟ୍ ଆଣ୍ଡ ସାଉଣ୍ଡ ଆସୋସିଏସନର ସଭାପତି ଜେ. ହରି ଓ କର୍ମକର୍ତ୍ତା, ବ୍ରହ୍ମପୁର ଯାଦବ ସଂଘ ବହୁ ସଦସ୍ୟ ଓ ବ୍ରହ୍ମପୁରର ଜନସାଧାରଣ ଓ ବହୁ କ୍ରିକେଟ ଖେଳାଳି ତାଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବିଧାୟକ କେ ଅନିଲ କୁମାର ସ୍ୱର୍ଗତଃ ଜେ ଶେଖରଙ୍କ ଅମର ଆତ୍ମାର ସଦଗତି ପ୍ରାର୍ଥନା କରିବା ସହିତ ଶୋକାକୁଳ ପରିବାର ଲୋକଙ୍କୁ ପ୍ରଭୁ ଜଗନ୍ନାଥ ଶକ୍ତି ପ୍ରଦାନ ପାଇଁ ପ୍ରାର୍ଥନା କରିଥିଲେ ।

## ଶିମିଳିପାଳରେ ଏଆଇ କ୍ୟାମେରାରେ ଧରାପଡ଼ିଲେ ଦୁଇ ଶିକାରୀ

# ୨ ଦେଶୀ ବନ୍ଧୁକ ଓ ବିପୁଳ ବିସ୍ଫୋରକ ଜବତ

ବାରିପଦା, (ସବ୍ୟୁ) : ଶିକାର ଉଦ୍ଦେଶ୍ୟରେ ଶିମିଳିପାଳ ଅଭୟାରଣ୍ୟରେ ଅନୁପ୍ରବେଶ କରିଥିବା ଦୁଇଜଣ ସଶସ୍ତ୍ର ଶିକାରୀଙ୍କୁ ପୋଡ଼ାଡିହା ବନ୍ୟଜନ୍ତୁ ରେଞ୍ଜରେ ବନ ବିଭାଗ ଗିରଫ କରିଛି । ଅଭୟାରଣ୍ୟ ଭିତରେ ଗୁପ୍ତ ଭାବେ ନିୟୋଜିତ ଏଆଇ କ୍ୟାମେରାରେ ଶିକାରୀଙ୍କ ଗତିବିଧି କଏଦ ହେବା ପରେ ଶିମିଳିପାଳ ୱାଇଲ୍ଡଲାଇଫ୍ ଇଣ୍ଟେଲିଜେନ୍ସ ନେଟୱାର୍କର କର୍ମଚାରୀମାନେ ସେମାନଙ୍କୁ ଚିହ୍ନଟ କରିଥିଲେ ।



ପରେ ଯୋଜନାବଦ୍ଧ ଭାବେ ଦୁଇ ପୃଥକ ଅନୁପ୍ରବେଶ ମାମଲାରେ ସେମାନଙ୍କୁ କାବୁ କରାଯାଇଥିଲା । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅଧୀନ ବଡ଼ଖମଣ ପଞ୍ଚାୟତର ଅନନ୍ତପୁର (ତାଳସରେଇ) ଗ୍ରାମର ବୈଗା ହୋଙ୍କ ପୁଅ ଗାସା ହୋ ଓରଫ ଲାଲା (୨୨) ଏବଂ କାପ୍ତିପଦା ଥାନା ଅଧୀନ ଚକ୍ରଧରପୁର ପଞ୍ଚାୟତର ସଞ୍ଜୁନପାଲ ଗ୍ରାମର ଅନପା ଟୁଡୁଙ୍କ ପୁଅ କିଶୁନ ଟୁଡୁ ଓରଫ ସୁନା (୨୯) ।

ଗିରଫ ଶିକାରୀଙ୍କ ନିକଟରୁ ୨ଟି ଦେଶୀ ବନ୍ଧୁକ ଓ ବିପୁଳ ପରିମାଣର ବିସ୍ଫୋରକ ଜବତ ହୋଇଛି । ଗିରଫ ପରେ ଉଭୟଙ୍କୁ କୋର୍ଟରେ ହାଜର କରାଯାଇଥିଲା । ଜାମିନ ଆବେଦନ ନାମଞ୍ଜୁର ହେବାରୁ ସେମାନଙ୍କୁ ନ୍ୟାୟିକ ହେପାଜତକୁ ପଠାଯାଇଛି । ଏହି ଘଟଣାରେ ବନ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଥିବାବେଳେ ଉଭୟଙ୍କ ବିରୋଧରେ ଶିମିଳିପାଳରେ ଅନୁପ୍ରବେଶ ଓ ଶିକାର ସମ୍ପର୍କିତ ମାମଲାରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଚାଲିଛି ।

# ଭଗବାନ ଶ୍ରୀ ସତ୍ୟସାଇଙ୍କ ଦିବ୍ୟ ପ୍ରେମ ପ୍ରବାହିନୀ ରଥ ପରିକ୍ରମା

ବାରିପଦା, (ସବ୍ୟୁ) : ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ପ୍ରେମ, ଶାନ୍ତି ଓ ସେବାର ବାର୍ତ୍ତା ନେଇ ସମଗ୍ର ଭାରତ ପରିକ୍ରମା କରୁଥିବା ଦିବ୍ୟ ପ୍ରେମ ପ୍ରବାହିନୀ ରଥ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସମିତି ପରିକ୍ରମା କରିଛି । ସେପେଟମ୍ବର ୨୦ରୁ ୨୨ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ୧୦ଟି ସମିତିରେ ରଥକୁ ଭକ୍ତମାନଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ କରାଯିବା ସହ ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ୨୦୨୬ ଏପ୍ରିଲ ୨୪ରେ ପୁଟ୍ଟପର୍ତ୍ତିରେ ଆରାଧନା ମହୋତ୍ସବ ଅବସରରେ ଆରମ୍ଭ ହୋଇଥିବା ୫ଟି ଦିବ୍ୟ ପ୍ରେମ ପ୍ରବାହିନୀ ରଥ ମଧ୍ୟରୁ ପୂର୍ବାଞ୍ଚଳ ରଥଟି ଓଡ଼ିଶାର ବିଭିନ୍ନ ଅଞ୍ଚଳ ପରିକ୍ରମା କରୁଛି । ନଭେମ୍ବର ୨୩ରେ ଭଗବାନଙ୍କ ଜନ୍ମଦିବସ ଅବସରରେ ଏହି ରଥ ପ୍ରଶାନ୍ତି ନିଳୟମରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି । ୨୦ରେ ଅର୍ମଦା ରୋଡ୍ଠାରେ ବାଲେଶ୍ୱର ଜିଲ୍ଲା ପକ୍ଷରୁ ରଥକୁ ସ୍ୱାଗତ କରାଯାଇଥିଲା । ପରେ ମଙ୍ଗଳପୁର, ଚିତ୍ରଡ଼ା, ବେତନଟୀ ଓ ବୈଶିଙ୍ଗା ଦେଇ ଉଦଳାରେ ପହଞ୍ଚିଥିଲା । ୨୧ତାରିଖରେ ଉଦଳାରୁ ପାଟପୁର, ଖୁଣ୍ଟା ଓ ନାଉପାଳ ଦେଇ ବାରିପଦାରେ ପହଞ୍ଚିଥିଲା । ସନ୍ଧ୍ୟାରେ ସୁସଜ୍ଜିତ ରଥର ନଗର ପରିକ୍ରମା ହୋଇଥିଲା । ୨୨ତାରିଖରେ ବାରିପଦାରୁ ବାହାରି ରଥ କୁଳିଅଣା, ଝାରପୋଖରିଆ, ବାଙ୍ଗିରିପୋଷି ଓ ରାଇରଙ୍ଗପୁର ଦେଇ କଟଦିଆରେ ପହଞ୍ଚିଥିଲା । ୨୩ତାରିଖରେ ତୁରମୁଙ୍ଗାଠାରେ ମୟୂରଭଞ୍ଜ ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ସାହୁ ବାଲେଶ୍ୱର-୧ ଜିଲ୍ଲା ସଭାପତି ରାଜେନ୍ଦ୍ର ବାରିକଙ୍କୁ ରଥ ହସ୍ତାନ୍ତର କରିଥିଲେ । ଏହା ପରେ ରଥ ବାଲେଶ୍ୱର-୧ ଜିଲ୍ଲାରେ ତିନିଦିନ ପରିକ୍ରମା କରିବ । କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ସାହୁଙ୍କ ସମେତ ରଥଯାତ୍ରାର ସଂଯୋଜକ ଅମ୍ବିକା ପ୍ରସାଦ ମହାନ୍ତି, ଆବାହକ ମାନସ ରଞ୍ଜନ ମହାପାତ୍ର, ସନ୍ଦୀପ କୁମାର ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ ।

# ବାରିପଦାରେ ଜିଲ୍ଲାସ୍ତରୀୟ ବିଜ୍ଞାନ ସେମିନାର : ସ୍ୱାଗତିକା ପଣ୍ଡା ପ୍ରଥମ



ବାରିପଦା, (ସବ୍ୟୁ) : ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ସାଇନ୍ସ ପ୍ଲାନେଟୋରିୟମ୍ ପରିସରରେ ଜିଲ୍ଲାସ୍ତରୀୟ ବିଜ୍ଞାନ ସେମିନାର-୨୦୨୬ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ୨୬ଟି ବ୍ଲକରୁ ଚୟନିତ କୃତୀ ଛାତ୍ରଛାତ୍ରୀ ଏଥିରେ ଯୋଗଦେଇ ବିଜ୍ଞାନଭିତ୍ତିକ ଚିନ୍ତନ, ଜ୍ଞାନ ଓ ପ୍ରତିଭାର ପ୍ରଦର୍ଶନ କରିଥିଲେ । ପ୍ରତିଯୋଗିତାରେ ଲେଡି ହାମିଲଟନ୍ ହାଇସ୍କୁଲର ଛାତ୍ରୀ ସ୍ୱାଗତିକା ପଣ୍ଡା ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଓଏଭି ଗରୁଡ଼ବସା, ବେତନଟୀର ବ୍ରହ୍ମଶଙ୍କର ମହାନ୍ତ ଦ୍ୱିତୀୟ ଓ ଓଏଭି ସାନଶୋଳ, ଶାମାଖୁଣ୍ଟାର ପ୍ରୀତିଲତା ବିନ୍ଧାଣୀ ତୃତୀୟ ସ୍ଥାନ ହାସଲ କରିଛନ୍ତି । ପ୍ରଥମ ସ୍ଥାନ ହାସଲ କରିଥିବା ସ୍ୱାଗତିକା ପଣ୍ଡା ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ହେବାକୁ ଥିବା ରାଜ୍ୟସ୍ତରୀୟ ବିଜ୍ଞାନ ସେମିନାରରେ ମୟୂରଭଞ୍ଜ ଜିଲ୍ଲା ପକ୍ଷରୁ ପ୍ରତିନିଧିତ୍ୱ କରିବେ । ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସେମିନାରରେ ଛାତ୍ରଛାତ୍ରୀମାନେ ବିଜ୍ଞାନ ସମ୍ପର୍କିତ ବିଭିନ୍ନ ବିଷୟରେ ନିଜର ମତାମତ ଓ ଚିନ୍ତାଧାରା ଉପସ୍ଥାପନ କରିଥିଲେ । ବିଜ୍ଞାନ ପ୍ରତି ଆଗ୍ରହ, ଅନୁସନ୍ଧାନମୂଳକ ଚିନ୍ତନ ଓ ସୃଜନଶୀଳତାକୁ ପ୍ରୋତ୍ସାହନ ଦେବାରେ ସେମିନାରଟି ଏକ ଉପଯୋଗୀ ମଞ୍ଚ ପାଲଟିଥିଲା । ପ୍ରତିଯୋଗୀଙ୍କ ଉପସ୍ଥାପନାର ମୂଲ୍ୟାଙ୍କନ ଓ କୃତୀ ପ୍ରତିଯୋଗୀଙ୍କ ଚୟନ ପାଇଁ ଶିକ୍ଷା ପ୍ରଶିକ୍ଷକ ଡଃ ପ୍ରିୟ ରଞ୍ଜନ ଦାଶ, ରୂପାଲି ପାତ୍ର ଓ ସାଗର କୁମାର ଦଳନାୟକ ବିଚାରକ ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ପଣ୍ଡିତ ରଘୁନାଥ ମୁର୍ମୁ ସାଇନ୍ସ ପ୍ଲାନେଟୋରିୟମ୍‌ର ସହକାରୀ କ୍ୟୁରେଟର ଶଶାଙ୍କ ଶେଖର ମହାନ୍ତ, ଶୁଭମ୍ ଚିନ୍ତନ ତ୍ରିପାଠୀ, ଶତାବ୍ଦୀ ଷଡ଼ଙ୍ଗୀ ଏବଂ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ସେମିନାରର ସୁଚାରୁ ପରିଚାଳନାରେ ଶିକ୍ଷକ ମନୋଜ ପାତ୍ର, ଭୀଷ୍ମଦେବ ମହାନ୍ତ, ଅଜିତ ମହାନ୍ତି, ମନୋଜ ପରିଡ଼ା, ବସନ୍ତ ଦତ୍ତ ଓ ଅତସୀ କୁଣ୍ଡୁ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଶିକ୍ଷକ ନୟନ କୁମାର ଗିରି ଉପସ୍ଥିତ ଅତିଥି, ବିଚାରକ, ଶିକ୍ଷକ ଓ ପ୍ରତିଯୋଗୀମାନଙ୍କୁ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜାତୀୟ ଆୟୁର୍ବେଦ ଦିବସ ପାଳିତ

ବ୍ରହ୍ମପୁର, (ସବ୍ୟୁ): ସର୍ବ ଭାରତୀୟ ଆୟୁର୍ବେଦିକ କଂଗ୍ରେସ, ଗଞ୍ଜାମ ଜିଲ୍ଲା ଶାଖା, ବ୍ରହ୍ମପୁର ଏବଂ ଡାକଫର୍ସ ଫୋରମ ମିଳିତ ଆନୁକୂଲ୍ୟରେ ୧୧ତମ ଜାତୀୟ ଆୟୁର୍ବେଦ ଦିବସ ପାଳନ ଅବସରରେ ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଖେଳ ପଡ଼ିଆ ପରିସରରେ ପ୍ରଥମେ ବୃକ୍ଷରୋପଣ କରାଯାଇଥିଲା । ପରେ ପଡ଼ିଆ ପରିସରରୁ ଅନ୍ନପୂର୍ଣ୍ଣା ବଜାର ଛକ ପର୍ଯ୍ୟନ୍ତ ଏକ ଆୟୁର୍ବେଦ ସଚେତନତା ପଦଯାତ୍ରାକୁ ଡାକଫର୍ସ ଫୋରମ ସଭାପତି, ପୂର୍ବାଞ୍ଚଳ ଭାରତୀୟ ଅସ୍ଥିଶଲ୍ୟ ସଂଘ ସଭାପତି ଡ ଶଙ୍କର୍ଷଣ ପାତ୍ର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ସର୍ବ ଭାରତୀୟ ଆୟୁର୍ବେଦିକ କଂଗ୍ରେସ ରାଜ୍ୟ ଉପସଭାପତି ଡ ରାମଚନ୍ଦ୍ର ରଥ, ସର୍ବ ଭାରତୀୟ ଆୟୁର୍ବେଦିକ କଂଗ୍ରେସ, ବ୍ରହ୍ମପୁରର ସଭାପତି ତଥା ଡକଫର୍ସ ଫୋରମ ସାଧାରଣ ସମ୍ପାଦକ ଡ ଅତୁଲ୍ୟ କୁମାର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଡ କିରଣ କୁମାର ପାଣିଗ୍ରାହୀ, ବିଜୁ ପଟ୍ଟନାୟକ ହୋମିଓପାଥିକ ମେଡିକାଲ କଲେଜ ଓ ହସ୍ପିଟାଲର ଅଧ୍ୟକ୍ଷା ଗୀତାଞ୍ଜଳି ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ଚିକିତ୍ସକ ଯୋଗଦେଇଥିଲେ । ଏହି ଅବସରରେ ଡ ରମେଶ ଚନ୍ଦ୍ର ଦାସ, ଡ ସୁଜିତ ପାଣିଗ୍ରାହୀ, ଡ ସନ୍ତୋଷ କୁମାର ପଟ୍ଟନାୟକ,ଡ ଶିଶିର କାନ୍ତ ତ୍ରିପାଠୀ, ଡ ଶିଶିର କାନ୍ତ ମିଶ୍ର, ଡ ପ୍ରଦୀପ କୁମାର ପାତ୍ର, ଡ ବିପିନ ବିହାରୀ ସାହୁ, ଡ ପ୍ରଶାନ୍ତ କୁମାର ସାହୁ, ଡ ପ୍ରସନ୍ନ କୁମାର କର, ଡ ପ୍ରଫୁଲ୍ଲ କୁମାର ପାତ୍ର, ଡ ରାଜେନ୍ଦ୍ର କୁମାର ତ୍ରିପାଠୀ, ଡ ରବୀନ୍ଦ୍ରନାଥ ଗନ୍ତାୟତ, ଡ ସମରେନ୍ଦ୍ର କୁମାର ସାହୁ, ଡ ପ୍ରଶାନ୍ତ କୁମାର ପଣ୍ଡା, ଡ କଳାନିଧି ହୋତା, ଡ ଚିନ୍ତାମଣି,ଡ ସମୀର କୁମାର ନାୟକ ପ୍ରମୁଖ ସୁସ୍ଥ ଜୀବନଶୈଳୀ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ ।

# ମୟୂରଭଞ୍ଜ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲରେ କ୍ୟାରିୟର କାଉନସେଲିଂ




ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ ପକ୍ଷରୁ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ସିଭିଲ ସର୍ଭିସ୍‌କୁ ନେଇ ଏକ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।

ଅଧ୍ୟକ୍ଷା ଦେବାସ୍ମିତା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସିଭିଲ ସର୍ଭିସ୍‌ରେ କ୍ୟାରିୟର ଗଢ଼ିବାର ସୁଯୋଗ, ପ୍ରସ୍ତୁତି ପ୍ରଣାଳୀ ଓ ଆବଶ୍ୟକତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦିଆଯାଇଥିଲା । ଏହି ଅବସରରେ ଅଧ୍ୟାପକ କୀର୍ତ୍ତିକୌଶିକ ନାୟକ, ଏନ୍. ବିଜୟଲକ୍ଷ୍ମୀ ଓ ଜ୍ୟୋତିରେଖା ନାୟକ ସିଭିଲ ସର୍ଭିସ୍ ପରୀକ୍ଷାର ବିଭିନ୍ନ ପର୍ଯ୍ୟାୟ, ଶିକ୍ଷାଗତ ଯୋଗ୍ୟତା, ପ୍ରସ୍ତୁତି ପଦ୍ଧତି, ବିଭିନ୍ନ ସେବା କ୍ଷେତ୍ର ଓ ଏହା ମାଧ୍ୟମରେ ମିଳୁଥିବା କ୍ୟାରିୟର ସୁଯୋଗ ବିଷୟରେ ବିସ୍ତୃତ ଭାବେ ବୁଝାଇଥିଲେ । ନିୟମିତ ପାଠପଢ଼ା ସହ ସମ୍ବାଦପତ୍ର ପଠନ, ସାଧାରଣ ଜ୍ଞାନ ବୃଦ୍ଧି ଓ ସୁଚିନ୍ତିତ ଯୋଜନା ଅନୁସାରେ ପ୍ରସ୍ତୁତି ନେବାକୁ ସେମାନେ ପରାମର୍ଶ ଦେଇଥିଲେ । ଛାତ୍ରଜୀବନରୁ ଲକ୍ଷ୍ୟ ନିର୍ଦ୍ଧାରଣ, ସମୟର ସଠିକ୍ ବ୍ୟବହାର ଓ ନିରନ୍ତର ପରିଶ୍ରମ ହିଁ ସିଭିଲ ସର୍ଭିସ୍ ପ୍ରସ୍ତୁତିର ମୁଖ୍ୟ ଆଧାର ବୋଲି କାର୍ଯ୍ୟକ୍ରମରେ ଆଲୋକପାତ କରାଯାଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀମାନେ ସିଭିଲ ସର୍ଭିସ୍ ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ପଚାରି ନିଜର ସନ୍ଦେହ ଦୂର କରିଥିଲେ । ଶେଷରେ ଜ୍ଞାନରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିବା ସହ କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ଅଧ୍ୟକ୍ଷା, ଅଧ୍ୟାପକ-ଅଧ୍ୟାପିକା ଓ ଛାତ୍ରଛାତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ ।

ସମୟ

# ରାସ୍ତା ଖାଲରେ ମାଛ ଛାଡ଼ି ପ୍ରତିବାଦ



ନାଉଗାଁ, (ସବ୍ରୁ): ରାସ୍ତାରେ ବଡ଼ ବଡ଼ ଖାଲ, ଖାଲରେ ପାଣି । ଯାତାୟାତ କରିବା ମୁସ୍କିଲ । ଦୀର୍ଘଦିନ ଧରି ରାସ୍ତାର ଏଭଳି ଦୁରବସ୍ଥାକୁ ନେଇ ଅଞ୍ଚଳବାସୀଙ୍କ ଅସନ୍ତୋଷ ତୀବ୍ର ହୋଇଛି । ଦୈନନ୍ଦିନ ଦୁର୍ଘଟଣା ମଧ୍ୟ ଘଟୁଛି ଅସନ୍ତୋଷ ଏପରି ରୂପନେଇଛିଯେ ରାସ୍ତାର ଖାଲରେ ମାଛ ଛାଡ଼ି ଅଭିନବ ଢଙ୍ଗରେ ପ୍ରତିବାଦ କରିଛି ନାଉଗାଁ ଯୁବ ସଚେତନତା ମଞ୍ଚ ।

ନାଉଗାଁ ବ୍ଲକ ଛକ ନିକଟସ୍ଥ ବାଲିଭଉଁରୀ–ଶିଖର ଘାଟ ନାଉଗାଁ ମୁଖ୍ୟ ରାସ୍ତାର ଅବସ୍ଥା ଦୀର୍ଘଦିନ ହେବ ଶୋଚନୀୟ ହୋଇପଡ଼ିଛି । ରାସ୍ତାରେ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିବା ବେଳେ ବର୍ଷା ହେଲେ ସେଥିରେ ପାଣି ଜମି ରହୁଛି । ଫଳରେ ଦୁଇଚକିଆ ଓ ଚାରିଚକିଆ ଯାନ ଚଳାଚଳରେ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ରାସ୍ତା ମରାମତି ଦାବିରେ ଅଞ୍ଚଳବାସୀ ପୂର୍ବରୁ ଜିଲ୍ଲାପାଳଙ୍କ ସମେତ ସମ୍ପୃକ୍ତ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରିଛନ୍ତି । ଏହାସହ ନାଉଗାଁ ଯୁବ ସଚେତନତା ମଞ୍ଚ ପକ୍ଷରୁ ରାସ୍ତାରୋକ ଓ ଧାରଣା ମଧ୍ୟ କରାଯାଇଥିଲା । ସେତେବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଖୁବଶୀଘ୍ର ରାସ୍ତା ମରାମତି କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା । ମାତ୍ର ଏଯାଏଁ ରାସ୍ତାର ଅବସ୍ଥାରେ ଆଶାନୁରୂପ ସୁଧାର ଆସିନଥିବା ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି । ଆଗକୁ ପାର୍ବଣ ଋତୁ ଆସୁଥିବା ବେଳେ ଜଗତସିଂହପୁର ଜିଲ୍ଲାରୁ ପୁରୀ ଜିଲ୍ଲାକୁ ସଂଯୋଗ କରୁଥିବା ଏହି ପ୍ରମୁଖ ରାସ୍ତାରେ ଯାତାୟାତ ବୃଦ୍ଧି ପାଇବ । ନାଉଗାଁ ସମେତ କଟକ, ପୁରୀ, ପାରାଦୀପ, କୋଣାର୍କ, କାକଟପୁର, ଅସ୍ତରଙ୍ଗ ଓ ନିଆଳି ଆଦି ଅଞ୍ଚଳକୁ ଯାତାୟାତ କରୁଥିବା ଲୋକେ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି ।

ତେଣୁ ପାର୍ବଣ ପୂର୍ବରୁ ରାସ୍ତାର ତୁରନ୍ତ ମରାମତି ପାଇଁ ଦାବି ହୋଇଛି । ଏହି ଅଭିନବ ପ୍ରତିବାଦରେ ଘୋଡ଼ାଂଶ ଗ୍ରାମ ପଞ୍ଚାୟତର ସରପଞ୍ଚ ନିହାର ରଞ୍ଜନ ବସ୍ତିଆ,ଯୁବ ବିଜେଡି ନେତା ସୁନିଲ କୁମାର ମାଟିଆ, ସାମ୍ବାଦିକ ଦେବଜ୍ୟୋତି ମହାନ୍ତି, ମାନସ ସ୍ୱାଇଁ, ପ୍ରଭଞ୍ଜନ ନାୟକ, ଆଶିଷ ବିଶ୍ୱାଳ, ରାଜେଶ ପରିଡ଼ା, ଅଭିଜିତ ଦାସ,କାହ୍ନୁଙ୍କ ସମେତ ଯୁବ ସଚେତନତା ମଞ୍ଚର ସଦସ୍ୟ ଓ ସ୍ଥାନୀୟ ଲୋକେ ସାମିଲ ହୋଇଥିଲେ ।

# ମହାରାକୂଳ–ଗୋବିନ୍ଦପୁର ରାସ୍ତା ମରଣଯନ୍ତା



ଆଳି, (ସବ୍ୟୁ ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ର ଧୋୟା ଅଞ୍ଚଳର ଜୀବନରେଖା ଭାବେ ପରିଚିତ ଆଳି–ଗୋବିନ୍ଦପୁର ମୁଖ୍ୟ ରାସ୍ତାର ଅବସ୍ଥା ଦୀର୍ଘଦିନ ଧରି ଶୋଚନୀୟ ହୋଇପଡ଼ିଛି । ଗୋବିନ୍ଦପୁର ସେତୁ ନିକଟରୁ ମହାରାକୂଳ ପର୍ଯ୍ୟନ୍ତ ପ୍ରାୟ ୭ କିଲୋମିଟର ରାସ୍ତାରେ ଅସଂଖ୍ୟ ଖାଲଖମା ଓ ଭଙ୍ଗା ଅଂଶ ଯୋଗୁଁ ଯାତାୟାତ ବିପର୍ଯ୍ୟସ୍ତ ହୋଇପଡ଼ିଛି ।

ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତାର ଦୁରବସ୍ଥା ଯୋଗୁଁ ବାରମ୍ବାର ଛୋଟବଡ଼ ଦୁର୍ଘଟଣା ଘଟୁଛି । ଏହି ରାସ୍ତା କେନ୍ଦ୍ରାପଡ଼ା ଜିଲ୍ଲା ସହ ଯାଜପୁର ଜିଲ୍ଲାକୁ ସଂଯୋଗ କରିବା ସହ ଆଳି ମୁଖ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବ୍ଲକ କାର୍ଯ୍ୟାଳୟ ସମେତ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଯୋଡ଼ିଥାଏ । ଫଳରେ ଜରୁରୀ ସମୟରେ ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡ଼ି ଚଳାଚଳରେ ମଧ୍ୟ ସମସ୍ୟା ହେଉଥିବା ଅଭିଯୋଗ ହୋଇଛି । ରାସ୍ତାର ଦୁରବସ୍ଥା ନେଇ ଅଞ୍ଚଳର ଯୁବ ସାମ୍ବାଦିକ ଲିଟୁଆ ରାଉତ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟ ଯନ୍ତ୍ରୀ ଏବଂ କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଜନ–୨ର ନିର୍ବାହୀ ଯନ୍ତ୍ରୀଙ୍କୁ ଇ–ମେଲ ଓ ସ୍ପିଡ ପୋଷ୍ଟ ମାଧ୍ୟମରେ ଅଭିଯୋଗ କରିଛନ୍ତି । ରାସ୍ତାର ତୁରନ୍ତ ମରାମତି ଓ ନିର୍ମାଣ କାର୍ଯ୍ୟ ଆରମ୍ଭ ପାଇଁ ସେ ଦାବି କରିଛନ୍ତି ।ତାଙ୍କ ଅଭିଯୋଗ ଅନୁସାରେ, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ପ୍ରାୟ ୫ କୋଟିରୁ ଅଧିକ ଟଙ୍କାର କାମ ହୋଇଥିଲେ ମଧ୍ୟ ରାସ୍ତାର ଅନେକ ଅଂଶର କାର୍ଯ୍ୟ ଏବେ ବି ବାକି ରହିଛି । ଏହି ସମସ୍ୟାର ସମାଧାନ ପାଇଁ ୩୦ ଦିନ ମଧ୍ୟରେ ଦୃଢ଼ ପଦକ୍ଷେପ ନିଆନଗଲେ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଶ୍ରୀ ରାଉତ ଚେତାବନୀ ଦେଇଛନ୍ତି ।ସ୍ଥାନୀୟ ସ୍ତରରେ ଅଭିଯୋଗ ସତ୍ତ୍ୱେ ଆଶାନୁରୂପ କାର୍ଯ୍ୟାନୁଷ୍ଠାନ ନ ହେବାରୁ ଶ୍ରୀ ରାଉତ ମହାମହିମ ରାଷ୍ଟ୍ରପତିଙ୍କୁ ମଧ୍ୟ ଚିଠି ଲେଖି ଅଞ୍ଚଳର ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି ।

# ଡକାୟତି ଯୋଜନା କରୁଥିବା ୪ ଗିରଫ

କୁଆଖିଆ,(ସବ୍ୟୁ) : ରସୁଲପୁର ବ୍ଲକ ଅନ୍ତର୍ଗତ ହରିପୁର ହାଟ ମାର୍କେଟ ରେ ଗତକାଲି ରାତିରେ ଡକାୟତି ଯୋଜନା କରୁଥିବା ୪ ଚୋର ନରସିଂହ ପୁର କଚେରୀ ପଡିଆରେ ବସିଥିଲେ । କୌଣସି ସୂତ୍ରରୁ ଖବର ପାଇ କୁଆଖିଆ ଥାନା ପୋଲିସ ପାଟ୍ରୋଲିଙ୍ଗ ଗାଡି ସେଠାରେ ରାତି ୧ ଟା ରେ ପହଂଚି ସେ ୪ ଜଣଂକୁ ଉଠେଇ ଆଣି ପଚାରିବାରୁ ସେମାନେ ଚୋର ବୋଲି ଠୋସ ସୁରାକ ପୋଲିସ ହାତରେ ମିଳିଥିଲା। ଚୋରି ଯୋଜନା କରୁଥିବା ଅଭିଯୁକ୍ତ ମାନେ ହେଲେ ଶୋବ୍ରା ଯାଜପୁର ରୋଡ ଅଂଚଳ ର ଟୁକୁନୁ ମୁଦୁଲି, ଚକ୍ରଧର ବେହେରା, ଅନ୍ୟ ଦୁଇ ଜଣ ହେଲେ କୋରେଇ ଥାନା ଚାନ୍ଦ ମାଉଡି ସାହିର ଦଶରଥ ମୁର୍ମୁ,ବବୁଲ ମୁଣ୍ଡା। ଏହି ୪ ଜଣଂକୁ କେଶ ନଂ ୩୯୪ ରେ ଆଜି ଗିରଫ କରାଯାଇ ଅଦାଲତ ଚାଲାଣ କରାଯାଇଛି ବୋଲି କୁଆଖିଆ ପୋଲିସ ସୂତ୍ରରୁ ପ୍ରକାଶ । ଏଥିରେ ପୋଲିସ ଚୋରଙ୍କ ପାଖରୁ ଖଣ୍ଡା, ଛୁରୀ, ଲୁହା ରଡ଼, ଲଙ୍କା ପାଉଡର ଆଦି ସାମଗ୍ରୀ ଜବତ କରିଛି ।

# ଘାଇ ସୃଷ୍ଟି ହୋଇ ପାଣିଖିଆ ଗାଁରେ ପଶିଲା ପାଣି



ମହାକାଳପଡ଼ା, (ସବ୍ୟୁ) : କେନ୍ଦ୍ରାପଡ଼ା ଜିଲ୍ଲା ଉପକୂଳ ମହାକାଳପଡ଼ା ବ୍ଲକ ଲାଞ୍ଜୁଡା ପଂଚାୟତରେ ଜନଜାତି ଅଧ୍ୟୁଷିତ ପାଣିଖିଆ ଗାଁ ଲୋକେ ଆଜିବି ସ୍ୱାଧୀନତାର ୭୦ବର୍ଷ ପରେ ବି ସବୁଦିନିଆ ରାସ୍ତା ଭଳି ବିଭିନ୍ନ ମୌଳିକ ସୁବିଧାରୁ ବଂଚିତ ଅଛନ୍ତି । ଲୁଣା ଓ ହେନ୍ତାଳ ଜଙ୍ଗଲ ମଝିରେ ଅବସ୍ଥିତ ଏହି ସାନ୍ତାଳୀ ଗାଁ ରେ ଗତକାଲି ଲଘୁଚାପ ପ୍ରଭାବରେ ସମୁଦ୍ର ଜୁଆର ହୁ ହୁ ହୋଇ ବୃଦ୍ଧି ପାଇବାରୁ ଘେରି ବନ୍ଧ ଡେଇଁ ସମୁଦ୍ର ପାଣି ଗାଁ ଭିତରକୁ ମାଡିଆସିଥିଲା ।

ଏପରିକି ଘାଈ ସୃଷ୍ଟି ହେବାରୁ ଗାଁ ରେ ନୁଆଁଣିଆ ସ୍ଥାନରେ ଥିବା ୩୦ପରିବାର ଜଳାର୍ଣ୍ଣବ ହେବାରୁ ପରିବାର ଲୋକେ ଘର ଛାଡି ପିଲାଛୁଆ ଧରି ପାଖ ଉଚ୍ଚାବନ୍ଧ ରେ ଆଶ୍ରୟ ନେଇଥିଲେ । ଖବର ପାଇ ପ୍ରସାଶନିକ କଳ ରାତିରୁ ଭୋକ ଉପାସ ରେ ଦିନ କାଟୁଥିବା ଲୋକଙ୍କୁ ଶୁଖିଲା ଖାଦ୍ୟ, ପାଣି ବୋତଲ ଓ ଶିଶୁଖାଦ୍ୟ ଆଦି ଯୋଗାଇଦେଇଛନ୍ତି । ରିଲିଫ ଟିମରେ ପଞ୍ଚାୟତର ସରପଞ୍ଚ ସଫଳା ମଳିକ ସମାଜ ସେବି ପିଇଓ ଚନ୍ଦନ ଦାସ ସର୍କଲ ଆର ଆଇ ଦେବେନ୍ଦ୍ର ସାହୁ ସାମିଲ ଥିବାର ଜଣାପଡିଛି । ଜନଜାତି ବର୍ଗର ଏହି ଗାଁ ପ୍ରତି ସରକାର ଙ୍କ ବୈମାତୃକ ମନୋଭାବ ନେଇ ଗ୍ରାମବାସୀ ମୁଖ୍ୟମନ୍ତ୍ରୀ ଙ୍କୁ ସାକ୍ଷାତ କରି ଅଭିଯୋଗ କରିବେ ବୋଲି ସୁନାରାମ ମାରାଣ୍ଡି, ଗଜେନ୍ଦ୍ର ମାରାଣ୍ଡି ଓ ପୁର୍ଣଚନ୍ଦ୍ର ଟୁଡୁ କହନ୍ତି ।

# ପୀରବଜାର ଖୁଦୁରୁକୁଣୀ ଭସାଣି ଉତ୍ସବ

ସାଲେପୁର, (ସବ୍ୟୁ): ଜଗତପୁର ନିକଟସ୍ଥ ପୀରବଜାର ଯାତ୍ରା ପଡିଆ ଠାରେ ପ୍ରସିଦ୍ଧ ଖୁଦୁରୁକୁଣୀ ଭସାଣି ଉତ୍ସବ ବୁଧବାର ସନ୍ଧ୍ୟାରେ ଶେଷ ହୋଇଛି ।

ଏଥିରେ ସ୍ଥାନୀୟ ଗୁଜରପୁର ମହାଦେବସାହି,ଖଲିଫା ସାହି,ବାରିକ ସାହି, ମଙ୍ଗଳାସାହି, ଭାଗବତ ସାହି, ଖରଦାସହି, ଅଣ୍ଡଇସାହି, ପାଟରାସାହି, ବେହେରାସାହି,କଣିବାଟି ଓ ଚମ୍ପତି ସମେତ ମୋଟ ୧୧ଗୋଟି ମେଢ ଯୋଗଦେଇଥିଲେ । ଯାତ୍ରା କମିଟି କୋଷାଧକ୍ଷ ଲକ୍ଷ୍ମୀଧର ସତ୍ପାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା, ସମ୍ମାନୀତ ଅତିଥ ଭାବେ ଜଗତପୁର ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାସମଲ, ଗୁଜରପୁର ସରପଞ୍ଚ ପ୍ରତିନିଧି ଚିତ ରଞ୍ଜନ ନନ୍ଦି, ଚମ୍ପତି ସରପଞ୍ଚ ଗୌରାଙ୍ଗ ପରିଡା,ଯାତ୍ରା କମିଟି ସଭାପତି କେଶବ ଚନ୍ଦ୍ର ବେହେରା, ସମ୍ପାଦକ ଦୁଷ୍ମନ୍ତ ହେରା, ଉପସଭାପତି ମୁସ୍ତାକିମ ଖାଁ, ସହ ସମ୍ପାଦକ ଅସଲମ ଖାଁ,ଶିକ୍ଷାବିତ ଚୈତନ୍ୟ ବେହୁରା ପ୍ରମୁଖ ଯୋଗଦେଇଥିଲେ । ପ୍ରାରମ୍ଭରେ ଖୁଦୁରୁକୁଣୀ ଯାତ୍ରା ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ କୃତିବାସ ବେହେରାଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ବୁଧବାର ମଧ୍ୟାହ୍ନ ରେ ସୁସଜ୍ଜିତ ମୃଣ୍ମୟୀ ପ୍ରତିମା ଗୁଡିକ ଯାତ୍ରା ପଡିଆରୁ ଶୋଭାଯାତ୍ରାରେ ବାହାରି ସନ୍ଧ୍ୟାରେ ଖଇରା ଠାରେ ଏକ ଅସ୍ଥାୟୀ ଖାତରେ ବିସର୍ଜିତ କରାଯାଇଥିଲା । ପୀରବଜାର ଯାତ୍ରା କମିଟି ପକ୍ଷରୁ ବରିଷ୍ଠ ସଦସ୍ୟ ସୁଦାମ ବେହେରା, ଉପଦେଷ୍ଟା ଭାସ୍କର ବେହେରା, ଆଜମଲ ଖାଁ, ମନ୍ମଥ ବେହେରା,ସେକ ହାସିମ,ପପୁ ସାହେବ, ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ସାବତ ଭାଇକୁ ମରଣାନ୍ତକ ଆକ୍ରମଣ ଘଟଣାରେ ଜଣେ ଗିରଫ

ଜଗତସିଂହପୁର,(ସବ୍ୟୁ): ତରିକୁନ୍ଦ ଫାଣ୍ଡି ଅଧୀନ ବେହେରାମପୁର ଠାରେ ସାବତ ଭାଇକୁ ମରଣାନ୍ତକ ଆକ୍ରମଣ ଘଟଣାରେ ଜଣେ ଅଭିଯୁକ୍ତକୁ ବିଶାଖାପାଟଣାରୁ ଗିରଫ କରିଛି ଜଗତସିଂହପୁର ପୋଲିସ।ଗିରଫ ଅଭିଯୁକ୍ତ ଅବଦୁଲ ଆଦିଲ ଖାନ ।ଅନ୍ୟ ଜଣେ ଅଭିଯୁକ୍ତ ଆଦିଲର ଭାଇ ଆଦିମ ଖାନ ଫେରାର ରହିଛି ।ଗତ ୧୯ ତାରିଖରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ସାବତ ଭାଇ ଇମ୍ରାନ ଖାନକୁ କଟୁରି ଓ ଫାର୍ସାରେ ହାଣିବା ସହିତ ପେଟରେ ରଡ଼ ପୁରାଇ ମରଣାନ୍ତକ ଆକ୍ରମଣ କରିଥିଲେ ଦୁଇ ଭାଇ । ଇମ୍ରାନଙ୍କୁ ଗୁରୁତର ଅବସ୍ଥାରେ ଜଗତସିଂହପୁର ମେଡିକାଲ ଓ ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା ।ସାବତ ଭାଇ ଇମ୍ରାନଙ୍କୁ ହାଣି ଦୁଇ ଭାଇ ଆଦିଲ ଖାନ ଓ ଆଦିମ ଖାନ ଫେରାର ହୋଇ ଯାଇଥିଲେ । ଜମିବାଡ଼ି ବିବାଦକୁ କେନ୍ଦ୍ର କରି ପୂର୍ବରୁ ଘରେ ପେଟ୍ରୋଲ ଢାଳି ନିଆଁ ଲଗାଇ ପୋଡି ମାରି ଦେବାକୁ ଉଦ୍ୟମ କରିଥିଲେ ଦୁଇ ଭାଇ ।ଗତ ୧୯ ତାରିଖରେ ଘଟଣା ଘଟାଇ ଦୁଇ ଭାଇ ଓଡିଶା ବାହାରକୁ ପଳାଇ ଯାଇଥିଲେ ।

ଏସ୍ପି ଅଙ୍କିତ ବର୍ମାଙ୍କ ନିର୍ଦ୍ଦେଶରେ ପୋଲିସ ଦୁଇଟି ଟିମ ଗଠନ କରି ଓଡିଶା ଓ ଓଡିଶା ବାହାରେ ସର୍ଚ୍ଚ ଅପରେସନ ଜାରି ରଖିଥିଲେ । ପୋଲିସ ଅଭିଯୁକ୍ତ ଭାଇ ଅବଦୁଲ ଆଦିଲ ଖାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଜଗତସିଂହପୁର ଏସ୍ଡିପିଓ ଦିବ୍ୟ ରଞ୍ଜନ ନାଥ କହିଥିଲେ ।ଏହି ସାମ୍ବାଦିକ ସମ୍ମିଳନୀରେ ଜଗତସିଂହପୁର ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ଓ ତରିକୁନ୍ଦ ଫାଣ୍ଡି ଅଫିସର ଅନୀଲ କୁମାର ସାହୁ ଉପସ୍ଥିତ ରହିଥିଲେ ।

# ଯାଜପୁରର ଶୈବ–ଶାକ୍ତ ସଂସ୍କୃତି ଉପରେ ହେବ ଆଲୋଚନାଚକ୍ର



ଯାଜପୁର, (ସବ୍ୟୁ) : ଜିଲ୍ଲାର ବିଭବବନ୍ତ ଶୈବ–ଶାକ୍ତ ସଂସ୍କୃତି, ଐତିହ୍ୟ ଏବଂ ପରମ୍ପରାର ପୃଷ୍ଠଭୂମି ଉପରେ ଆୟୋଜିତ ହେବ ଏକ ବୌଦ୍ଧିକ ଆଲୋଚନାଚକ୍ର । ଏଥିପାଇଁ ଯାଜପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଏହି ବୈଠକରେ ପୁଣ୍ୟତୋୟା ବୈତରଣୀ ପାଦଦେଶରେ ନିର୍ମିତ ହେଉଥିବା ୧୨୩ ଫୁଟ ଉଚ୍ଚତା ବିଶିଷ୍ଟ ଶୈବ ପ୍ରକଳ୍ପ ଏବଂ ଏହାର ପାରିପାର୍ଶ୍ୱିକ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ପାଇଁ ଜିଲ୍ଲାପାଳ ସବିଶେଷ ଆଲୋକପାତ କରିଥିଲେ । ଏହି ବିଶାଳ ଏବଂ ଭବ୍ୟ ପ୍ରତିକୃତି ସହିତ ଲାଇଟ୍ ଏଣ୍ଡ ସାଉଣ୍ଡ ବ୍ୟବସ୍ଥା ସହିତ ଲେଜର ସୋ ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଉଛି । ବିରଜା ଏବଂ ବରାହ କ୍ଷେତ୍ରକୁ ଆସୁଥିବା ରାଜ୍ୟର ପର୍ଯ୍ୟଟକମାନଙ୍କ ପାଇଁ ଏହା କିଭଳି ଅଧିକ ଆକର୍ଷଣୀୟ ହୋଇପାରିବ ସେ ସମ୍ପର୍କରେ ଜିଲ୍ଲାପାଳ ସବିଶେଷ ଆଲୋଚନା କରିଥିଲେ । ଏହି ଭବ୍ୟ ପର୍ଯ୍ୟଟନ ପ୍ରକଳ୍ପର ଅନାବରଣ ପୂର୍ବରୁ ଶୈବ ସଂସ୍କୃତିର ପୌରାଣିକ ଗାଥାକୁ ନେଇ ଏକଦିବସବ୍ୟାପୀ ବୌଦ୍ଧିକ ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ଏବଂ ଏଥିରେ ବହୁ ବିଶିଷ୍ଟ ଗବେଷକ ଓ ଆଲୋଚକମାନେ ଯୋଗ ଦେବେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ଯାଜପୁରର ଗୌରବମୟ ଐତିହ୍ୟ ଏବଂ ସଂସ୍କୃତି ଉପରେ ଆଲୋଚନା କରିଥିଲେ । ଏହି ପ୍ରସ୍ତୁତି ବୈଠକରେ ଐତିହ୍ୟ ଗବେଷକ ଶୁଭେନ୍ଦୁ କୁମାର ଭୂୟାଁ, ଅଧ୍ୟାପକ ଦାମୋଦର ବେହେରା, ଅଭିମନ୍ୟୁ ସାଂସ୍କୃତିକ ସଂସଦର ସମ୍ପାଦକ କୈଳାଶ ଚନ୍ଦ୍ର ନାୟକ, ସହକାରୀ ଜିଲ୍ଲାପାଳ ତାପସ ରଞ୍ଜନ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଦେବବ୍ରତ ସାହୁ ଓ ଜିଲ୍ଲା ସଂସ୍କୃତି ସହାୟକ ଜ୍ୟୋତିରଂଜନ କର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଓଜେସିର ଦାବି: ଏମ୍ଏମ୍ଡିଆର୍ କଳା ଆଇନ ପ୍ରତ୍ୟାହାର



ବ୍ୟାସନଗର, (ଜିପ୍ର): ଯାଜପୁର ଜିଲ୍ଲା ଓଡିଶା ଜନତା କଂଗ୍ରେସ ପକ୍ଷରୁ ଏମ, ଏମ, ଡି, ଆର, ଆଇନ ୨୦୨୬ ଭଳି କଳା ଆଇନ କୁ ବିରୋଧ କରି ଆଜି ଠାରୁ ଜିଲ୍ଲାରେ ଦାବି ଦିବସ ଭାବେ ପାଳନ କରାଯାଉଛି ।

ଏହାକୁ କେନ୍ଦ୍ର ସରକାର ତୁରନ୍ତ ପ୍ରତ୍ୟାହାର ଦାବିରେ ଚୋରଦା ବାଇପାସ ଛକ ଠାରୁ ଜିଲ୍ଲାସଭାପତି ବିଦ୍ୟାଧର ମହାନ୍ତି ଙ୍କ ନେତୃତ୍ୱ ରେ ଶତାଧିକ ଯୁବକ ମୋଟର ସାଇକେଲ ଶୋଭାଯାତ୍ରା ଯାଇ ସ୍ଥାନୀୟ ତହସିଲ ଅଫିସ ପରିସରରେ ଏକ ପ୍ରତିବାଦ ସଭା ମାଧବ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ସଭାରେ ଓ, ଜେ, ସି, ଜିଲ୍ଲା ସଭାପତି ବିଦ୍ୟାଧର ମହାନ୍ତି କେନ୍ଦ୍ରର ବିଜେ, ପି, ସରକାର ଶିଳ୍ପପତି ମାନଙ୍କ ହାତବାରିସୀ ସାଜି ସୁପ୍ରିମ କୋର୍ଟଙ୍କ ଆଦେଶକୁ ଅମାନ୍ୟ କରି ସଂସଦରେ ବିନା ବିତର୍କରେ ଅଧ୍ୟାଦେଶ ଜରିଆରେ ଏହି କଳାଆଇନକୁ ପାରିତ କଲେ ଯାହା ଦେଶର ଖଣିଜ ସମ୍ପଦ ଓ ଜଙ୍ଗଲ ଜମିକୁ ଆଦାନୀ, ଅମ୍ବାନୀ ହାତରେ ଟେକି ଦେଉଛନ୍ତି ବୋଲି ଶ୍ରୀ ମହାନ୍ତି ଦୃଢ଼ ସମାଲୋଚନା କରିଥିଲେ ।

ବିଶେଷ କରି ଯାଜପୁର ଜିଲ୍ଲାରେରେ ଭରପୁରଥିବା ଖଣିଜସମ୍ପଦ ରୁ ପାଉଥିବା ରାଜସ୍ୱ ହରାଇବା ସହିତ ଡି, ଏମ, ଅର୍ଥ ଦ୍ୱାରା ହେଉଥିବା ବିକାଶ କାର୍ଯ୍ୟ ଠପ ହେଇଯିବ ବୋଲି ସେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଚିତ୍ରରଣା, ପ୍ରତାପ କୁମାର ଦାସ ସେକ ଅବଦୁଲ, ପ୍ରଦୀପ କୁମାର ସେଠି ମିନକେତନ ମହାନ୍ତି ବିଦ୍ୟାଧର ଜେନା, ଶତ୍ରୁଘନ ମଳିକ, ରାକେଶ କୁମାର ପ୍ରମୁଖ ଏ ଆନ୍ଦୋଳନ ପଲ୍ଲୀରୁ ଦିଲ୍ଲୀ କରାଯିବାକୁ ରାଜ୍ୟ ସଭାପତିଙ୍କ ମହମ୍ମଦ ମୋକିମଙ୍କ ଆହ୍ୱାନରେ ସମଗ୍ର ଜିଲ୍ଲାରେ ପ୍ରତିବାଦ କରାଯିବାକୁ ଘୋଷଣା କରିଥିଲେ । ଶେଷରେ ଏକ ମାନପତ୍ର ସ୍ଥାନୀୟ ତହସିଲଦାର ପ୍ରଶାନ୍ତ କୁମାର ପୁହାଣଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ପ୍ରଧାନ କରାଯାଇଥିଲା ।

# ଜନନାୟକ ସେକ ମତଲୁବ ଅଲୀଙ୍କ ଷଷ୍ଠ ବାର୍ଷିକ ସ୍ମୃତି ଉତ୍ସବ

କୁଆଁପାଳ ,(ସବ୍ୟୁ):ରାଜ୍ୟରେ ଆଉ ଶାସନ ନାହିଁ । ବଲଙ୍ଗା ପୀଡିତା ହୁଅନ୍ତୁ କିମ୍ବା ଫକୀର ମୋହନ ବିଶ୍ୱ ବିଦ୍ୟାଳୟର ଛାତ୍ରୀ ହୁଅନ୍ତୁ ,ଏ ଶାସନରେ କେହି ନିଜକୁ ସୁରକ୍ଷିତ ମଣୁ ନାହାନ୍ତି । ଗଣତନ୍ତ୍ର ଆଉ ଅଛି କି ? କେନ୍ଦ୍ର ସରକାରଙ୍କ ଖଣି ନୀତି ହେଉ ଅଥବା ରାଜ୍ୟରେ ଖଣି ଲୁଟ ହେଉ କିଛି ଲୋକ ବଡ ଲୋକ ହେଉଥିଲା ବେଳେ ହଷ୍ଟେଲରେ ଆଜି ଛାତ୍ରୀ ଅସୁରକ୍ଷିତ । ଗରିବ ,କୃଷକ ,ମହିଳା ଓ ଯୁବକଙ୍କୁ ନ୍ୟାୟ ଦେବା ପାଇଁ ରାହୁଲ ଗାନ୍ଧୀ କନ୍ୟାକୁମାରୀ ଠାରୁ କାଶ୍ମିର ପର୍ଯ୍ୟନ୍ତ ସଂଗ୍ରାମ ଜାରୀ ରଖିଛନ୍ତି କହିବା ସହ କଂଗ୍ରେସ ସରକାର ଆସିଲେ ସମସ୍ତଙ୍କୁ ନ୍ୟାୟ ମିଳିବ ବୋଲି ବକ୍ତବ୍ୟ ରଖିଥିଲେ ।

ପିସିସି ସଭାପତି ଶ୍ରୀ ଦାସ ଏହି ପରିପ୍ରେକ୍ଷୀରେ ମାହାଙ୍ଗା ବ୍ଲକ ଅନ୍ତର୍ଗତ ମଣୀଯୋରୀ ସ୍ଥିତ ସହୀଦ ଭବନ ପରିସରରେ ସେକ ମତଲୁବ ଅଲି ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ସେକ ଅଲିଙ୍କ ଷଷ୍ଠ ବାର୍ଷିକ ସ୍ମୃତି ଉତ୍ସବରେ ଯୋଗଦେଇ ମତଲୁବ ବାବୁଙ୍କୁ ମାହାଙ୍ଗାର ବିକାଶ ପୁରୁଷ ଓ ସେ ଜଣେ ଗାନ୍ଧିବାଦୀ ନେତା ଥିଲେ ବୋଲି ବକ୍ତବ୍ୟ ରଖିଥିଲେ । ମହାନ ମାହାଙ୍ଗାର ଅଧ୍ୟକ୍ଷ ତଥା କଂଗ୍ରେସ ଯୁବନେତା ସେକ ମସୁଦ ଅଲିଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ ସ୍ମୃତି ଉତ୍ସବରେ ସଭାମୁଖ୍ୟ ଭାବେ ପ୍ରଫେସର ଡ. ବିଜୟାନନ୍ଦ ସିଂହ ସଭାପତିତ୍ୱ କରିଥିଲେ । ମୁଖ୍ୟବକ୍ତାଭାବେ ବିଶିଷ୍ଟ ସାହିତ୍ୟିକ ତଥା ନାଟ୍ୟକାର ପ୍ରଫେସର ବିଜୟ କୁମାର ଶତପଥି ଯୋଗଦେଇ ସ୍ୱର୍ଗତ ଅଲିଙ୍କ ମାହାଙ୍ଗା ବିକାଶରେ ଥିବା ଅବଦାନ ଅତୁଳନୀୟ ବୋଲି କହିଥିଲେ । ସମ୍ମାନୀତ ଅତିଥିଭାବେ ଓଡିଶା ପ୍ରଦେଶ କଂଗ୍ରେସ କମିଟି କୋଷାଧ୍ୟକ୍ଷ ଇଂ ସିଦ୍ଧାର୍ଥ ସ୍ୱରୂପ ଦାସ,ଓଡିଶା କଂଗ୍ରେସ ସେବା ଦଳର ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି ଯୋଗଦେଇ ସ୍ୱର୍ଗତ ଅଲିଙ୍କ ବହୁମୁଖି ପ୍ରତିଭା ସଂପର୍କରେ ସ୍ମୃତିଚାରଣ କରିଥିଲେ । ମାହାଙ୍ଗା ବ୍ଲକ କଂଗ୍ରେସ କମିଟି ସଭାପତି ଆଇନଜୀବୀ ଦୀପକ କୁମାର ମହନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରଦୀପ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି ଅବସରରେ ଅତିଥିମାନେ ଆଗାମୀ ଶତାବ୍ଦୀ ପତ୍ରିକାକୁ ଉନ୍ମୋଚନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସାଧାରଣ ସଂପାଦକ ସୁକାନ୍ତ ନନ୍ଦ,ପଣ୍ଡିତ ପ୍ରଭାତ କର ,କ୍ଷୀରୋଦ ସାହୁ ,ବ୍ଲକ କଂଗେସ ସଂପାଦକ ସଂଗ୍ରାମ ସାମଲ ,ନଳିନୀକାନ୍ତ ନାୟକ,ରଞ୍ଜନ ପ୍ରଧାନ,ଅରୁଣ ନାଥ,ଶିକ୍ଷାବିତ୍ ପ୍ରଫୁଲ୍ଲ ସାହୁ ,କୈବଲ୍ୟ ମହାନ୍ତି,ଦୀପକ ନାୟକ,ଭ୍ରମରବର ଦାସ, ,ଧରଣୀଧର ସାହୁ,ବିଦ୍ୟାଧର ବେହେରାଙ୍କ ସମେତ ଶତାଧିକ କଂଗ୍ରେସ କର୍ମକର୍ତା ଓ ମତଲୁବ ପ୍ରେମୀ ଉପସ୍ଥିତ ରହିଥିଲେ । ସଭା ପ୍ରାରମ୍ଭରେ ଖନ୍ଦୋଳ ଠାରୁ ସଭାସ୍ଥଳ ପଯ୍ୟନ୍ତ ପିସିସି ସଭାପତି ଶ୍ରୀ ଦାସଙ୍କୁ ଏକ ବିଶାଳ ମୋଟର ସାଇକେଲ ରାଲି ଯୋଗେ ଦଳୀୟ କର୍ମୀ ଓ ସଂଗଠକ ମାନେ ପାଛୋଟି ନେଇଥିଲେ ।

# ଦ୍ୱିତୀୟ ପତ୍ନୀର ଅଭିଯୋଗ, ବିବାହିତ ଯୁବକ ଗିରଫ

ମହାକାଳପଡା, (ସବ୍ୟୁ ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ଥାନା ଅନ୍ତର୍ଗତ ବରକନ୍ଦା ପଞ୍ଚାୟତସ୍ଥ ତେନ୍ତୁଳିକନ୍ଧା ଗ୍ରାମର ଦୀପକ ପ୍ରଧାନ ନିଜର ବିବାହିତା ସ୍ତ୍ରୀ ପିଲା ଙ୍କୁ ଗାଁ ରେ ଛାଡ଼ି ତାମିଲନାଡୁ ରେ କାର୍ଯ୍ୟ କରୁଥିଲେ । କମ୍ପାନୀ ରେ କାର୍ଯ୍ୟ କରିବା ରେ ନିଜ ବ୍ଲକ ର କର୍ମଜୀବୀ ବିଧବା ମହିଳା ମାନି ସାମଲ ଙ୍କ ସହିତ ପରିଚିତ ହୋଇଥିଲେ । ଉଭୟ ଉଭୟଙ୍କୁ ଜାଣିବା ପରେ ନିକଟତର ହୋଇ ପ୍ରେମ ନିଶାରେ ମସଗୁଲ ରହୁଥିଲେ । ଏପରିକି ମହିଳା କୁ ପ୍ରେମ ଜାଲରେ ଫସାଇ କୋର୍ଟ ବିବାହ କରି ସୁଦୂର ତାମିଲନାଡୁ ରେ ଦୀର୍ଘ ୪ ବର୍ଷ କାଳ ଶାରୀରିକ ସଂପର୍କ ରଖି ସସ୍ୱାମୀ ସ୍ତ୍ରୀ ଭଳି ଚଳୁଥିଲେ । ଦ୍ୱିତୀୟ ପତି ଦୀପକ ଦ୍ୱିତୀୟ ପତ୍ନୀ ମାନି ଗର୍ଭବତୀ ହେବାର ଜାଣିଲେ ଯୋରଜବରଦସ୍ତ ଏକାଧିକ ବାର ଗର୍ଭପାତ କରାଉଥିଲେ । ଚଳିତ ଥର ସଂସାର ଲକ୍ଷ୍ୟ ରେ ଗର୍ଭପାତ କରାଇବାକୁ ଅରାଜି ହେବାରୁ ଦ୍ୱନ୍ଦ୍ୱ ଉପୁଜିଥିଲା । ଏନେଇ ଦୀପକ କର୍ମଜିବି ମହିଳା କମ୍ପାନୀ ଡ୍ୟୁଟିରେ ଥିବା ସମୟରେ ଦୀପକ ସମସ୍ତ ଆଳି ଅଳଙ୍କାର ଓ ଟଙ୍କା ପଇସା ଧରି ଲୁଚି ଓଡ଼ିଶା ଚାଲି ଆସିଥିଲା। ଦ୍ୱିତୀୟ ପତ୍ନୀ ମାନି ସାମଲ ବାରମ୍ବାର ଫୋନ କରିବାପରେ କୌଣସି ଉତ୍ତର ନପାଇବାରୁ ବାଧ୍ୟ ହୋଇ ଧାର କରଜ କରି ନିଜ ଗାଁ କୁ ଫେରି ୧୫ ତାରିଖରେ ମହାକାଳପଡ଼ା ଥାନାରେ ଦୀପକ ନାମରେ ଘଟଣା ସମ୍ପନ୍ଧେ ଅଭିଯୋଗ କରିଥିଲେ । ପୋଲିସ ମାମଲା ରୁଜୁ କରିବା ସହିତ ଦୀପକ କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି ପୋଲିସ ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ସଭା

ଯାଜପୁରସଦର, (ସ.ବ୍ୟୁ): ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଖରସ୍ରୋତା ମହାବିଦ୍ୟାଳୟ ପରିସରରେଆଇନ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରାଧିକରଣ ସଚିବ ଲିପା ମହାନ୍ତି ଅଧ୍ୟକ୍ଷତା କରିବାସହିତ ପ୍ରାଧିକରଣରଦାୟିତ୍ୱ ବିଷୟରେ ଅବଗତ କରାଇବା ସହ ଆଜିର ଆଲୋଚ୍ୟ ପ୍ରସଙ୍ଗ ସମ୍ପର୍କରେ ସୂଚନା ଦେଇଥିଲେ । ଏଥିରେ ଅତିଥଆଲୋଚକ ଭାବେ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରଶ୍ମି ରଞ୍ଜନ ସାହୁ,ଏସ୍ଡିପିଓ ପ୍ରଶାନ୍ତ କୁମାର ମାଝି, ପ୍ରାକ୍ତନ ପ୍ରାଧିକରଣ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଡ.ବ୍ରହ୍ମନାରାୟଣ ପୃଷ୍ଟି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ସଦସ୍ୟ ଶିଶୁ ମଙ୍ଗଳ କମିଟି ଗୀତାଞ୍ଜଳି ଧଳଓ ଆଡଭୋକେଟ ଲିପ୍ସିତା ରାଉତରାୟ ପ୍ରମୁଖ ଯୋଗଦେଇ ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ୨୦୧୬ ମସିହାଏସିଡ ଆକ୍ରମଣ ପୀଡ଼ିତାଙ୍କୁ ଯୋଗାଇ ଦିଆଯାଉଥିବା ଯୋଜନା, ନାଲସାର ୨୦୧୪ ମସିହା ଶିଶୁ ଅନୁକୂଳ ଆଇନ୍ସେବାସହିତ ଶିଶୁ ମହିଳା ଏବଂ ବରିଷ୍ଠ ନାଗରିକମାନଙ୍କ ପ୍ରତି ହେଉଥିବା ଶୋଷଣ ନିର୍ଯାତନା ତାର ପ୍ରତିକାର ସମ୍ବନ୍ଧରେବିସ୍ତୃତ ଆଲୋକପାତ କରିଥିଲେ ।

ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁଧାଂଶୁ ଶେଖର ଦାସ ସ୍ୱାଗତ ଭାଷଣ ଓ ଅତିଥ ପରିଚୟ ପ୍ରଦାନ କରିଥିବା ବେଳେସଂସ୍କୃତ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଚେତନତା ସଭାରେ ବହୁସଂଖ୍ୟକଅଧ୍ୟାପକ, ଅଧ୍ୟାପିକା ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣ ଓମହାବିଦ୍ୟାଳୟ କର୍ମଚାରୀମାନେ ସହଯୋଗ କରିଥିଲେ ।

# ଜିନ୍ଦଲ ଷ୍ଟେନ୍‌ଲେସ୍ ପକ୍ଷରୁ ପରିବେଶ ସଚେତନତା ସୃଷ୍ଟି



ବ୍ୟାସନଗର, (ଜିପ୍ର): ଭାରତର ଅଗ୍ରଣୀ ଷ୍ଟେନ୍‌ଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ ଷ୍ଟେନ୍‌ଲେସ୍, ‘ନୀଳ ଆକାଶ ପାଇଁ ଆନ୍ତର୍ଜାତୀୟ ବିଶୁଦ୍ଧ ବାୟୁ ଦିବସ’ ଠାରୁ ‘ବିଶ୍ୱ ଓଜୋନ୍ ଦିବସ’ ପର୍ଯ୍ୟନ୍ତ ପାଳିତ ପରିବେଶ ସଚେତନତା ଅଭିଯାନ ଅଧୀନରେ ସଚେତନତା ଏବଂ ଗୋଷ୍ଠୀ ସମ୍ପର୍କ କାର୍ଯ୍ୟକ୍ରମ ଆୟୋଜନ କରିଛି । ଅଭିଯାନର ଅଂଶସ୍ୱରୂପ, ଜିନ୍ଦଲ ଷ୍ଟେନ୍‌ଲେସ୍ କର୍ମଚାରୀ, ଚୁକ୍ତିଭିତିକ ଶ୍ରମିକ, ଗୋଷ୍ଠୀର ସଦସ୍ୟ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ମଧ୍ୟରେ ସୁସ୍ଥ ଜୀବନଶୈଳୀ, ଦାୟିତ୍ୱବାନ୍ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ପରିବେଶ ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ପାଇଁ ସଚେତନତା ଏବଂ ଗୋଷ୍ଠୀ ଭାଗିଦାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ।

ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଂଚଳିକ କାର୍ଯ୍ୟାଳୟ କଳିଙ୍ଗନଗର ଜିଲ୍ଲା ପ୍ରଶାସନ ଏବଂ ନିକଟବର୍ତୀ ଶିଳ୍ପଗୁଡ଼ିକର ସହଯୋଗରେ ଆୟୋଜିତ ସାଇକେଲ ରାଲି, ବିଶୁଦ୍ଧ ବାୟୁ ଏବଂ ସୁସ୍ଥ ଗମନାଗମନକୁ ପ୍ରୋତ୍ସାହିତ କରିବା ପାଇଁ କର୍ମଚାରୀ ଏବଂ ଚୁକ୍ତିଭିତିକ ଶ୍ରମିକମାନଙ୍କୁ ଏକାଠି କରିଥିଲା । ପ୍ରତିଯୋଗୀମାନେ ନିର୍ଦ୍ଧାରିତ ମାର୍ଗ ଦେଇ ପରିବେଶ ଅନୁକୂଳ ପରିବହନ ଏବଂ ପରିବେଶ ଦାୟିତ୍ୱର ବାର୍ତା ବହନ କରି ସାଇକେଲ ଚଳାଇଥିଲେ । ଗୋଷ୍ଠୀ ଭାଗିଦାରୀ ଉପରେ ଅଭିଯାନର ଗୁରୁତ୍ୱକୁ ଆଗକୁ ନେଇ ଜେଏସଏଲ୍ ଡ୍ରିଜଙ୍ଗା ଗ୍ରାମରେ ‘ସ୍ୱଚ୍ଛତା ହିଁ ସେବା’ ଗଣସଫେଇ ଅଭିଯାନ ଆୟୋଜନ କରିଥିଲା ।

ଏହି ଅବସରରେ ଜିନ୍ଦଲ ଷ୍ଟେନ୍‌ଲେସ୍, ଯାଜପୁରର ପରିବେଶ ପ୍ରମୁଖ ମୈତ୍ରେୟୀ ଦେବ କହିଛନ୍ତି, ‘ପରିବେଶ ସୁସ୍ଥତା ଏକ ମିଳିତ ଦାୟିତ୍ୱ । ଏହି ପଦକ୍ଷେପଗୁଡ଼ିକ ମାଧ୍ୟମରେ ଆମର ଲକ୍ଷ୍ୟ ହେଉଛି ସଚେତନତା ସୃଷ୍ଟି କରିବା, ବ୍ୟବହାରିକ ପରିବର୍ତନକୁ ପ୍ରେରଣା ଦେବା ଏବଂ ଗୋଷ୍ଠୀକୁ ଏପରି ଅଭ୍ୟାସ ଆପଣାଇବାକୁ ଉତ୍ସାହିତ କରିବା ଯାହା ଏକ ସ୍ୱଚ୍ଛ, ସବୁଜ ଏବଂ ସୁସ୍ଥ ଭବିଷ୍ୟତରେ ଯୋଗଦାନ ଦେବ । କର୍ମଚାରୀ, ସ୍ଥାନୀୟ ଗୋଷ୍ଠୀ, ସରକାରୀ ସଂସ୍ଥା ଏବଂ ସହଯୋଗୀ ଶିଳ୍ପଗୁଡ଼ିକର ଉତ୍ସାହଜନକ ଭାଗିଦାରୀ ପରିବେଶ ସଂରକ୍ଷଣ ପ୍ରତି ଆମର ମିଳିତ ସଂକଳ୍ପକୁ ପ୍ରତିଫଳିତ କରେ ।

# ଲଘୁଚପ ପ୍ରଭାବରେ ଅବିଶ୍ରାନ୍ତ ବର୍ଷା

ଧର୍ମଶାଳା, (ସବୁ): ବଙ୍ଗୋପ ସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲା ଓ ବ୍ଲକରେ ଗତକାଲି ଠାରୁ ଅବିଶ୍ରାନ୍ତ ବର୍ଷା ଲାଗିରହିଛି । ସରକାରୀ ରିପୋର୍ଟ ଅନୁଯାୟୀ ଯାଜପୁର ଜିଲ୍ଲାର ସୁକିନ୍ଦା ବ୍ଲକରେ ଆଜି ସର୍ବାଧିକ ୧୦୭ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଧର୍ମଶାଳା ବ୍ଲକରେ ସର୍ବନିମ୍ନ ୧୯ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ଧର୍ମଶାଳା ବ୍ଲକରେ ଗତ ବର୍ଷ ଠାରୁ ଚଳିତ ବର୍ଷ ଅଧିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ଧର୍ମଶାଳା ବ୍ଲକରେ ଗତ ବର୍ଷ ୨୦୨୫ ମସିହା ଜୁଲାଇ ମାସରେ ୧୨୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଚଳିତ ୨୦୨୬ ମସିହା ଜୁଲାଇ ମାସରେ ୫୩୫ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ସେହିପରି ଧର୍ମଶାଳା ବ୍ଲକରେ ୨୦୨୫ ମସିହା ଅଗଷ୍ଟ ମାସରେ ୧୩୨ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଥିବା ବେଳେ ଚଳିତ ୨୦୨୬ ମସିହା ଅଗଷ୍ଟ ମାସରେ ୨୯୦ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ଚଳିତ ସେପ୍ଟେମ୍ବର ମାସ ଆରମ୍ଭରୁ ବର୍ଷା ପରିମାଣ କମିଯାଇଥିବା ବେଳେ ଲଘୁଚାପ ଯୋଗୁଁ ପୁଣି ବର୍ଷାର ପରିମାଣ ବୃଦ୍ଧି ପାଇଛି । ଏଭଳି ଅବସ୍ଥାରେ ଜିଲ୍ଲାର ବିଭିନ୍ନ ନଦୀ ଗୁଡିକରେ ବନ୍ୟାଜଳ ପ୍ରବାହ ହେବାର ଆଶଙ୍କା ଦେଖାଦେଇଛି । ଆଜି ସକାଳୁ ତୁହାକୁ ତୁହା ବର୍ଷା ଲଗିରହିବାରୁ ପିଲାମାନେ ସ୍କୁଲ ଯିବାରେ ବାଧାଉପୁଜିଥିଲା । ସେହିପରି ଦିନ ମଜୁରିଆମାନେ କାମକୁ ଯାଇ ନପାରି ଦିନ ତମାମ ଘରେ ରହିବାକୁ ବାଧ୍ୟ ହୋଇଥିଲେ । ଏହି ବର୍ଷା ଯୋଗୁଁ ଚାଷୀମାନଙ୍କ ବହୁଳ କ୍ଷତି ଘଟିଛି । ବିଶେଷ କରି ପନିପରିବା ଚାଷୀମାନେ ଅଧିକ ପ୍ରଭାବିତ ହୋଇଛନ୍ତି । ଅବିଶ୍ରାନ୍ତ ବର୍ଷା ଲାଗିରହିବାରୁ କ୍ଷେତରେ ପାଣି ଜମିରହି ପନିପରିବା ଚାଷ ନଷ୍ଟ ହୋଇଛି ।

## ସମ୍ପାଦକୀୟ

# ବିଧାନସଭାକୁ ଅଚଳ କରାଯାଉଛି କାହିଁକି ?

ବିଧାନସଭା ପରି ଏକ ପବିତ୍ର ଗୃହ ଗଣତାନ୍ତ୍ରିକ ଶାସନ ପଦ୍ଧତିରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ସରକାର, ବିରୋଧୀ ଦଳ ଓ ଜନସାଧାରଣଙ୍କ ମଧ୍ୟରେ ବିଧାନସଭା ସମ୍ପର୍କ ସ୍ଥାପନ କରିଥାଏ । ଫଳରେ ଦେଶ ବା ରାଜ୍ୟର ବିକାଶ ସମ୍ଭବ ହୋଇଥାଏ । ମାତ୍ର ବିରୋଧୀ ଦଳଗୁଡ଼ିକ ପକ୍ଷରୁ ବିଧାନସଭାର ଅଧିବେଶନକୁ ତିନି ଦିନ ଧରି ଅଚଳ କରିବାର ଉଦ୍ଦେଶ୍ୟ କ'ଣ ?

ବିଜେଡି କଥା ଦେଖାଯାଉ । ରାଜ୍ୟର ବିରୋଧୀ ଦଳର ମାନ୍ୟତା ପାଇଛି ବିଜେଡି । ନିଜ ଦଳର ଅପାରଗତା କାରଣରୁ ବିଜେଡି ନିଜର ନେତା ନବୀନ ପଟ୍ଟନାୟକଙ୍କୁ ଦୀର୍ଘ ଚବିଶ ବର୍ଷ ପରେ ମଧ୍ୟ ଆଉ ଥରେ କ୍ଷମତାସୀନ କରାଇବାକୁ ସମର୍ଥ ହୋଇ ପାରି ନାହିଁ । ଦଳର ଆଭ୍ୟନ୍ତରୀଣ କନ୍ଦଳ କାରଣରୁ ଅନେକ କର୍ମକର୍ତ୍ତା ଓ ରାଜ୍ୟସଭା ସାଂସଦ, ନିଜ ଦଳ ଓ ପଦବୀରୁ ଇସ୍ତଫା ଦେଇଛନ୍ତି । ଅନେକ ଶାସକ ବିଜେପି ଦଳରୁ ରାଜ୍ୟସଭାକୁ ଆଉ ଥରେ ମଧ୍ୟ ପୁନଃ ନିର୍ବାଚିତ ହୋଇ ପାରିଛନ୍ତି । ଲୋକସଭାରେ ୨୧ଟି ଆସନ ମଧ୍ୟରୁ ଗୋଟିଏ ଆସନରେ କଂଗ୍ରେସ ପ୍ରାର୍ଥୀ ନିର୍ବାଚିତ ହୋଇଥିଲାବେଳେ ବିଜେଡିର ଜଣେ ହେଲେ ପ୍ରାର୍ଥୀ ନିର୍ବାଚିତ ହୋଇ ପାରି ନଥିଲେ । ଅବଶିଷ୍ଟ କୋଡିଏଟି ଆସନରେ ବିଜେପି ସାଂସଦ ନିର୍ବାଚିତ ହୋଇ ପାରିଛନ୍ତି । ଲୋକେ କାହିଁକି ବିଜେଡିକୁ ପ୍ରତ୍ୟାଖ୍ୟାନ କଲେ ? ଏ ବିଷୟରେ ଦଳ ମଧ୍ୟରେ ସମୀକ୍ଷା ବୈଠକ ହୋଇ ପ୍ରତିକାର କରାଗଲା କି ? ବିଜେଡିରେ ଥିବା ଅନେକ ବିଧାୟକ ଏବେ ବିଜେପି ମୁହାଁ ହୋଇଥିବା କୁହାଯାଉଛି । ସାଧାରଣରେ ଆଲୋଚନା ହେଉଛି ଯେ ଧୀରେ ଧୀରେ ବିରୋଧୀ ବିଜେଡିର ବିଧାୟକମାନେ ସମୟ ଓ ସୁଯୋଗ ଉଣ୍ଡି ଶାସକ ବିଜେପି ଦଳରେ ସାମିଲ ହେବେ ନଚେତ ପରୋକ୍ଷରେ ବିଜେପିକୁ ସମର୍ଥନ କରିବେ ବୋଲି ମନେ ହେଉଛି । ଏହି ଦଳରେ ନବୀନଙ୍କ ପରେ ଦ୍ୱିତୀୟ ଧାଡ଼ିର ନେତା ବା ନେତ୍ରୀଙ୍କୁ ସୃଷ୍ଟି କରାଯାଇ ନାହିଁ । ଅବଶ୍ୟ ଏବେ ସୁଜାତା କାର୍ତ୍ତିକେୟନ ରାଉତ, ଆଇ.ଏ.ଏସ୍ ପଦବୀରୁ ସ୍ୱେଚ୍ଛାକୃତ ଇସ୍ତଫା ଦେବା ପରେ ବିଜେଡି ଦଳରେ ପ୍ରବେଶ କରି ନବୀନଙ୍କ ନେତୃତ୍ୱକୁ ସ୍ୱୀକାର କରିଛନ୍ତି । ସୁଜାତାଙ୍କ ଦଳକୁ ଆଗମନ ଯୋଗୁଁ ମିଶ୍ରିତ ପ୍ରତିକ୍ରିୟା ସୃଷ୍ଟି ହୋଇଛି । କେହି କେହି ଦଳୀୟ ନେତା ବା କର୍ମୀ ଦଳ ମଧ୍ୟରେ ତାଙ୍କର ଅନୁପ୍ରବେଶକୁ ସ୍ୱାଗତ କରିଥିବା ବେଳେ ଅନ୍ୟମାନେ ତାହାକୁ ବିରୋଧ କରି ବିଦ୍ରୋହ ଆରମ୍ଭ କଲେଣି । ଏପରି ଅବସ୍ଥାରେ ଦଳକୁ ରକ୍ଷା କରିବାକୁ ଦଳର କେତେକ ବରିଷ୍ଠ ବିଧାୟକ, ପୂର୍ବତନ ମନ୍ତ୍ରୀ, ବିଧାୟକ ବା କର୍ମକର୍ତ୍ତା ଉଦ୍ୟମ ଜାରି ରଖିଥିବା ବେଳେ, ଦଳର ବିଧାୟକମାନେ ଦଳର ନେତା ବା ଉପନେତାଙ୍କୁ ନ ମାନି ବିଧାନସଭାକୁ ଅଚଳ କରି ଆସୁଥିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ମନେ ହୋଇଥାଏ ।

**ଏବେ ବିରୋଧୀ ଦଳର ବିଧାୟକଙ୍କ ନୈତିକତା ବିଷୟରେ ଜନସାଧାରଣଙ୍କ ମଧ୍ୟରେ ଚାପା ଗୁଂଜରଣ ଆରମ୍ଭ ହେଲାଣି । ବିରୋଧୀ ଦଳର ବିଧାୟକମାନେ ଯଦି ବିଧାନସଭାର ଅଧିବେଶନକୁ ବର୍ଜନ ବା ଅଚଳ କରୁଛନ୍ତି, ତା' ହେଲେ ସେମାନଙ୍କର ଦୈନିକ ବିଧାନସଭାର ଭତ୍ତା ବା ମାସିକ ବେତନ ସେମାନେ ବିଧାନସଭା ପାଣ୍ଠିରୁ ନେଉଛନ୍ତି କାହିଁକି ? 'କାମ ନାହିଁ ତ ଦରମା ନାହିଁ' ନୀତି ଯଦି ଧର୍ମଘଟକାରୀ କର୍ମଚାରୀ ବା ଶ୍ରମିକମାନଙ୍କ ଉପରେ ଲାଗୁ କରାଯାଉଛି, ତା' ହେଲେ ବିଧାୟକମାନଙ୍କ ଉପରେ ତାହା ଲାଗୁ କରାଯିବାକୁ ବିଧାୟକମାନେ ଆଇନ ପ୍ରଣୟନ କରୁନାହାନ୍ତି କାହିଁକି ? ଏହାର ଜବାବ ବିରୋଧୀ ଦଳର ବିଧାୟକମାନେ ଦେବେ କି ?**

ବିଧାନସଭାରେ ବିଜେଡି ତଳକୁ ଥିବା ବିରୋଧୀ ଦଳ ହେଉଛି କଂଗ୍ରେସ ଦଳ । ଏହା ଭାରତର ସର୍ବପୁରାତନ ଦଳ । ସେମାନେ ସଂଖ୍ୟା ଦୃଷ୍ଟିରୁ ଅଳ୍ପ ଥିବାରୁ, ବିଜେଡି ଦଳର ପରାମର୍ଶକ୍ରମେ ବିଧାନସଭାରେ ଅଚଳାବସ୍ଥା ସୃଷ୍ଟି କରୁଛନ୍ତି ନା ନିଜ ଦଳର ଭାବମୂର୍ତ୍ତିକୁ ଉଜ୍ଜ୍ୱଳ କରିବା ଲାଗି ବିଭିନ୍ନ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ ପାଇଁ ଏପରି କରୁଛନ୍ତି ? କଂଗ୍ରେସ ଦଳର ରାଜ୍ୟ ସଭାପତି ଭକ୍ତଚରଣ ଦାସଙ୍କପ୍ରତି ଦଳୀୟ ବିଧାୟକ ବା ନେତାଙ୍କର ଭକ୍ତିଭାବ ଥିବା ପରି ମନେ ହେଉ ନାହିଁ । ବିଧାନସଭା ଚାଲିଲେ ବିଭିନ୍ନ ସମସ୍ୟାକୁ କେନ୍ଦ୍ର କରି ସେମାନେ ରାଜ୍ୟ ସରକାରଙ୍କୁ ଅସୁବିଧାରେ ପକାଇ ପାରନ୍ତେ । ମାତ୍ର ସେମାନେ ସେପରି କରୁ ନାହାନ୍ତି କାହିଁକି ? କଂଗ୍ରେସ ନେତା ଜେନ୍ ଜୀ ତଥା ଛାତ୍ରମାନଙ୍କୁ ସାରା ଦେଶରେ ଗୁରୁତ୍ୱ ଦେଇ ଆସୁଥିଲେ ମଧ୍ୟ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଏବେ ଛାତ୍ର ନିର୍ବାଚନରେ ବିଜେପିର ଛାତ୍ର ସାମ୍ମୁଖ୍ୟ, 'ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ' ବିପୁଳ ସଂଖ୍ୟାରେ ବିଜୟ ଲାଭ କରି ପାରିଛି । କଂଗ୍ରେସର ଛାତ୍ର ସଂଗଠନ ସେଠାରୁ ବିପୁଳ ସଂଖ୍ୟାରେ ନିର୍ବାଚିତ ହେବ ବୋଲି ଯେପରି ପ୍ରଚାର କରା ଯାଉଥିଲା, ତାହା ହେଲା ନାହିଁ ।

ରାଜ୍ୟରେ ବିରୋଧୀ ଦଳଗୁଡ଼ିକ ବନ୍ୟା, ବାତ୍ୟା ବା ମରୁଡ଼ି ସମୟରେ ଜନସାଧାରଣଙ୍କର ଶ୍ରଦ୍ଧାଭାଜନ ହୋଇ ପାରି ନଥିଲେ । ତେଣୁ ବିଧାନସଭାରେ ହିଁ ସେମାନଙ୍କର ଭାବମୂର୍ତ୍ତି ହୁଏତ ସଚେତନ ରାଜ୍ୟବାସୀଙ୍କୁ ଆକୃଷ୍ଟ କରି ପାରିଥା'ନ୍ତା । ମାତ୍ର ସେପରି ସୁଯୋଗକୁ ସେମାନେ ହାତଛଡା କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ମନେ ହୋଇଥାଏ ।

ଏବେ ବିରୋଧୀ ଦଳର ବିଧାୟକଙ୍କ ନୈତିକତା ବିଷୟରେ ଜନସାଧାରଣଙ୍କ ମଧ୍ୟରେ ଚାପା ଗୁଂଜରଣ ଆରମ୍ଭ ହେଲାଣି । ବିରୋଧୀ ଦଳର ବିଧାୟକମାନେ ଯଦି ବିଧାନସଭାର ଅଧିବେଶନକୁ ବର୍ଜନ ବା ଅଚଳ କରୁଛନ୍ତି, ତା' ହେଲେ ସେମାନଙ୍କର ଦୈନିକ ବିଧାନସଭାର ଭତ୍ତା ବା ମାସିକ ବେତନ ସେମାନେ ବିଧାନସଭା ପାଣ୍ଠିରୁ ନେଉଛନ୍ତି କାହିଁକି ? 'କାମ ନାହିଁ ତ ଦରମା ନାହିଁ' ନୀତି ଯଦି ଶ୍ରମିକମାନଙ୍କ ଉପରେ ଲାଗୁ କରାଯାଉଛି, ତା' ହେଲେ ବିଧାୟକମାନଙ୍କ ଉପରେ ତାହା ଲାଗୁ କରାଯିବାକୁ ବିଧାୟକମାନେ ଆଇନ ପ୍ରଣୟନ କରୁନାହାନ୍ତି କାହିଁକି ? ଏହାର ଜବାବ ବିରୋଧୀ ଦଳର ବିଧାୟକମାନେ ଦେବେ କି ?

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ବିଶ୍ୱ ଉଷ୍ମତା ବୃଦ୍ଧି ବିରୋଧରେ ଆମର ସଂଗ୍ରାମ



**ଡକ୍ଟର ଅରୁଣ କୁମାର ରଥ**

ପ୍ରବଳ ପ୍ରବାହିତ ଆମାଜନ ନଦୀର ମୁହାଣରେ ବ୍ରାଜିଲର ବେଲେମ ନଗରୀ ଅବସ୍ଥିତ । ସେଠାରେ ନଭେମ୍ବର ମାସ ୨୦୨୫ ମସିହାରେ, ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧୀୟ ୩୦ତମ ଆନ୍ତର୍ଜାତୀୟ ସମ୍ମିଳନୀ (କପ ୩୦) ଅନୁଷ୍ଠିତ ହୋଇଥିଲା । ବିଶ୍ୱବିଖ୍ୟାତ ଆମାଜନ ବର୍ଷାବନର ଦ୍ୱାରଦେଶରେ ଏହି ସମ୍ମିଳନୀ ହୋଇଥିଲା–ଐତିହାସିକ ପ୍ୟାରିସ ଚୁକ୍ତିନାମା (୨୦୧୫)ର ଦଶମ ବର୍ଷପୂର୍ତ୍ତିର ଉପଲକ୍ଷେ ।

ଜଳବାୟୁ ସଙ୍କଟ, ସବୁଜ ଶକ୍ତିର ପ୍ରସାର ଏବଂ ପୃଥିବୀର କ୍ଷୟିଷ୍ଣୁ ଅରଣ୍ୟର ସଂରକ୍ଷଣ ନିମନ୍ତେ ଯୁଗାନ୍ତକାରୀ ନିଷ୍ପତ୍ତି ନେବା ପାଇଁ ଏହା ଥିଲା ଏକ ଉତକୃଷ୍ଟ ସୁଯୋଗ ।

ବିଶ୍ୱ ଉଷ୍ମତାର ବୃଦ୍ଧିକୁ ନେଇ ସୃଷ୍ଟି ହୋଇଥିବା ସଙ୍କଟଜନକ ପରିସ୍ଥିତିର ପୃଷ୍ଠଭୂମିରେ ଏହି ଶିଖର ସମ୍ମିଳନୀ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଥିଲା । କାରଣ ୨୦୨୪ ମସିହାରେ ପ୍ରଥମ ଥର ପାଇଁ ବିଶ୍ୱର ହାରାହାରି ତାପମାତ୍ରା ଶିଳ୍ପ ବିପ୍ଳବର ପୂର୍ବ ସ୍ତରଠାରୁ ୧.୫ ସେଲସିୟସରୁ ଅଧିକ ବୃଦ୍ଧି ପାଇ ସାରିଥିଲା ।

ବିଶ୍ୱର ପ୍ରାୟ ୨୦୦ଟି ରାଷ୍ଟ୍ରର ପ୍ରତିନିଧିମାନେ ଏହି ଶିଖର ସମ୍ମିଳନୀରେ ସମବେତ ହୋଇଥିଲେ । କିନ୍ତୁ ବିଗତ ତିନି ଦଶନ୍ଧି ମଧ୍ୟରେ ପ୍ରଥମଥର ପାଇଁ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଓ ଧନୀ ଦେଶ ଏହି ଜଳବାୟୁ ଶିଖର ସମ୍ମିଳନୀରେ ଯୋଗ ଦେଇ ନଥିଲା ।

ଯୁକ୍ତରାଷ୍ଟ୍ର ଆମେରିକାର କୌଣସି ସରକାରୀ ପ୍ରତିନିଧି ମଧ୍ୟ ଯୋଗଦାନ କରି ନ ଥିଲେ । ଏହା ପ୍ୟାରିସରେ ୨୦୧୫ ମସିହାରେ ଗ୍ରହଣ କରାଯାଇ ଥିବା ଉଚ୍ଚାଭିଳାଷୀ ପ୍ୟାରିସ ଚୁକ୍ତିର ବିଫଳତାକୁ ପ୍ରାୟ ସୂଚିତ କରୁଥିଲା । ଏହି ଚୁକ୍ତିରେ ଶିଳ୍ପ ବିପ୍ଳବ ପୂର୍ବ ସ୍ତର ତୁଳନାରେ ବିଶ୍ୱ ଉଷ୍ମତାକୁ ୨ ସେଲସିୟସରୁ ବହୁତ କମ୍ (ସମ୍ଭବ ହେଲେ୧.୫ ସେଲସିୟସ୍) ମଧ୍ୟରେ ସୀମିତ ରଖିବାର ପ୍ରତିଶ୍ରୁତି ଦିଆ ଯାଇଥିଲା ।

**'ଡ୍ରିଲ୍, ବେବୀ, ଡ୍ରିଲ'**

ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଜେ. ଟ୍ରମ୍ପ ୧୭ ଅକ୍ଟୋବର ୨୦୨୫ ମସିହାରେ ଏକ ଘୋଷଣାପତ୍ର ଜାରି କରିଥିଲେ । ସେଥିରେ ସେ କହିଥିଲେ ଯେ, ଆମ ପାଦତଳେ ତରଳ ସୁନା (ପେଟ୍ରୋଲିୟମ) ଏବଂ ଖଣିଜ ସମ୍ପଦ ଅଛି । ତାର ସଦୁପଯୋଗ କରି, ଆମେରିକାକୁ ଶକ୍ତିକ୍ଷେତ୍ରରେ ସର୍ବାଧିକ ପ୍ରଭାବଶାଳୀ ରାଷ୍ଟ୍ରଭାବେ ଗଢ଼ିତୋଳିବା ଆମର ଲକ୍ଷ୍ୟ । 'ଡ୍ରିଲ୍, ବେବୀ, ଡ୍ରିଲ' (ଖନନକର, ଆହୁରି ଖନନ କର) ଏହା ଆମର ଭବିଷ୍ୟତ ନୀତି ।

ଯୁକ୍ତରାଷ୍ଟ୍ର ଆମେରିକା ୨୦୧୬ ମସିହାରେ ପ୍ୟାରିସ ଚୁକ୍ତିରେ ଦସ୍ତଖତ କରିଥିଲା । ୪ ନଭେମ୍ବର ୨୦୨୦ରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ୟାରିସ ଚୁକ୍ତିରୁ ଆମେରିକାକୁ ପ୍ରତ୍ୟାହାର କରି ନେଇଥିଲେ । ତାଙ୍କ ମତ ଥିଲା ଯେ, ଏହି ଚୁକ୍ତି ଆମେରିକାର ଅର୍ଥନୀତିକୁ ଦୁର୍ବଳ କରିଦେବ ଏବଂ ଦେଶକୁ ସ୍ଥାୟୀ ଭାବରେ ଅସୁବିଧାଜନକ ସ୍ଥିତିରେ ପକାଇ ଦେବ ଏବଂ ଏହା ଫଳରେ ଯୁକ୍ତରାଷ୍ଟ୍ର ଆମେରିକା ପ୍ରାୟ ୩ ଟ୍ରିଲିୟନ ଡଲାରର ଜିଡିପିରେ କ୍ଷତି ସହିବ ଏବଂ ୬.୫ ମିଲିୟନ ଚାକିରି ହରାଇବ ବୋଲି ସେ ଦାବି କରିଥିଲେ ।

ପରବର୍ତ୍ତୀ ସମୟରେ, ୧୯ ଫେବୃଆରୀ ୨୦୨୧ରେ ଯୁକ୍ତରାଷ୍ଟ୍ର ଆମେରିକା ପୁନର୍ବାର ପ୍ୟାରିସ ଚୁକ୍ତିରେ ଯୋଗ ଦେଇଥିଲା । କିନ୍ତୁ ୨୦୨୬ ମସିହା ଜାନୁଆରୀରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶାସନକାଳରେ ଆମେରିକା ଦ୍ୱିତୀୟଥର ପାଇଁ ଏଥିରୁ ହଟି ଯାଇଥିଲା । ଗ୍ରୀନ ହାଉସ ଗ୍ୟାସ ନିର୍ଗମନକାରୀ ବୃହତ୍ତମ ଦେଶ ମଧ୍ୟରେ ଚୀନ ପରେ ଆମେରିକା ବିଶ୍ୱର ଦ୍ୱିତୀୟ ଦେଶ ।

ତେଣୁ ଆମେରିକାର ଏହି ପଦକ୍ଷେପ ବିଶ୍ୱସ୍ତରୀୟ ଜଳବାୟୁ ଉପରେ ପ୍ରତିକୂଳ ପ୍ରଭାବ ପକାଇବ ।

**ଜୀବାଶ୍ମ–ଇନ୍ଧନ କମ୍ପାନୀଙ୍କ ପ୍ରତିପତ୍ତି**

ଶିଳ୍ପ ବିପ୍ଳବ ସମୟରୁ ମୁଖ୍ୟତଃ ଜୀବାଶ୍ମ–ଇନ୍ଧନ କମ୍ପାନୀମାନେ ହିଁ ଶକ୍ତିର ପ୍ରମୁଖ ଉତ୍ସ ଯୋଗାଇ ଆସୁଛନ୍ତି । ତେଣୁ ଏହି କମ୍ପାନୀମାନେ ବିଶ୍ୱତାପନ–ନିୟନ୍ତ୍ରଣ ନିୟମାବଳୀ ବିରୋଧରେ ବିଭିନ୍ନ ପ୍ରଚାର ଅଭିଯାନ ଚଳାଇଛନ୍ତି । ସେମାନଙ୍କ ଶକ୍ତି ଓ ପ୍ରତିପତ୍ତି ୱାଶିଙ୍ଗଟନ ଡି.ସି., ୟୁରୋପୀୟ ସଂଘ ଏବଂ ଲଣ୍ଡନର ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ବେଶ ପ୍ରଭାବଶାଳୀ ଭୂମିକା ଗ୍ରହଣ କରୁଛି ।

**ପ୍ୟାରିସ ଚୁକ୍ତିନାମା**

୨୦୧୫ ମସିହା ଡିସେମ୍ବର ମାସରେ ପ୍ୟାରିସରେ ୨୧ତମ ବିଶ୍ୱ ସମ୍ମିଳନୀ (କପ ୨୧) ଆୟୋଜିତ ହୋଇଥିଲା । ଏଥିରେ ଗ୍ରହଣ କରାଯାଇଥିବା ପ୍ୟାରିସ ଚୁକ୍ତିରେ ବିଶ୍ୱ ତାପମାତ୍ରା ବୃଦ୍ଧିକୁ ଶିଳ୍ପ ବିପ୍ଳବ ପୂର୍ବସ୍ତର ତୁଳନାରେ ୨ ସେଲସିୟସରୁ ବହୁତ କମ ସ୍ତରରେ ରଖିବା ଏବଂ ସମ୍ଭବ ହେଲେ ଏହାକୁ ୧.୫ ସେଲସିୟସ ମଧ୍ୟରେ ସୀମିତ ରଖିବାର ଲକ୍ଷ୍ୟ ନିର୍ଦ୍ଧାରିତ ହୋଇଥିଲା ।

**କ୍ରମଶଃ...**

**(ଶ୍ରୀ ରଥ ଭାରତୀୟ ପ୍ରଶାସନିକ ସେବାର ଜଣେ ପୂର୍ବତନ ପଦାଧିକାରୀ )**
**ମୋ–୯୯୧୦୪୩୬୪୩୯**

# ରାଷ୍ଟ୍ର ପୁରୁଷ ଦୀନ ଦୟାଲ ଜୀ



**ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ**

ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ୧୯୧୬ ମସିହା ସେପ୍ଟେମ୍ବର ୨୫ ତାରିଖରେ ଧନକିୟା, ଜୟପୁର, ରାଜସ୍ଥାନରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପୈତୃକ ଗ୍ରାମ ଥିଲା – ନଗଲା, ଚନ୍ଦ୍ରଭାନୁ, ଉତ୍ତରପ୍ରଦେଶରେ । ୧୯୩୭ରେ କାନପୁରରେ ଅଧ୍ୟୟନ କାଳରେ ସେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘରେ ଯୋଗ ଦେଇଥିଲେ ଏବଂ ୧୯୪୧ରେ ସଂଘର ପ୍ରଚାରକ ହୋଇଥିଲେ । କାନପୁରର ସନାତନ ଧର୍ମ କଲେଜରୁ ପ୍ରଥମ ଶ୍ରେଣୀରେ ବିଏ ପାଶ କଲା ପରେ ଆଗ୍ରାର ସେଣ୍ଟ ଜନ୍‌ସ କଲେଜରେ ଗଣିତରେ ସେ ଏମଏ ଶ୍ରେଣୀରେ ନାମ ଲେଖାଇଥିଲେ। କିନ୍ତୁ ତାଙ୍କ ମାମୁଁ ଝିଅ ଭଉଣୀଙ୍କ ଅସୁସ୍ଥତା ଯୋଗୁଁ ସାହାଯ୍ୟ କରିବାକୁ ଯାଇ ସେ ପରୀକ୍ଷା ଦେଇ ପାରିନଥିଲେ । ସେହିପରି ଉତ୍ତରପ୍ରଦେଶ ପ୍ରାଦେଶିକ ଶାସନ ସେବା ପରୀକ୍ଷାରେ ସେ ପ୍ରଥମ ହୋଇଥିଲେ ମଧ୍ୟ ପ୍ରଶାସନିକ ସେବାରେ ଯୋଗ ଦେଇ ନଥିଲେ । ଶିକ୍ଷାକୁ ବ୍ୟକ୍ତିର ନିର୍ମାଣ ତଥା ସମାଜ ଗଠନ ଦିଗରେ ବିନିଯୋଗ କରିବା ଉଚିତ ବୋଲି ସେ କହୁଥିଲେ । ସଂଘର ଆଦର୍ଶ ଅନୁସାରେ ସେ ଆଜନ୍ମ ବ୍ରହ୍ମଚାରୀ ରହି ଦେଶ ଗଠନରେ ନିଜକୁ ଉତ୍ସର୍ଗ କରିଥିଲେ ।

୧୯୫୦ ମସିହା ଏପ୍ରିଲ ୮ ତାରିଖରେ ଦିଲ୍ଲୀଠାରେ ନେହେରୁ–ଲିଆକତ ଅଲ୍ଲି ଚୁକ୍ତିକୁ ବିରୋଧ କରି ନେହରୁଙ୍କ ମନ୍ତ୍ରିମଣ୍ଡଳରେ କାର୍ଯ୍ୟ କରୁଥିବା ଶିଳ୍ପ ମନ୍ତ୍ରୀ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ, ନେହରୁ ଓ କଂଗ୍ରେସ ହାତରେ ଭାରତର ସନାତନ ଧର୍ମ, ସଂସ୍କୃତି, ଭାରତୀୟ ମୂଲ୍ୟବୋଧ ସୁରକ୍ଷିତ ନୁହେଁ ବୋଲି ଅଭିଯୋଗ କରି ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ଭାରତରେ ଧର୍ମ, ସଂସ୍କୃତି ଓ ଆମ ପ୍ରାଚୀନ ମୂଲ୍ୟବୋଧର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ରାଜନୈତିକ ଦଳ ପ୍ରତିଷ୍ଠାର ଆବଶ୍ୟକତା ରହିଛି ବୋଲି ହୃଦୟଙ୍ଗମ କରି ସେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘର ତତ୍କାଳୀନ ମୁଖ୍ୟ ମାନନୀୟ ମାଧବ ରାଓ ସଦାଶିବ ଗୋଲୱାଲକର ବା ଶ୍ରୀ ଗୁରୁଜୀଙ୍କର ସାହାଯ୍ୟ ନେଇ ୧୯୫୧ ମସିହା ଅକ୍ଟୋବର ୨୧ରେ ସେ 'ଭାରତୀୟ ଜନ ସଙ୍ଘ' ଗଠନ କରିଥିଲେ । ଶ୍ରୀ ଗୁରୁଜୀଙ୍କ ନିର୍ଦ୍ଦେଶ କ୍ରମେ ଦୀନ ଦୟାଲଜୀଙ୍କ ସହିତ ଅନ୍ୟ ଚାରିଜଣ ପୂର୍ଣ୍ଣକାଳୀନ କାର୍ଯ୍ୟକର୍ତ୍ତା – ସୁନ୍ଦରସିଂ ଭଣ୍ଡାରି, ନାନାଜୀ ଦେଶମୁଖ, କୁଶଭାଓ ଠାକରେ ଓ ଅଟଳ ବିହାରୀ ବାଜପେୟୀ ଭାରତୀୟ ଜନ ସଙ୍ଘର ପ୍ରତିଷ୍ଠାତା ସଦସ୍ୟ ରୂପେ ଯୋଗ ଦେଇଥିଲେ । ଏକ ଜାତୀୟ ଦଳର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ ନିର୍ବାହ କରିବା ସହିତ ୧୯୫୧ ମସିହା ଠାରୁ 'ରାଷ୍ଟ୍ରଧର୍ମ', ନାମରେ ଏକ ଦୈନିକ ପତ୍ରିକା, 'ପାଞ୍ଚଜନ୍ୟ' ନାମରେ ଏକ ସାପ୍ତାହିକ ଏବଂ 'ସ୍ୱଦେଶ' ନାମରେ ଏକ ମାସିକ ପତ୍ରିକା ନିଜ ସମ୍ପାଦନାରେ ପ୍ରକାଶ କରି ଆସୁଥିଲେ । ଏବେ ମଧ୍ୟ ସେ ସବୁ ପ୍ରକାଶିତ ହେଉଛି ।

୧୯୫୨ର ପ୍ରଥମ ସାଧାରଣ ନିର୍ବାଚନରେ ଭାରତୀୟ ଜନସଙ୍ଘ ୩ଟି ଲୋକସଭା ଆସନ ଲାଭ କରିଥିଲା । ପ୍ରଥମ ଲୋକସଭାରେ ଏକ ଦଶମାଂଶରୁ କମ୍ ଆସନ ଲାଭ କରିବାରୁ କମ୍ୟୁନିଷ୍ଟ ଦଳକୁ ବିରୋଧୀ ଦଳ ମାନ୍ୟତା ମିଳିନଥିଲା । ଏଭଳି ପରିସ୍ଥିତରେ ମାତ୍ର ତିନୋଟି ଆସନ ଲାଭ କରି ମଧ୍ୟ ଡଃ ମୁଖାର୍ଜୀ ଅକାଳୀ ଦଳ ସମେତ ଅନ୍ୟାନ୍ୟ ଛୋଟ ଛୋଟ ଦଳକୁ ଅପୌଚାରିକ ଭାବେ ଏକାଠି କରି ବିରୋଧୀ ଦଳର ନେତୃତ୍ୱ ନେଇ କଂଗ୍ରେସ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଥିଲେ ।

**୧୯୫୩ ମସିହା ମେ ୧୧ ତାରିଖରେ ନେହେରୁଙ୍କ କାଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତାର ପ୍ରତିବାଦ କରି 'ଏକ ଦେଶ ମେ ଦୋ ବିଧାନ, ଦୋ ପ୍ରଧାନ ଦୋ ନିଶାନ ନେହିଁ ରହେଗା' ସ୍ଲୋଗାନ ଦେଇ ବିନା ପରମିଟ୍‌ରେ କାଶ୍ମୀର ଭିତରେ ପ୍ରବେଶ କରି କାରାବରଣ କରିଥିଲେ । କାରାଗାରରେ ରହିବାର ୪୪ ଦିନରେ ତାଙ୍କର ସନ୍ଦେହଜନକ ମୃତ୍ୟୁ ହୋଇଥିଲା । ଡକ୍ଟର ମୁଖାର୍ଜୀଙ୍କ ମୃତ୍ୟୁ ପରେ ଦୀନ ଦୟାଲଜୀଙ୍କ ଉପରେ ଭାରତୀୟ ଜନସଂଘର ସମ୍ପୂର୍ଣ୍ଣ ଦାୟିତ୍ୱ ନ୍ୟସ୍ତ ହୋଇଥିଲା ।**

ଭାରତୀୟ ଜନସଂଘ ଦଳ ମୂଳଭୂତ ଏକ ନୂତନ ବୈଚାରିକ ସିଦ୍ଧାନ୍ତର ଆବଶ୍ୟକ କରୁଥିବା ବେଳେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ୧୯୬୪ ମସିହାରେ 'ଏକାତ୍ମ ମାନବ ଦର୍ଶନ' ନାମରେ ଏକ ଦର୍ଶନ ପୁସ୍ତକ ପ୍ରଣୟନ କରିଥିଲେ । ୧୯୬୫ରେ ଆନ୍ଧ୍ରର ବିଜୟୱାଡ଼ା ଠାରେ ଅନୁଷ୍ଠିତ ଜନସଂଘର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀରେ ଏହାକୁ ଦଳର ବୈଚାରିକ ସିଦ୍ଧାନ୍ତ ରୂପେ ଗ୍ରହଣ କରାଯାଇଥିଲା । ତାଙ୍କ ପ୍ରଣୀତ 'ଏକାତ୍ମ ମାନବ ଦର୍ଶନ' ଭାରତୀୟ ରାଜନୀତି ପାଇଁ ଏକ ଅତୁଳନୀୟ ଅବଦାନ ।

ମୁଖାର୍ଜୀଙ୍କର ନେତୃତ୍ୱରେ ଭାରତୀୟ ଜନସଂଘ ୧୯୫୧–୫୨ ମସିହାରେ ଅନୁଷ୍ଠିତ ପ୍ରଥମ ସାଧାରଣ ନିର୍ବାଚନରେ ଭାଗ ନେଇ ୩.୦୬ ପ୍ରତିଶତ ଭୋଟ ହାରରେ ତିନୋଟି ଆସନ ପାଇଥିବାବେଳେ ଦୀନ ଦୟାଲଙ୍କ ବଳିଷ୍ଠ ମାର୍ଗଦର୍ଶନ ବଳରେ ପରବର୍ତ୍ତୀ ସାଧାରଣ ନିର୍ବାଚନରେ ୧୯୫୭ରେ ୫.୯୭ ପ୍ରତିଶତ ଭୋଟ୍ ହାର ସହିତ ୪ ଟି ଆସନ, ୧୯୬୨ରେ ୬.୪୪ ପ୍ରତିଶତ ଭୋଟ ହାର୍ ସହିତ ୧୪ ଟି ଆସନ ଏବଂ ୧୯୬୭ରେ ୯.୩୧ ପ୍ରତିଶତ ଭୋଟ୍ ହାର ସହିତ ୩୫ ଟି ଆସନ ଲାଭ କରିଥିଲା ।

ଏହି ନିର୍ବାଚନରେ କଂଗ୍ରେସ ୯ଟି ରାଜ୍ୟରେ କ୍ଷମତାଚ୍ୟୁତ ହୋଇଥିଲା । ସେଗୁଡ଼ିକ ହେଲା – ତାମିଲନାଡୁ, ପଶ୍ଚିମବଙ୍ଗ, ବିହାର, ଉତ୍ତରପ୍ରଦେଶ, ପଞ୍ଜାବ, ହରିୟାଣା, ମଧ୍ୟପ୍ରଦେଶ, ଓଡ଼ିଶା ଓ କେରଳ । ଏହି ନିର୍ବାଚନରେ ଭାରତୀୟ ଜନସଂଘ ସଂଯୁକ୍ତ ବିଧାୟକ ଦଳ ନାମରେ ଏକ ବିରୋଧୀ



ମୁଖ୍ୟ ଗଠନ କରି ଉତ୍ତରପ୍ରଦେଶରେ ୯୮, ମଧ୍ୟପ୍ରଦେଶରେ ୭୭, ବିହାରରେ ୨୭, ପଞ୍ଜାବରେ ୯ ଏବଂ ହରିଆଣାରେ ୧୨ଟି ସିଟ୍ ପାଇ ୫ଟି ରାଜ୍ୟରେ ମିଳିତ ଭାବେ କ୍ଷମତାକୁ ଆସିଥିଲେ । ଏଥି ସହିତ ଦିଲ୍ଲୀରେ ୧୫ଟି ଆସନ ଲାଭ କରି ବିଜୟ କୁମାର ମାଲହୋତ୍ରାଙ୍କ ନେତୃତ୍ୱରେ କର୍ପୋରେଟ୍ କାଉନ୍‌ସିଲ୍ ଗଠନ କରିଥିଲେ । ଏହା କଂଗ୍ରେସକୁ ସମ୍ପୂର୍ଣ୍ଣ ରୂପେ ଦୋହଲାଇ ଦେଇଥିଲା । ଶ୍ରୀ ବଳରାଜ ମାଧୋକଙ୍କ ପରେ ଦୀନ ଦୟାଲଜୀ ଦାୟିତ୍ୱ ଗ୍ରହଣ କରିବାର ୪୫ ଦିନ ୧୯୬୮ ମସିହା ଫେବୃଆରୀ ୧୧ ତାରିଖ ମୋଗଲସରାଇ ଷ୍ଟେସନ ରେଳ ଧାରଣା ଉପରୁ ସନ୍ଦେହଜନକ ସ୍ଥିତିରେ ତାଙ୍କର ମରଶରୀର ଉଦ୍ଧାର କରାଯାଇଥିଲା । ଏ ପର୍ଯ୍ୟନ୍ତ ମଧ୍ୟ ତାଙ୍କ ମୃତ୍ୟୁର ରହସ୍ୟ ବା କରୁଣ କାହାଣୀ ଭାରତବାସୀ ଜାଣି ପାରିଲେ ନାହିଁ ।

୧୯୭୬ ମସିହାରେ ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ସମଗ୍ର ଦେଶରେ 'ସମ୍ପୂର୍ଣ୍ଣ କ୍ରାନ୍ତି' ବିପ୍ଳବ ଆରମ୍ଭ ହେଇଥିଲା । ଇନ୍ଦିରାଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ବିଭିନ୍ନ ରାଜନୈତିକ ଦଳର ମିଶ୍ରଣରେ ଜନତା ପାର୍ଟି ଗଠିତ ହୋଇଥିଲା ଏବଂ ଜନସଂଘ ଦଳ ଜନତା ଦଳରେ ବିଲୀନ ହୋଇଗଲା । ୧୯୭୭ନିର୍ବାଚନରେ ଜନତା ପାର୍ଟି କେନ୍ଦ୍ରରେ କ୍ଷମତାସୀନ ହେଲା । କିନ୍ତୁ ୧୯୮୦ ଦ୍ୱୈତ ସଭ୍ୟପଦକୁ ଅର୍ଥାତ୍ ଜନତା ପାର୍ଟି ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସଭ୍ୟପଦକୁ ନେଇ ବିବାଦ ଉପୁଜିବାରୁ ଭାରତୀୟ ଜନସଂଘ ପୁନରୁଜ୍ଜୀବିତ ହୋଇ ଭାରତୀୟ ଜନତା ଦଳ ରୂପେ ସଂଗଠିତ ହେଲା । ଏଥି ସହିତ ପାର୍ଟି ସମ୍ବିଧାନର ଧାରା ୩ ଅନୁସାରେ 'ଏକାତ୍ମ ମାନବ ବାଦକୁ' ପୁଣିଥରେ ପାର୍ଟିର ମୂଳ ସିଦ୍ଧାନ୍ତ ରୂପେ ଗ୍ରହଣ କରାଗଲା । ଅଟଳ ବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ଏକାତ୍ମ ମାନବ ଦର୍ଶନର ପ୍ରୟୋଗାତ୍ମକ ପରୀକ୍ଷଣ ଆରମ୍ଭ ହୋଇଥିଲା । ସେ ଆରମ୍ଭ କରିଥିବା 'ଅନ୍ତ୍ୟୋଦୟ ଯୋଜନା' ଭାରତ ବର୍ଷର ସର୍ବଶ୍ରେଷ୍ଠ ଓ ସର୍ବବ୍ୟାପକ ମାନବବାଦୀ ଯୋଜନା ଭାବେ କାର୍ଯ୍ୟକାରୀ ହେଉଅଛି । ଗୋରଖପୁର ବିଶ୍ୱବିଦ୍ୟାଳୟକୁ ପୁନଃ ନାମିତ କରି ଦୀନଦୟାଲ ଉପାଧ୍ୟାୟ ବିଶ୍ୱବିଦ୍ୟାଳୟ କରାଯାଇଛି । ୨୦୦୩ ଶ୍ରୀ ନରେନ୍ଦ୍ର ମୋଦି ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବାବେଳେ ଗାନ୍ଧୀନଗରଠାରେ ପଣ୍ଡିତ ଦୀନଦୟାଲ ପେଟ୍ରୋଲିୟମ୍ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ୨୦୧୪ରେ ପ୍ରଧାନମନ୍ତ୍ରୀ ଶ୍ରୀନରେନ୍ଦ୍ର ମୋଦି ଦୀନଦୟାଲ ଉପାଧ୍ୟାୟଙ୍କର ଆଦର୍ଶକୁ ଅନୁସରଣ କରି ବିଭିନ୍ନ ଯୋଜନାର ସୁଫଳକୁ ଆଜି ସୁଦ୍ଧା ଯେଉଁମାନେ ସେଥିରୁ ବଞ୍ଚିତ ହୋଇଛନ୍ତି ସେମାନଙ୍କ ପାଖରେ ତାହା ପହଞ୍ଚାଇବାକୁ ଚେଷ୍ଟା କରୁଛନ୍ତି । ଗ୍ରାମାଞ୍ଚଳରେ ପ୍ରତ୍ୟେକ ପରିବାରକୁ ବିଜୁଳି ଯୋଗାଇବା ପାଇଁ ଦୀନଦୟାଲଙ୍କ ନାମରେ ସେ ଦୀନଦୟାଲ ଗ୍ରାମ୍ୟଜ୍ୟୋତି ଯୋଜନା ଗ୍ରାମାଞ୍ଚଳରେ ବୃତ୍ତିଗତ ଦକ୍ଷତାର ବିକାଶ ପାଇଁ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ବିକାଶ ଯୋଜନା ଏବଂ ଶ୍ରମିକମାନଙ୍କ ପାଇଁ ଦୀନଦୟାଲ ଉପାଧ୍ୟାୟ 'ଶ୍ରମେବ ଜୟତେ' କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଶ୍ରୀ ଆଦିତ୍ୟ ଯୋଗୀଙ୍କ ସମୟରେ ମୋଗଲସରାଇ ରେଳଷ୍ଟେସନକୁ 'ଦୀନଦୟାଲ ଉପାଧ୍ୟାୟ'ଙ୍କ ନାମରେ ନାମିତ କରାଯାଇଛି । ଦୀନଦୟାଲ ଜୀ ଆଜି ନାହାନ୍ତି କିନ୍ତୁ ତାଙ୍କର ଆଦର୍ଶ, ବ୍ୟକ୍ତିତ୍ୱ ଓ ଦର୍ଶନ ଭାରତ ସମେତ ସମଗ୍ର ବିଶ୍ୱକୁ ଅନୁପ୍ରାଣିତ କରୁଛି । ତାଙ୍କ ଜନ୍ମ ତିଥିରେ ଆମେ ତାଙ୍କ ପ୍ରତି ଆମର ଶ୍ରଦ୍ଧା ଓ ଭକ୍ତି ସୁମନ ଅର୍ପଣ କରୁଛୁ ।

**ଭୁବନେଶ୍ୱର, ମୋ–୯୩୩୭୧୨୦୨୫୫**

# ନାମାଚାର୍ଯ୍ୟ ଶ୍ରୀଶ୍ରୀ ବାୟାବାବାଙ୍କ ସ୍ମରଣେ



**ଇଂ ବିରଞ୍ଚି ନାରାୟଣ ପ୍ରଧାନ**

ଅଧ୍ୟୁଷିତ ସରସ୍ୱତୀ ତୀରବର୍ତ୍ତୀ ଭୂମି ହେଉଛି ସନାତନ ସଂସ୍କୃତିର ଜନ୍ମସ୍ଥଳୀ । ଦେବ ନିର୍ମିତ ସାରସ୍ୱତ ଭାରତ ବର୍ଷ ହେଉଛି ଯୁଗ ଯୁଗ ଧରି ଦିବ୍ୟ ଦ୍ରଷ୍ଟା ତପସ୍ୱୀ ମୁନି ଋଷି ଓ ସାଧୁ ସନ୍ଥମାନଙ୍କର ଆବାସ ଭୂମି ।

ସେହିପରି ସାକ୍ଷାତ ଦିବ୍ୟାତ୍ମା ମହାପୁରୁଷ ନାମାଚାର୍ଯ୍ୟ ଶ୍ରୀମଦ ବାୟାବାବା ଉତ୍କଳଭୂମିରେ ଆର୍ବିଭୂତ ହୋଇ ସ୍ୱୟଂ ଅବିରତ କ୍ଲିଷ୍ଟ ସାଧନାରେ ନିତ୍ୟ ପରମତତ୍ତ୍ୱର ଗୁଣଧର୍ମ ଅନୁଭବ ଉପଲବ୍ଧି କରିଥିଲେ ମଧ୍ୟ କଳିକଲୁଷ ସଂସାରରୁ ତାରଣ ତଥା ବିଭୁସତ୍ତାର ଉପଲବ୍ଧି ପାଇଁ ସାଧାରଣ ଅଜ୍ଞାନ ମଣିଷଙ୍କୁ ଗଭୀର ବିଶ୍ୱାସର ସହିତ ସେ ଉପଦେଶ ଦେଇଛନ୍ତି ଯେ ପରମେଶ୍ୱର ସ୍ମରଣ, ଭଜନ, କୀର୍ତ୍ତନ ଦୃଢ ନିଷ୍ଠା ସହିତ ଅବିରତ ଅଭ୍ୟାସ କଲେ ଦୁର୍ଦ୍ଦମନୀୟ ଚଳଚଞ୍ଚଳ ମନ ନିଗୃହୀତ ଓ ସ୍ଥିର ହୋଇପାରିବ । ନିତ୍ୟ ପରମତତ୍ତ୍ୱର (ଭଗବତ) ପ୍ରାପ୍ତିର ଦିବ୍ୟ ଅନୁଭୂତି ଉପଲବ୍ଧ ହେବାର ଏହି ଗୁଢ଼ତମ ତତ୍ତ୍ୱକୁ ସ୍ୱୟଂ ଉପଲବ୍ଧି କରି ସ୍ୱକୀୟ ଆଚରଣର ଆଦର୍ଶ ମାଧ୍ୟମରେ ସେ ଅଗଣିତ ପାପତାପ କ୍ଲିଷ୍ଟ ସଂସାରୀଜନଙ୍କ ସମ୍ମୁଖରେ ପ୍ରକାଶ କରିଥିଲେ ।



ନାମ ହିଁ ଜୀବନର ଆଶ୍ରୟ, ନାମ ହିଁ ମନର ଶାନ୍ତି ଓ ନାମ ହିଁ ସମାଜ ମଙ୍ଗଳର ଏକ ଅମୋଘ ଅସ୍ତ୍ର, ସେଥିପାଇଁ ଏଠାରେ ଧୀର ପୁରୁଷ ମରଶରୀରରେ ମଧ୍ୟ ଗୋଟିଏ କ୍ଷଣରେ ହରିନାମ ସଙ୍କୀର୍ତ୍ତନ ପୂର୍ବକ ସକଳ କର୍ମ ଶ୍ରୀଭଗବାନଙ୍କୁ ଅର୍ପଣ କରି ତାଙ୍କର ପରମ ପଦଲାଭ କରିପାରେ ।

ତାଙ୍କ ଜୀବଦ୍ଦଶାର ବିରଳ ଆଧାତ୍ମିକ ସ୍ୱରୂପ ଓ ଅବଦାନ ହେଉଛି ଓଡ଼ିଶାର ବିଭିନ୍ନ ପ୍ରାନ୍ତ ତଥା ବୃନ୍ଦାବନ ଧାମରେ ପ୍ରତିଷ୍ଠିତ ମଠ ଓ ନାମ ମଣ୍ଡପ ସମୂହ ଯାହା କେବଳ ଗୋଟେ ଗୋଟେ ଧାର୍ମିକ ପ୍ରତିଷ୍ଠାନ ନୁହନ୍ତି, ବରଂ ଯୁଗ ପାଇଁ ନାମଭକ୍ତି ସାଧନାର ଶାନ୍ତ ଆଶ୍ରୟସ୍ଥଳୀ । ଆଜି ଅନନ୍ତ ଚତୁର୍ଦ୍ଦଶୀ ତିଥିରେ ପବିତ୍ର ପରମ ସ୍ମରଣ ଦିବସରେ ସେ ଯେଉଁ ଅଖଣ୍ଡ ନାମର ପ୍ଲାବନଧାରା ପ୍ରବାହିତ କରିଥିଲେ, ତାହା ଯେପରି ଯୁଗ ଯୁଗ ଧରି ମାନବ ହୃଦୟକୁ ପରିଶୁଦ୍ଧ କରି ସ୍ୱର୍ଗୀୟ ପ୍ରୀତି ଓ ଅଖଣ୍ଡ ଶାନ୍ତି ଅନୁଭବ ପାଇଁ ଏ ସଂସାର ରୂପୀ ମରୁଭୂମିରେ ଏକ ମାତ୍ର ଶୀତଳ ଜଳର ଉତ୍ସ ଭାବେ ସର୍ବ ଆନନ୍ଦ ଦେବ ଯାହା ତାଙ୍କ ପାଦପଦ୍ମରେ ଚିର ସ୍ମରଣୀୟ ହୋଇ ରହିଥିବ ।

**ସର୍ବୋଚ୍ଚ ଯନ୍ତ୍ରୀ, ( ଜନସ୍ୱାସ୍ଥ୍ୟ ବିଭାଗ) ମୋ– ୯୪୩୭୧୦୮୪୮୪**

ବ୍ୟାପକ ଅବ୍ୟବସ୍ଥା ମଧ୍ୟରେ ଚାଲିଛି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ଡାକ୍ତର ଓ କର୍ମଚାରୀ ପଦବୀ ଖାଲି, ସେବା ବ୍ୟାହତ

ଚଣ୍ଡିଖୋଲ, (ସବ୍ୟୁ) ଯାଜପୁର ଜିଲ୍ଲାର ଏକ ଗୁରୁତ୍ୱପୂର୍ଣ୍ଣ ଡାକ୍ତରଖାନା ବଡ଼ଚଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘ ଦିନ ହେବ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଛି । ଫଳରେ ଏଠାରେ ରୋଗୀ ସେବା ବ୍ୟାହତ ହେଉଛି । ଆବଶ୍ୟକ ଅନୁଯାଇ ଏଠାରେ ଡାକ୍ତର ଓ ଅନ୍ୟାନ୍ୟ କର୍ମଚାରୀ ନଥିବା ଫଳରେ ଗୁରୁତର ରୋଗୀ ମାନଙ୍କୁ ସଠିକ ଚିକିତ୍ସା ସେବା ମିଳିପାରୁନାହିଁ । ଏହି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଯାଜପୁର, କଟକ ଓ ଢେଙ୍କାନାଳ ଜିଲ୍ଲାର ତିନିଟି ନିର୍ବାଚନ ମଣ୍ଡଳୀର ଲୋକେ ନିର୍ଭର କରନ୍ତି । ଏଥିସହ ୧୬ ଓ ୫୩ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଏହା ରହିଥିବାରୁ ଦୁର୍ଘଟଣାରେ ପିଡିତ ଓ ଜରୁରୀ କାଳିନ ଚିକିତ୍ସା ସେବା ପାଇଁ ଦୈନିକ ଶତାଧିକ ରୋଗୀ ଉକ୍ତ ଡାକ୍ତରଖାନା ଉପରେ ନିର୍ଭର କରନ୍ତି । ତେବେ ଶହଶହ ରୋଗୀଙ୍କୁ ଜରୁରୀକାଳୀନ ସେବା ଦେଉଥିବା ଏହି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକାଧିକ ଡାକ୍ତର ପଦବୀ ଓ ବିଭିନ୍ନ ବିଭାଗର ବହୁ ବୈଷୟିକ କର୍ମଚାରୀଙ୍କ ପଦବୀ ବର୍ଷ ବର୍ଷ ଧରି ଖାଲି ପଡିଛି । ଏବେ କେବଳ ସ୍ତ୍ରୀ ରୋଗ ଓ ଶିଶୁ ବିଭାଗ ଡାକ୍ତର ଜଣେଲେଖା ଡାକ୍ତରରେ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରଟି ଚାଲିଛି । ବହୁ ଦିନ ହେବ ମେଡିକାଲ ଅଫିସର




ନଥିବାରୁ ସ୍ତ୍ରୀ ରୋଗ ଚିକିତ୍ସକ ସେ ଦାୟିତ୍ୱ ତୁଲାଉଛନ୍ତି । ଏଠାରେ ମେଡିସିନ ଓ ସର୍ଜରୀ ଡାକ୍ତର ସମେତ ମେଡିକାଲ ଅଫିସର ରହୁ ନାହାନ୍ତି । ଯେଉଁ ମେଡିସିନ ବିଭାଗ ଡାକ୍ତର ଏଠାରେ ନିଯୁକ୍ତି ପାଇଛନ୍ତି ସେ ବହୁ ବର୍ଷ ହେବ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ରହିଥିବା ଅଭିଯୋଗ ହୋଇଛି । ଡାକ୍ତରଖାନାରେ ପ୍ରସୂତି କାଳୀନ ଓ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ଏକ ନୂତନ କୋଠା ନିର୍ମାଣ ହୋଇ ସେଠାରେ ଚାଇଲ୍ଡ କେଆର ୟୁନିଟ ଖୋଲା ଯାଇଥିଲା ଓ ଚାଇଲ୍ଡ କେୟାର ୟୁନିଟ ପାଇଁ ସମସ୍ତ ସରଞ୍ଜାମ ସରକାର ଯୋଗାଇ ଦେଇଥିଲେ କିନ୍ତୁ ପରିତାପର ବିଷୟ ଏତେସବୁ ପରେବି ବର୍ତ୍ତମାନ ଉକ୍ତ ଚାଇଲ୍ଡ କେୟାର ୟୁନିଟଟି ସମ୍ପୂର୍ଣ୍ଣ ବନ୍ଦ ହୋଇ ପଡିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କି ଚାଇଲ୍ଡ କେୟାର ପାଇଁ ଯେଉଁ ସବୁ ସରଞ୍ଜାମ ଯୋଗାଇ ଦିଆଯାଇଥିଲା ଏବେ ସେସବୁ ସରଞ୍ଜାମ ସେଠାରେ ନଥିବା ଅଭିଯୋଗ ହୋଇଛି । ସେସବୁ ସରଞ୍ଜାମ କୁଆଡେ ଗଲା ତାହା ସନ୍ଦେହ ସୃଷ୍ଟି କରିଛି । ଡାକ୍ତରଙ୍କ ଚିଠା ଅନୁସାରେ ଏଠାରେ ଅଧା ମେଡିସିନ ମିଳୁଥିଲା ବେଳେ ଆଉଅଧା ବାହାରୁ କିଣିବାକୁ ପଡୁଛି । ରୋଗୀ କଲ୍ୟାଣ ସମିତିର ବୈଠକ ପ୍ରତି ମାସ ରେ ହେଉଥିଲେ ମଧ୍ୟ ଏହି ସବୁ ସମସ୍ୟାକୁ ଗୁରୁତ୍ୱ ଦିଆଯାଉନାହିଁ । ଜିଲ୍ଲାର ଏହା ଏକ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ଡାକ୍ତରଖାନା ହୋଇଥିଲେ ମଧ୍ୟ ଏହି ଡାକ୍ତରଖାନା ପ୍ରତି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଏପରି ଅବହେଳା ସାଧାରଣରେ ତିବ୍ର ପ୍ରତିକ୍ରିୟା ସୃଷ୍ଟି କରୁଛି । ଏହି ସମସ୍ୟା ପ୍ରତି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ, ଯାଜପୁର ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଦୃଷ୍ଟି ଦେବାକୁ ବୋଲି ସାଧାରଣରେ ଦାବି ହେଉଛି ।

## ଭୀମ୍ ଆପ୍ ୟୁଜରମାନଙ୍କ ପାଇଁ ୟୁପିଆଇ ସପୋର୍ଟ

ଭୁବନେଶ୍ୱର (ସବ୍ୟୁ) : ଏନ୍ ପିସିଆଇ ଭୀମ୍ ସର୍ଭିସେସ ଲିମିଟେଡ (ଏନ୍ ବିଏସଏଲ), ଅନ୍ୟାସନାଲ ପେମେଣ୍ଟସ୍ କର୍ପୋରେସନ୍ ଅଫ ଇଣ୍ଡିଆ (ଏନ୍ ପି ସି ଆଇ)ଙ୍କର ସମ୍ପୂର୍ଣ୍ଣ ମାଲିକାନାଧୀନ ସହଯୋଗୀ ସଂସ୍ଥା, ଆଜି ଭୀମ୍ ପେମେଣ୍ଟସ୍ ଆପ୍ ରେ ମାଇଁୟୁପିଆଇ ନାମକ ଏକ କଥୋପକଥନ ଆଧାରିତ ଏଆଇ ସହାୟକ ଆଣିବା ବିଷୟରେ ଘୋଷଣା କରିଛି । ମାଇଁୟୁପିଆଇ, ଭୀମ୍ ୟୁଜରମାନଙ୍କୁ ୟୁପିଆଇ ସମ୍ବନ୍ଧୀୟ ଆବଶ୍ୟକତା ପାଇଁ ସରଳ ଏବଂ ୨୪/୭ ବହୁଭାଷୀ ସହାୟତା ପ୍ରଦାନ କରିବ । ଏହା ଦ୍ୱାରା ପେମେଣ୍ଟକୁ ଅଧିକ ସୁରକ୍ଷିତ, ସୁବିଧାଜନକ ଏବଂ ପରିଚାଳନା କରିବାକୁ ସହଜ କରିବାରେ ସାହାଯ୍ୟ ମିଳିବ । ୟୁଜରମାନେ ଗୋଟିଏ ସ୍ଥାନରେ ଟ୍ରାଞ୍ଜାକ୍ସନ୍ ହିଷ୍ଟ୍ରି ଦେଖିବା, ଅଭିଯୋଗ ଦାଖଲ କରି ତାହାର ସ୍ଥିତି ଟ୍ରାକ୍ କରିବା, ଯେକୌଣସି ୟୁପିଆଇ ଆପ୍ ମାଧ୍ୟମରେ ସେଟ୍ଅପ୍ କରାଯାଇଥିବା ମାଣ୍ଡେଟ୍ ଦେଖିବା ଓ ପରିଚାଳନା କରିବା, ନିଜ ମୋବାଇଲ୍ ନମ୍ବରକୁ ଡି-ଲିଙ୍କ୍ କରିବା ଏବଂ ଠକେଇ ସମ୍ପର୍କିତ ସଚେତନତା ସହାୟତା ପାଇପାରିବେ ।

# ଡ୍ରିମ୍ସରେ ୫୭ତମ ଜାତୀୟ ସେବା ଯୋଜନା ଦିବସ

କଟକ, (ସ୍ୱପ୍ର): ଡ୍ରିମ୍ସ ବିଶ୍ୱବିଦ୍ୟାଳୟରେ ୫୭ତମ ଜାତୀୟ ସେବା ଯୋଜନା ଦିବସ ଆଜି ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଉଦଘାଟନ କରି ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଜାତୀୟ ସେବା ଯୋଜନାରେ ସାମିଲ ହୋଇ ଛାତ୍ରଛାତ୍ରୀ ବିଭିନ୍ନ ସେବାମୂଳକ କାର୍ଯ୍ୟ ଭିତରେ ନିଜର ବ୍ୟକ୍ତିତ୍ୱ ଗଠନ ଲାଗି ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟଅତିଥି ଇସ୍କନ୍, ବୁର୍ଲା ଶାଖାର ସଭାପତି ଆମୟୀ




ଦାସ ଗୀତା ଓ ଶ୍ରୀମଦ୍ ଭାଗବତ ଭଳି ସଦ୍‌ଗ୍ରନ୍ଥ ନିୟମିତ ଅଧ୍ୟୟନ ସହିତ ବିଦ୍ୟାର୍ଥୀମାନେ ନିଃସର୍ତ୍ତ ସମାଜ ସେବାରେ ବ୍ରତୀ ହେବାକୁ ମାର୍ଗଦର୍ଶନ କରିଥିଲେ । ମୁଖ୍ୟବକ୍ତା କ୍ରୀଡା ଓ ଯୁବସେବା ମନ୍ତ୍ରଣାଳୟର ଆଞ୍ଚଳିକ ନିର୍ଦ୍ଦେଶକ ଅଜିତ୍ କୁମାର ଜାତୀୟ ସେବା ଯୋଜନାରେ ସାରା ଦେଶରେ ୪୦ଲକ୍ଷ ଯୁବକଯୁବତୀ ସାମିଲ ହୋଇଥିବାବେଳେ ଓଡିଶାରେ ପ୍ରାୟ ଦେଢ ଲକ୍ଷ ସକ୍ରିୟ ଭାବରେ କାର୍ଯ୍ୟ କରୁଥିବା ଉଲ୍ଲେଖ କରି ବିକଶିତ ଭାରତ ନିର୍ମାଣରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ । ସମ୍ମାନିତ ଅତିଥି ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ଉପ କୁଳପତି ପ୍ରଫେସର ଡ. ରମାକାନ୍ତ ପାଣିଗ୍ରାହୀ, ରେଜିଷ୍ଟ୍ରାର କୃଷ୍ଣ ପ୍ରସାଦ ପତି, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା ରାଷ୍ଟ୍ରର ହିତ ପାଇଁ ଯୁବଛାତ୍ର ସମାଜ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ ବିବରଣୀ ଉପସ୍ଥାପନ ଏବଂ ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ସ୍ୱାଗତ ଅଭିଭାଷଣ ଦେଇଥିଲେ । ଗୌରବ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଇସ୍କନ ପକ୍ଷରୁ ଭାଗବତ ଗ୍ରନ୍ଥ ସେଟ୍ ବିଶ୍ୱବିଦ୍ୟାଳୟର କେନ୍ଦ୍ରୀୟ ପାଠାଗାରକୁ ପ୍ରଦାନ କରାଯାଇଥିଲା । ଅତିଥିମାନଙ୍କ ଦ୍ୱାରା ଜାତୀୟ ସେବା ଯୋଜନାର କ୍ୱିଜ୍ ପୋଷ୍ଟର ଉନ୍ମୋଚିତ ହୋଇଥିଲା ।

# ଓଜେସି ପକ୍ଷରୁ ୨୯ ନମ୍ବର ୱାର୍ଡ଼ରେ ପ୍ରସ୍ତୁତି ବୈଠକ

କଟକ, (ସ୍ୱପ୍ର) : ଓଡିଶା ଜନତା କଂଗ୍ରେସ ପାର୍ଟି, କଟକ ସହର ପକ୍ଷରୁ କଟକ ମହାନଗର ନିଗମର ୨୯ ନମ୍ବର ୱାର୍ଡ଼ ଅନ୍ତର୍ଗତ



ପିଠାପୁରଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ନେତା କେଦାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପିଠାପୁର, ଝାଞ୍ଜିରୀମଙ୍ଗଳା, ଲେବର କଲୋନୀ ଓ ଦୋଳମୁଣ୍ଡାଇ ଆଦି ଅଞ୍ଚଳର ବହୁ ସଂଖ୍ୟକ ୱାର୍ଡ଼ବାସୀ ଏବଂ ଦଳୀୟ କର୍ମୀ ଯୋଗ ଦେଇଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଓଡିଶା ଜନତା କଂଗ୍ରେସ ପାର୍ଟି, କଟକ ସହର ସଭାନେତ୍ରୀ ଶ୍ରୀମତୀ ଗିରିବାଳା ବେହେରା ଯୋଗଦେଇ ଆଗାମୀ ଦିନରେ ୱାର୍ଡ଼ରେ ହେବାକୁ ଥିବା ପୂର୍ଣ୍ଣାଙ୍ଗ ବୈଠକ ସମ୍ପର୍କରେ ଆଲୋଚନା କରିଥିଲେ । ଶେଷରେ ଲିଟୁ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବ୍ଲକ ସଭାପତି ଲକ୍ଷ୍ମୀ ପ୍ରକାଶ ମହାପାତ୍ର, ଚନ୍ଦନ ଦାସ ଓ ଶରତ ଚନ୍ଦ୍ର ଶେଠୀ ପ୍ରମୁଖ ୱାର୍ଡ଼ ସଂଗଠନ ଉପରେ ଆଲୋକପାତ କରିଥିଲେ । ଏହି ବୈଠକରେ ବିଭିନ୍ନ ସାହିର ମୁରବୀ ଓ କର୍ମକର୍ତ୍ତାମାନେ ବହୁ ସଂଖ୍ୟାରେ ସାମିଲ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଝାଞ୍ଜିରୀ ମଙ୍ଗଳା ଅଞ୍ଚଳର ମହନ୍ତ ରବୀନ୍ଦ୍ର କୁମାର ସାହୁ, କଟୁଆଳ ଭୁବନ ରାଜ, ଝାଞ୍ଜିରୀ ମଙ୍ଗଳା ପୂଜା କମିଟି ତଥା ଯୁବକ ସଂଘର ପୂର୍ବତନ ସଭାପତି ମଙ୍ଗୁ ବର୍ଦ୍ଧନ, ଟୁନା ଦାସ, ପବିତ୍ର ସ୍ୱାଇଁ, ପଣ୍ଡା ବାବୁ, ଜଗା, ଜିତୁ, ଯୋକନି, କାଳିଆ ବେହେରା, ପଣ୍ଡା ବାରିକ, ପଞ୍ଚୁଆ ବସ୍ତିଆ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତାମତ ରଖିଥିଲେ ।

# ଜିଲ୍ଲା ପ୍ରଶାସନ ପକ୍ଷରୁ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

କଟକ,(ସବ୍ୟୁ): ଶାରଦୀୟ ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳା ଓ ସୁବ୍ୟବସ୍ଥିତ ଭାବେ ପାଳନ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଆହୁତ ପ୍ରସ୍ତୁତି ବୈଠକ ସ୍ଥାନୀୟ ନେତାଜୀ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ବୈଠକରେ




ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଅଧ୍ୟକ୍ଷତା କରି ଜନସାଧାରଣଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ସତର୍କତାମୂଳକ ଭାବେ ପାର୍ବଣ ପାଳନ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ବିଶେଷକରି ପୂଜା ସମୟରେ ଆବଶ୍ୟକୀୟ ବ୍ୟବସ୍ଥା, ଟ୍ରାଫିକ୍ ପରିଚାଳନା, ବିଦ୍ୟୁତ୍, ପାନୀୟଜଳ, ଶୌଚାଳୟ, ପ୍ରବେଶପଥ, ଆଇନଶୃଙ୍ଖଳା ଓ ଅନ୍ୟାନ୍ୟ ଆଲୋଚିତ ବିଷୟ ଉପରେ ମତାମତ ରଖି ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ ମାନେ ସମସ୍ତ କାର୍ଯ୍ୟ ପୂଜା ପୂର୍ବରୁ ଶେଷ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ । ସିଙ୍ଗଲ ୱିଣ୍ଡୋ ମାଧ୍ୟମରେ ପୂଜା କମିଟି ଗୁଡିକ ଏନ୍ଓସି ଓ ଅନୁମତି ପତ୍ର ପାଇଁ ଆବେଦନ କରିଥିଲେ । ବିଭିନ୍ନ ପୂଜା କମିଟି ଓ ଶାନ୍ତି କମିଟିର ଅନୁରୋଧ କ୍ରମେ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ଆଉ ଗୋଟିଏ ଦିନ ପାଇଁ ପୁନର୍ବାର କାର୍ଯ୍ୟକ୍ଷମ କରିବା ନିମନ୍ତେ ଜିଲ୍ଲାପାଳ ଅନୁମୋଦନ କରିଛନ୍ତି । ଦୁର୍ଗାପୂଜା ସମୟରେ ଜନସାଧାରଣଙ୍କ ସୁବିଧା ପାଇଁ କାର୍ଯ୍ୟକ୍ରମ ଗୁଡ଼ିକର ଲାଇଭ୍ ପ୍ରସାରଣର ବ୍ୟବସ୍ଥା କରାଯିବ । ତୋରଣ ନିର୍ମାଣ ସମୟରେ ସୁରକ୍ଷା ଓ ଯାତାୟାତକୁ ଦୃଷ୍ଟିରେ ରଖି ପୂର୍ତ୍ତ ବିଭାଗ ସହ ଆଲୋଚନା କରି ତୋରଣର ଡିଜାଇନ୍ କରିବାକୁ ଜିଲ୍ଲାପାଳ କହିଛନ୍ତି । ଅବକାରୀ ବିଭାଗ ପକ୍ଷରୁ ପୂଜା ସମୟରେ ନିଶା ଦ୍ରବ୍ୟ ବିକ୍ରି ଉପରେ କଡ଼ା ନଜର ରଖାଯିବ । କୌଣସି ଅନିୟମିତତା ଦୃଷ୍ଟିଗୋଚର ହେଲେ ତୁରନ୍ତ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ସୂଚନା ଦେବାକୁ ସେ କହିଛନ୍ତି । ସହରର ସମସ୍ତ ରାସ୍ତାଘାଟ ମରାମତି, ସଫେଇ, ଗଛ କଟା ଆଦି କାର୍ଯ୍ୟ ବହୁତ ଜଲଦି ଶେଷ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା କଟକ ମହାନଗର ନିଗମ କମିଶନର ସୁଶ୍ରୀ କିରନଦୀପ କୌର ସହୋତା କହିଛନ୍ତି । ମୃଣ୍ମୟୀ ପ୍ରତିମାଗୁଡିକର ସୁବିଧାଜନକ ବିସର୍ଜନ ନିମନ୍ତେ ଅସ୍ଥାୟୀ ଜଳାଶୟ ନିର୍ମାଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ କଟକ ନଗର ଦୁର୍ଗାପୂଜା ନିମନ୍ତେ ମହାନଗର ନିଗମ ତରଫରୁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇ ଆବଶ୍ୟକୀୟ ସହଯୋଗ ଯୋଗାଇ ଦିଆଯିବାକୁ ପ୍ରତିଶ୍ରୁତି ରଖିଥିଲେ । କଟକ ମହାନଗର ପୂଜା କମିଟି ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ, ପ୍ରଭାତ କୁମାର ତ୍ରିପାଠୀ ସଭା ପରିଚାଳନା କରି ଚଳିତ ବର୍ଷ ପ୍ରଶାସନର ସହଯୋଗରେ ସୁଚାରୁରୂପେ ଦୁର୍ଗାପୂଜା ପାଳନ କରିବାକୁ ସମସ୍ତ ପୂଜା କମିଟିର କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ । କଟକ ମହାନଗରର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ ମତାମତ ରଖିଥିବା ବେଳେ କମିଟି ପକ୍ଷରୁ କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ସିହ୍ନା ଗୃହୀତ ପ୍ରସ୍ତାବ ପାଠ କରିଥିଲେ । ସେହିଭଳି ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ ନିଜର ମତାମତ ରଖିଥିଲେ ଏବଂ ସମ୍ପାଦକ, ପ୍ରଫୁଲ୍ଲ କୁମାର ସାହୁ କମିଟି ପକ୍ଷରୁ ଗୃହୀତ ପ୍ରସ୍ତାବ ପାଠ କରିଥିଲେ ।

## ଖୋର୍ଦ୍ଧାରୋଡ଼ ମଣ୍ଡଳ ଦ୍ୱାରା ହିନ୍ଦୀ ପଖୱାଡ଼ା ଉଦ୍‌ଯାପିତ

ଜଟଣୀ, (ସବ୍ୟୁ) : ଖୋର୍ଦ୍ଧାରୋଡ଼ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଡି. ସୁନୀଲଙ୍କ ଅଧ୍ୟକ୍ଷତାରେ ଖୋର୍ଦ୍ଧାରୋଡ଼ ମଣ୍ଡଳର ରାଜଭାଷା ବିଭାଗ ଦ୍ୱାରା ୧୫୧ତମ ମଣ୍ଡଳୀୟ ସରକାରୀ ଭାଷା କାର୍ଯ୍ୟାନ୍ୱୟନ ସମିତି ବୈଠକ ସହିତ ହିନ୍ଦୀ ପଖୱାଡ଼ା-୨୦୨୬ ର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ସରକାରୀ କାର୍ଯ୍ୟରେ ହିନ୍ଦୀର ବ୍ୟବହାର ଏବଂ ଗୁରୁତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ରାଜଭାଷା ବିଭାଗ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମର ମଧ୍ୟ ଏହି ବୈଠକରେ ସମୀକ୍ଷା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟ ରାଜଭାଷା ଅଧିକାରୀ ତଥା ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍‌ଫ୍ରା) ରାଜଧାରୀ ଯାଦବ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଓପି) ପି. କେ. ବେହେରାଙ୍କ ସମେତ ଖୋର୍ଦ୍ଧା ରୋଡ଼ ମଣ୍ଡଳର ସମସ୍ତ ଶାଖା ଅଧିକାରୀ ଉପସ୍ଥିତ ଥିଲେ । ରାଜଭାଷା ବିଭାଗର ସମସ୍ତ କର୍ମଚାରୀଙ୍କ ସକ୍ରିୟ ସହଯୋଗ ଓ ସମନ୍ୱୟରେ ଖୋର୍ଦ୍ଧାରୋଡ଼ ମଣ୍ଡଳର ବରିଷ୍ଠ ରାଜଭାଷା ଅଧିକାରୀ ଉଷା ରାଣୀଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ସଂଚାଳିତ ହୋଇଥିଲା ।

ରାହୁଲ ଗାନ୍ଧିଙ୍କ 'ଭୋଟ୍ ଚୋରି' ଅଭିଯୋଗ ସତ ପ୍ରମାଣିତ ହୋଇଛି

# ଜ୍ଞାନେଶ କୁମାରଙ୍କୁ ତୁରନ୍ତ ମହାଭିଯୋଗ ଜରିଆରେ ବରଖାସ୍ତ କରାଯାଉ

ଭୁବନେଶ୍ୱର (ସବ୍ୟୁ): ଲୋକସଭାର ବିରୋଧୀ ଦଳ ନେତା ଗତ ତିନିବର୍ଷ ହେଲା ଯାହା କହିଆସୁଥିଲେ ତାହା ସତ୍ୟ ପ୍ରମାଣିତ ହୋଇଛି । ଦେଶର ନିର୍ବାଚନ ପ୍ରକ୍ରିୟାକୁ 'ଚୋରି' କରିବାକୁ ମୋଦୀ ସରକାର ନିର୍ବାଚନ ଆୟୋଗକୁ ଅସ୍ୱଭାବେ ବ୍ୟବହାର କରିଆସୁଛନ୍ତି । ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ବିଜେପି ସରକାରର ହାତବାରିସୀ ସାଜି ଦେଶବ୍ୟବାପୀ ତ୍ରୁଟିପୂର୍ଣ୍ଣ ସଘନ ସ୍ୱତନ୍ତ୍ର ସଂଶୋଧନ (ଏସ୍ଆଇଆର) କରାଇ ଦେଶର ଗଣତାନ୍ତ୍ରିକ




ବିଧିବ୍ୟବସ୍ଥାକୁ ହତ୍ୟା କରିବା ପ୍ରମାଣିତ ହୋଇଛି । ଗତ ୧୦ ମାସ ମଧ୍ୟରେ ଦୁଇ ନିର୍ବାଚନ ଆୟୁକ୍ତ ସୁଖବୀର ସାନ୍ଧୁ ଓ ବିବେକ ଯୋଶୀ ୧୪ ଥର ଆୟୋଗର ବିଭିନ୍ନ ନିଷ୍ପତ୍ତିରେ ଆପତ୍ତି ଉଠାଇଥିଲେ ମଧ୍ୟ ଅଗଣତାନ୍ତ୍ରିକ ପ୍ରକ୍ରିୟାରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ସେମାନଙ୍କୁ ଆଡ଼େଇଯାଇ ନିଜ ଇଚ୍ଛା ଅନୁସାରେ ନିଷ୍ପତ୍ତି ନେଇଚାଲିଛନ୍ତି ବୋଲି ସ୍ପଷ୍ଟ ହୋଇଛି । ନିର୍ବାଚନ କମିଶନଙ୍କ ଦୁଇଜଣ ସଦସ୍ୟ ଏହାର ମୁଖ୍ୟଙ୍କ ବିରୋଧରେ ଏପରି ସଂଗୀନ ଅଭିଯୋଗ ଆଣିବା ପୂରା ବ୍ୟବସ୍ଥା କଳୁଷିତ ହୋଇଥିବା ପ୍ରମାଣ କରୁଛି ବୋଲି ଗୁରୁବାର କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପିସିସି ଗଣମାଧ୍ୟମ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି । ସେ ସ୍ମରଣ କରାଇଦେଇଛନ୍ତି, କିପରି କର୍ଣ୍ଣାଟକ, ମହାରାଷ୍ଟ୍ର ଓ ହରିଆନାରେ ଏସ୍ଆଇଆର୍ ଜରିଆରେ ଭୋଟର ତାଲିକାର ଜାଲିଆତି କରି ବିଜେପି ଭୋଟ ହାତେଇଥିଲା, ତା'ର ପ୍ରମାଣଭିତ୍ତିକ ବିବରଣୀ ରାହୁଲ ଗାନ୍ଧି ପ୍ରଦାନ କରିଥିଲେ । ଏବେ ନିଜେ ଆୟୋଗର ଦୁଇଜଣ ସଭ୍ୟ ଏହା ସତ୍ୟ ବୋଲି ପ୍ରମାଣ କରିଛନ୍ତି । ଭୋଟର ତାଲିକାକୁ ହେରଫେର କରିଥିବା ଅଧିକାରୀ ଦେଶଦ୍ରୋହୀ ବୋଲି ଶ୍ରୀ ରାହୁଲ ଗାନ୍ଧି କହିଛନ୍ତି । ତେଣୁ ଗୋଟିଏ ମୁହୂର୍ତ୍ତ ବି ନିଜ ପଦରେ ରହିବାର ନୈତିକ ଅଧିକାର ଜ୍ଞାନେଶ କୁମାରଙ୍କର ନାହିଁ । ତାଙ୍କୁ ମହାଭିଯୋଗ ପ୍ରକ୍ରିୟାରେ ବହିଷ୍କାର କରାଯିବାକୁ ଶ୍ରୀ ଗାନ୍ଧି ଦାବି କରିଛନ୍ତି । ଉପରୋକ୍ତ ଜାଲିଆତିକୁ ବିରୋଧ କରି ଆସନ୍ତା ୨୫ ତାରିଖ ଶୁକ୍ରବାର ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ସହସ୍ରାଧିକ ସଂଖ୍ୟାରେ ପିସିସି ପକ୍ଷରୁ ସିଇଓ ଅଫିସ ଘେରାଉ କରାଯିବ ବୋଲି ଶ୍ରୀ ଦାସ ସୂଚନା ଦେଇଛନ୍ତି । ସେହିପଣି ଆସନ୍ତା ସୋମବାର ସବୁ ଜିଲ୍ଲା ମୁଖ୍ୟାଳୟ ଘେରାଉ କରାଯିବ ବୋଲି ସେ ସୂଚନା ଦେଇଥିଲେ ।

## ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲ୍ଲା ଗଠନ ଦାବିରେ ସମାବେଶ ୨୬ରେ

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱରକୁ ଏକ ସ୍ୱତନ୍ତ୍ର ଜିଲ୍ଲା ଗଠନ କରିବାର ଦୀର୍ଘଦିନର ଦାବି ଉପରେ ଆଲୋଚନା ଓ ସାମୁହିକ ମତ ଗଠନ ପାଇଁ ଭୁବନେଶ୍ୱର ବାର୍ ଆସୋସିଏସନ ପକ୍ଷରୁ ଏକ ସର୍ବଦଳୀୟ ଓ ସର୍ବସାଧାରଣ ସମାବେଶ ଶନିବାର ଆୟୋଜନ ହେବ । ଏହି ସମାବେଶରେ ସମସ୍ତ ରାଜନୈତିକ ଦଳର ନେତା ଓ କର୍ମକର୍ତ୍ତା, ପୂର୍ବତନ ବିଧାୟକ, କର୍ପୋରେଟର, ସରପଞ୍ଚ, ବିଭିନ୍ନ ପୂଜାମଣ୍ଡପର ସମ୍ପାଦକ ଓ ବ୍ୟବସାୟିକ ସଂଗଠନର ପ୍ରତିନିଧିମାନେ ଯୋଗଦେବେ । ଏହି ସମାବେଶରେ ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲ୍ଲା ଦାବି ଉପରେ ସମସ୍ତଙ୍କ ମତାମତ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ଆଲୋଚନା ହେବ ବୋଲି ଭୁବନେଶ୍ୱର ବାର୍ ଆସୋସିଏସନ ସଭାପତି ଅଶୋକ କୁମାର ଛୋଟରାୟ କହିଛନ୍ତି ।

# ଯତୀନ୍ଦ୍ରଙ୍କ ଶ୍ରାଦ୍ଧ ଉପଲକ୍ଷେ ସତସଙ୍ଗ

ଭୁବନେଶ୍ୱର, (ସବ୍ୟୁ): ସ୍ଥାନୀୟ ସତସଙ୍ଗ ବିହାର ପ୍ରାଙ୍ଗଣ ରେ ଏକ ବିଶେଷ ସତସଙ୍ଗ ଡକ୍ଟର ଅଭୟ କୁମାର ପରିଡାଙ୍କ ସଭାପତିତ୍ୱରେ ଆୟୋଜନ କରାଯାଇଥିଲା । କୃପାନିଧି ବିଶ୍ୱାଳ, ସ୍ୱାଇଁ ଶ୍ରୀ ନୃସିଂହ ଶ୍ରୀ ଚନ୍ଦନ, ଉମାକାନ୍ତ ସାହୁ, ରମେଶ ଦାସ, ସଂଜୀବ ନାୟକ ପ୍ରମୁଖ ଏଥିରେ ସହାୟତା କରିଥିଲ । ଚକ୍ରଧର ନାୟକ, ହରିହର ପଣ୍ଡା, ପ୍ରଫୁଲ୍ଲ ମହାନ୍ତି, ଅନନ୍ତ ସ୍ୱାଇଁ, କମଳାକ୍ଷ ପରିଡା ପ୍ରମୁଖ ଭଜନ କୀର୍ତ୍ତନ ପରିବେଷଣ କରିଥିଲେ । ବରିଷ୍ଠ କର୍ମୀ ପ୍ରସନ୍ନ କୁମାର ମିଶ୍ର, ବିଜୟ ଭୂଷଣ ମିଶ୍ର, ଜନାର୍ଦ୍ଦନ ମହୋପାଧ୍ୟାୟ, ଶଶାଙ୍କ ଶେଖର ମିଶ୍ର, ଯୁଧିଷ୍ଠିର ପ୍ରଧାନ, କବିଚନ୍ଦ୍ର ମହାନ୍ତି, ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, କାଳି



ପ୍ରସାଦ ତ୍ରିପାଠୀ, ତ୍ରିନାଥ ମହାରଣା, ପର୍ଶୁରାମ ସ୍ୱାଇଁ ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତି ଚାରଣ କରିଥିଲେ। ସତସଙ୍ଗ ବିହାର ତରଫରୁ ସମସ୍ତ କର୍ମୀ ପ୍ରଭାକର ସ୍ୱାଇଁ, ସୁଶାନ୍ତ କୁମାର ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ପ୍ରାୟ ୨୦୦୦ କର୍ମୀ ପାଗର ପ୍ରତିକୂଳ ପରିସ୍ଥିତି ଯୋଗଦାନ କରି ଆନନ୍ଦ ବଜାରରେ ପ୍ରସାଦ ସେବନ କରିଥିଲ ।

# ପୋଷ୍ଟପେଡ୍ ସେବାକୁ ଅଧିକ ଉନ୍ନତ କରିଛି ଏୟାରଟେଲ୍

ଭୁବନେଶ୍ୱର (ସବ୍ୟୁ): ଭାରତର ଅନ୍ୟତମ ଅଗ୍ରଣୀ ଟେଲିକମ୍ ସେବା ପ୍ରଦାନକାରୀ ସଂସ୍ଥା 'ଭାରତୀ ଏୟାରଟେଲ୍' ଘୋଷଣା କରିଛି ଯେ ଏହା ନିଜର ଟ.୯୯୯ ଏବଂ ତଦୁର୍ଦ୍ଧ୍ୱ ମୂଲ୍ୟର 'ଫ୍ୟାମିଲି ପୋଷ୍ଟପେଡ୍ ପ୍ଲାନ୍' କୁ ଆପଲ୍ ର ଆଇକ୍ଲାଉଡ୍ + ସେବା ସହିତ ଅଧିକ ସମୃଦ୍ଧ କରୁଛି । ଏହି ଆଇକ୍ଲାଉଡ୍ + ସେବାରେ ବର୍ତ୍ତମାନ ଆପଲ୍ ଟିଭି ଏବଂ ଆପଲ୍ ଆର୍କେଡ୍ ମଧ୍ୟ ଅନ୍ତର୍ଭୁକ୍ତ ରହିଛି, ଯାହା ଗ୍ରାହକଙ୍କୁ ଅଧିକ ମୂଲ୍ୟବାନ ସେବା ପ୍ରଦାନ କରିବା ସହ ପ୍ଲାନ୍ ଅପଗ୍ରେଡ୍ କରିବା ପାଇଁ ଏକ ନୂତନ କାରଣ ଯୋଗାଇ ଦେଉଛି । ଏୟାରଟେଲ୍‌ର ଏହି ନୂତନ ପୋଷ୍ଟପେଡ୍ ସେବାରେ ଆପଲ-ର ସମ୍ପ୍ରସାରିତ ଆଇକ୍ଲାଉଡ୍ + ସୁବିଧା ମିଳିବ, ଯାହା ବ୍ୟକ୍ତିଗତ କଣ୍ଟେଣ୍ଟ ର ସୁରକ୍ଷିତ ସଂରକ୍ଷଣ ଓ ସେୟାରିଂ ସୁବିଧା ଦେବା ସହିତ ଆପଲ୍ ଟିଭି -ର ପୁରସ୍କାରପ୍ରାପ୍ତ ଅରିଜିନାଲ୍ସ ଏବଂ ଆପଲ୍ ଆର୍କେଡ୍ ମାଧ୍ୟମରେ ଶହ ଶହ ମଜାଦାର ଗେମ୍ ଖେଳିବାର ସୁଯୋଗ ପ୍ରଦାନ କରେ । ଏହି ନୂତନ ସେବା ଟ.୯୯୯ ଏବଂ ତଦୁର୍ଦ୍ଧ୍ୱ ମୂଲ୍ୟର ଫ୍ୟାମିଲି ପ୍ଲାନ୍ ବ୍ୟବହାର କରୁଥିବା ଏୟାରଟେଲ୍ ଗ୍ରାହକଙ୍କ ପାଇଁ ଉପଲବ୍ଧ । ଆଇକ୍ଲାଉଡ୍+ ସାହାଯ୍ୟରେ, ଲକ୍ଷ ଲକ୍ଷ ଏୟାରଟେଲ୍ ପୋଷ୍ଟପେଡ୍ ଗ୍ରାହକ ସେମାନଙ୍କର ଫଟୋ, ଫାଇଲ୍, ପାସୱାର୍ଡ, କଣ୍ଟାକ୍ଟ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ସେମାନଙ୍କର ବିଭିନ୍ନ ଆପଲ୍ ଡିଭାଇସ୍‌ରେ ସଂରକ୍ଷଣ, ସିଙ୍କ୍ ଏବଂ ବ୍ୟବହାର କରିପାରିବେ । ଏଥିସହିତ ସେମାନଙ୍କ ଡାଟା ସୁରକ୍ଷିତ ଭାବେ ବ୍ୟାକ୍-ଅପ୍ ହୋଇ ରହିବ, ଯାହା ଫଳରେ ନୂତନ ଡିଭାଇସ୍ ସେଟ୍-ଅପ୍ କରିବା ସହଜ ହେବ ଏବଂ ସେମାନଙ୍କର ଡିଜିଟାଲ୍ ଜୀବନଶୈଳୀ ନିରବଚ୍ଛିନ୍ନ ଓ ସୁଲଭ ରହିବ । ଆପଲ୍ ଟିଭି ମାଧ୍ୟମରେ ଆପଲ୍ ର ପ୍ରିମିୟମ୍ ମୌଳିକ ସିରିଜ୍ ଏବଂ ଚଳଚ୍ଚିତ୍ର ଦେଖିବାର ସୁବିଧା ମିଳିବ, ଯେତେବେଳେ କି ଆପଲ୍ ଆର୍କେଡ୍ ବିନା କୌଣସି ବିଜ୍ଞାପନ କିମ୍ବା 'ଇନ୍-ଆପ୍ ପର୍ଚେସ୍' ବିନା ଅସୀମିତ ଗେମ୍ ଖେଳିବାର ସୁଯୋଗ ପ୍ରଦାନ କରିବ । ଟ.୯୯୯ ଫ୍ୟାମିଲି ପୋଷ୍ଟପେଡ୍ ପ୍ଲାନଟି ତିନି ଜଣ ସଦସ୍ୟ ବିଶିଷ୍ଟ ପରିବାର ପାଇଁ ଫାଷ୍ଟଲେନ୍ ଟେକ୍ନୋଲୋଜି ସହିତ ଅସୀମିତ ଡାଟା ଏବଂ ସ୍ପାମ୍ ସୁରକ୍ଷା ସୁବିଧା ପ୍ରଦାନ କରିବା ସହ ବିଭିନ୍ନ ମନୋରଞ୍ଜନ ସେବାର ସବସ୍କ୍ରିପସନ୍ ମଧ୍ୟ ଯୋଗାଇଥାଏ ।

## ବେଦାନ୍ତ ଆଲୁମିନିୟମ ୩ହଜାରରୁ ଉର୍ଦ୍ଧ୍ୱ

# ଛାତ୍ରଛାତ୍ରୀଙ୍କୁ ଅତ୍ୟାବଶ୍ୟକ ବିଦ୍ୟାଳୟ ସାମଗ୍ରୀ ଯୋଗାଇ ଦେଉଛି

ଭୁବନେଶ୍ୱର, (ସବ୍ୟୁ): ଯେତେବେଳେ ପିଲାମାନଙ୍କୁ ଶିକ୍ଷାଲାଭ କରିବା ପାଇଁ ସଶକ୍ତ କରାଯାଏ, ସେତେବେଳେ ସେମାନଙ୍କ ସମ୍ପ୍ରଦାୟଗୁଡ଼ିକ ମଧ୍ୟ ଅଭିବୃଦ୍ଧି, ପ୍ରଗତି ଏବଂ ସମୃଦ୍ଧି ପଥରେ ଆଗେଇବା ପାଇଁ ଅଧିକ ଉପଯୁକ୍ତ ସ୍ଥିତିରେ ରହିଥାନ୍ତି । ଏହି ଯାତ୍ରାକୁ ସମର୍ଥନ କରି ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଓଡ଼ିଶାରେ ଏହାର ଖଣି କାର୍ଯ୍ୟର ଆଖପାଖରେ ରହୁଥିବା ୩୦୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ସ୍କୁଲ ବ୍ୟାଗ, ପାଣି ବୋତଲ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଶିକ୍ଷା ସାମଗ୍ରୀ ବଣ୍ଟନ କରିଛି । ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ଫ୍ଲାଗସିପ୍ ଶିକ୍ଷା କାର୍ଯ୍ୟକ୍ରମ 'ପ୍ରୋଜେକ୍ଟ ବିଦ୍ୟା' ଅଧୀନରେ ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା, ଯାହା ପିଲାମାନଙ୍କୁ ଶିକ୍ଷଣ ସମ୍ବଳ, ଏକାଡେମିକ୍ ସହାୟତା ଏବଂ ବିଦ୍ୟାଳୟ ଭିତ୍ତିକ ପାଠପଢା ପାଇଁ ସହାୟତା ପ୍ରଦାନ କରିଥିଲା ।



ପଶ୍ଚିମ ଓଡ଼ିଶାର କୁରାଲୋଇ, ଜାମଖାନି ଏବଂ ଘୋଘରପଲ୍ଲୀରେ ଆରମ୍ଭ ହୋଇଥିବା ଏହି ପଦକ୍ଷେପ ପିଲାମାନଙ୍କ ପାଖରେ ବିଦ୍ୟାଳୟରେ ଅଧିକ ଆତ୍ମବିଶ୍ୱାସର ସହ ଅଂଶଗ୍ରହଣ କରିବା ପାଇଁ ଆବଶ୍ୟକ ସମ୍ବଳ ସୁନିଶ୍ଚିତ କରିବାରେ ସାହାଯ୍ୟ କରୁଛି । ନିକଟରେ, କୁରାଲୋଇର ବଞ୍ଜାରୀ ଆଶ୍ରମ ବିଦ୍ୟାଳୟର ୧୩୬ ଜଣ ଛାତ୍ରଛାତ୍ରୀଙ୍କୁ ସ୍କୁଲ ବ୍ୟାଗ, ପାଣି ବୋତଲ, ନୋଟବୁକ୍ ଏବଂ ଜ୍ୟାମିତି ବାକ୍ସ ପ୍ରଦାନ କରାଯାଇଥିବା ବେଳେ ଜାମଖାନି ଏବଂ ଘୋଘରପାଲ୍ଲୀର ୧୨ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ୧୪୪ ଜଣ ପିଲାଙ୍କୁ ଶିକ୍ଷଣ କିଟ୍ ବଣ୍ଟନ କରାଯାଇଥିଲା, ଯାହା ଏହି ପଦକ୍ଷେପ ଅଧୀନରେ ଏପର୍ଯ୍ୟନ୍ତ ୩୦୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ସହାୟତା ଯୋଗାଇବାରେ ମାଇଲଖୁଣ୍ଟ ସୃଷ୍ଟି କରିଛି । ଉଭୟ ବିଦ୍ୟାଳୟ ଯାଉଥିବା ପିଲା ଏବଂ ପ୍ରାକ୍-ବିଦ୍ୟାଳୟ ଶିକ୍ଷାର୍ଥୀଙ୍କୁ ସହାୟତା କରି, ବେଦାନ୍ତ ଆଲୁମିନିୟମ କୋଇଲା ଖଣି ଏହାର ଆଖପାଖରେ ବ୍ୟାପକ ଶିକ୍ଷାଗତ ପ୍ରବେଶକୁ ମଜବୁତ କରିବାରେ ସାହାଯ୍ୟ କରୁଛି ।

ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ସିଇଓ ଅମରେଶ କୁମାର କହିଛନ୍ତି, "ଶିକ୍ଷା ହେଉଛି ସାମାଜିକ ଏବଂ ଅର୍ଥନୈତିକ ପ୍ରଗତିର ସବୁଠାରୁ ଶକ୍ତିଶାଳୀ ସହାୟକ । ପ୍ରକଳ୍ପ ବିଦ୍ୟା ମାଧ୍ୟମରେ, ଆମେ ପ୍ରାରମ୍ଭିକ ଶୈଶବ ଶିକ୍ଷା ଏବଂ ବିଦ୍ୟାଳୟ ପ୍ରସ୍ତୁତି ଠାରୁ ଆରମ୍ଭ କରି ଶ୍ରେଣୀଗୃହ ଶିକ୍ଷା ଏବଂ ଏକାଡେମିକ୍ ସହାୟତା ପର୍ଯ୍ୟନ୍ତ ଶିକ୍ଷଣ ଯାତ୍ରାର ପ୍ରତ୍ୟେକ ପର୍ଯ୍ୟାୟକୁ ମଜବୁତ କରିବା ପାଇଁ କାର୍ଯ୍ୟ କରୁଛୁ । ପ୍ରକଳ୍ପ ବିଦ୍ୟା ଆରମ୍ଭ ହେବା ପରଠାରୁ ପ୍ରତ୍ୟେକ ପର୍ଯ୍ୟାୟରେ ଶିକ୍ଷାଲାଭକୁ ସମର୍ଥନ କରୁଥିବା ପଦକ୍ଷେପ ମାଧ୍ୟମରେ କୁରାଲୋଇ, ଜାମଖାନି ଏବଂ ଘୋଘରପାଲ୍ଲୀରେ ୩୭,୦୦୦ ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ସକରାତ୍ମକ ଭାବରେ ପ୍ରଭାବିତ କରିଛି । ଏଥିରେ ସରକାରୀ ବିଦ୍ୟାଳୟରେ ୨୧ ଜଣ ଅତିରିକ୍ତ ଶିକ୍ଷକଙ୍କୁ ନିଯୁକ୍ତି, ଅଙ୍ଗନୱାଡି କେନ୍ଦ୍ର ପାଇଁ ସହାୟତା, ଶିକ୍ଷଣ ସହାୟକ, ସନ୍ଦର୍ଭ ପୁସ୍ତକ, ଶ୍ରେଣୀଗୃହ ଭିତ୍ତିଭୂମି ଏବଂ କ୍ରୀଡ଼ା, ବିଜ୍ଞାନ ଏବଂ ସଚେତନତା କାର୍ଯ୍ୟକଳାପ ମାଧ୍ୟମରେ ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରୁଥିବା କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ।

# ଏଡିଆର୍ ରିପୋର୍ଟ

# ୪ ବର୍ଷରେ ୧୧୧ ସାଂସଦ-ବିଧାୟକଙ୍କ ଦଳବଦଳ

## ୬ ରାଜ୍ୟରେ ବଦଳିଲା ରାଜନୈତିକ ଚିତ୍ର

ନୂଆଦିଲ୍ଲୀ: ନିର୍ବାଚନରେ ଲୋକେ ଯେଉଁ ରାଜନୈତିକ ଚିତ୍ର ତିଆରି କରନ୍ତି, ନିର୍ବାଚନ ପରେ ଦଳବଦଳ ଯୋଗୁଁ ତାହା ଅନେକ ସମୟରେ ବଦଳିଯାଏ। ଗତ ୪ ବର୍ଷରେ ଦେଶର ୧୧୧ ଜଣ ବର୍ତ୍ତମାନର ସାଂସଦ ଓ ବିଧାୟକ ନିର୍ବାଚନ ଜିତିବା ପରେ ନିଜ ଦଳ ଛାଡ଼ି ଅନ୍ୟ ଦଳରେ ଯୋଗ ଦେଇଛନ୍ତି। ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ଓ ନ୍ୟାସନାଲ୍ ଇଲେକ୍ସନ୍ ୱାଚ୍ର ରିପୋର୍ଟରେ ଏହି ତଥ୍ୟ ପ୍ରକାଶ ପାଇଛି। ଏହି ଅବଧି ୨୦୨୨ରୁ ୨୦୨୬ ମଧ୍ୟରେ ହୋଇଥିବା ନିର୍ବାଚନ ଓ ଉପନିର୍ବାଚନକୁ ନେଇ ପ୍ରସ୍ତୁତ ହୋଇଛି। ରିପୋର୍ଟ ଅନୁସାରେ, ୧୧୧ ଜଣଙ୍କ ମଧ୍ୟରେ ୨୬ ଜଣ ଲୋକସଭା ସାଂସଦ, ୭ ଜଣ ରାଜ୍ୟସଭା ସାଂସଦ ଓ ୭୮ ଜଣ ବିଧାୟକ ଅଛନ୍ତି। ୭୮ ବିଧାୟକଙ୍କ ମଧ୍ୟରୁ ୭୦ ଜଣ ନିର୍ବାଚନ ଜିତିବା ପରେ ସିଧାସଳଖ ଦଳ ବଦଳାଇଥିବା ବେଳେ ୮ ଜଣ ଇସ୍ତଫା କିମ୍ବା ଅଯୋଗ୍ୟତା ପରେ ଉପନିର୍ବାଚନ ଲଢ଼ି ପୁଣି ବିଜୟୀ ହୋଇଥିଲେ। ସର୍ବାଧିକ ଦଳବଦଳ




ନାଗାଲାଣ୍ଡରେ ହୋଇଛି। ସେଠାରେ ୩୨ ଜଣ ନେତା ଦଳ ବଦଳାଇଛନ୍ତି। ପଶ୍ଚିମବଙ୍ଗରେ ୨୦, ତେଲଙ୍ଗାନାରେ ୯, ଗୋଆ ଓ ପଞ୍ଜାବରେ ୮ ଜଣ ଲେଖାଏଁ, ମହାରାଷ୍ଟ୍ର ଓ ମେଘାଳୟରେ ୬ ଜଣ ଲେଖାଏଁ ଏବଂ ମଣିପୁରରେ ୫ ଜଣ ଦଳ ବଦଳାଇଛନ୍ତି। ମୋଟ ୧୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏଭଳି ଘଟଣା ରେକର୍ଡ ହୋଇଛି। ଦଳ ଛାଡ଼ିବା ମାମଲାରେ ନ୍ୟାସନାଲିଷ୍ଟ ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ପାର୍ଟି (ଏନ୍ଡିପିପି)ର ସର୍ବାଧିକ ୨୫ ଜଣ ପ୍ରତିନିଧି ରହିଛନ୍ତି। ଏହା ପରେ ତୃଣମୂଳ କଂଗ୍ରେସର ୨୦ ଓ କଂଗ୍ରେସର ୧୯ ଜଣ ଦଳ ଛାଡ଼ିଛନ୍ତି। ବିଆର୍ଏସ୍ର ୯, ଆମ୍ ଆଦ୍ମୀ ପାର୍ଟି (ଆପ୍) ଓ ଏନ୍ସିପିର ୭ ଜଣ ଲେଖାଏଁ, ଶିବସେନା (ୟୁବିଟି)ର ୬, ଜେଡି(ୟୁ)ର ୫ ଓ ଏନ୍ସିପିର ୪ ଜଣ ମଧ୍ୟ ଦଳ ବଦଳାଇଛନ୍ତି। ଏନ୍ଡିପିପି, ତୃଣମୂଳ କଂଗ୍ରେସ ଓ କଂଗ୍ରେସରୁ ମିଶି ୬୪ ଜଣ ନେତା ଅନ୍ୟ ଦଳକୁ ଯାଇଛନ୍ତି, ଯାହା ମୋଟ ଦଳବଦଳର ୫୮ ପ୍ରତିଶତ। ଅନ୍ୟପକ୍ଷରେ, ନୂଆ ଦଳରେ ଯୋଗଦେବା ମାମଲାରେ ନାଗା ପିପୁଲ୍ସ ଫ୍ରଣ୍ଟ୍ (ଏନ୍ପିଏଫ୍)ରେ ସର୍ବାଧିକ ୩୨ ଜଣ ଯୋଗ ଦେଇଛନ୍ତି। ବିଜେପିରେ ୨୯, ନ୍ୟାସନାଲିଷ୍ଟ ସିଟିଜେନ୍ସ ପାର୍ଟି ଅଫ୍ ଇଣ୍ଡିଆରେ ୨୦, କଂଗ୍ରେସରେ ୯, ଶିବସେନାରେ ୮, ଏନ୍ସିପିରେ ୬ ଓ ପିପିଏରେ ୪ ଜଣ ଯୋଗ ଦେଇଛନ୍ତି। ରିପୋର୍ଟ ଅନୁସାରେ, ଏନ୍ପିଏଫ୍, ବିଜେପି ଓ ନ୍ୟାସନାଲିଷ୍ଟ ସିଟିଜେନ୍ସ ପାର୍ଟି ଅଫ୍ ଇଣ୍ଡିଆ ମିଶି ୧୧୧ ଜଣଙ୍କ ମଧ୍ୟରୁ ୮୧ ଜଣଙ୍କୁ ନିଜ ଦଳରେ ସାମିଲ କରିଛନ୍ତି। ଏଡିଆର୍ କହିଛି, ଏଭଳି ଦଳବଦଳ ଯୋଗୁଁ ନାଗାଲାଣ୍ଡ, ପଶ୍ଚିମବଙ୍ଗ, ତେଲଙ୍ଗାନା, ଗୋଆ, ମହାରାଷ୍ଟ୍ର ଓ ମଣିପୁର ଭଳି ୬ଟି ରାଜ୍ୟର ରାଜନୈତିକ ସମୀକରଣରେ ପରିବର୍ତ୍ତନ ଆସିଛି। କେତେକ ସ୍ଥାନରେ ବିଧାୟକଙ୍କ ଦଳବଦଳ ସରକାର ଗଠନ ଓ ଭାଙ୍ଗିବାରେ ମଧ୍ୟ ପ୍ରଭାବ ପକାଇଥିବା ରିପୋର୍ଟରେ କୁହାଯାଇଛି। ଦଳବଦଳ ରୋକିବା ପାଇଁ ସମ୍ବିଧାନର ଦଶମ ଅନୁସୂଚୀକୁ ଅଧିକ ସୁଦୃଢ଼ କରିବା, ଏଭଳି ମାମଲାର ସମୟବଦ୍ଧ ନିଷ୍ପତ୍ତି ଏବଂ ରାଜନୈତିକ ଦଳଗୁଡ଼ିକର ଆଭ୍ୟନ୍ତରୀଣ ଗଣତନ୍ତ୍ରକୁ ମଜବୁତ କରିବା ପାଇଁ ଏଡିଆର୍ ପରାମର୍ଶ ଦେଇଛି।

# ସେନ୍ସେକ୍ସରେ ୧୨୪୮ ପଏଣ୍ଟ ହ୍ରାସ

ମୁମ୍ବାଇ : ଅଶୋଧିତ ତୈଳ ଦରରେ ବୃଦ୍ଧି ଓ ନୂଆ ବୀମା କମିସନ ନିୟମ ଘୋଷଣା ହେବା ପରେ ଆଜି ଷ୍ଟକ ବଜାର କାରବାରରେ ଅସ୍ଥିରତା ଦେଖାଦେଇଥିଲା। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍ସେକ୍ସ ୧୨୪୭.୭୧ ପଏଣ୍ଟ ହ୍ରାସ ପାଇ ୭୩,୫୮୦.୫୪ ପଏଣ୍ଟରେ ବନ୍ଦ ହୋଇଥିଲା। ସେହି ସମୟରେ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୩୮୩.୭୦ ପଏଣ୍ଟ ହ୍ରାସ ପାଇ ୨୩,୦୬୩.୧୦ ପଏଣ୍ଟରେ ବନ୍ଦ ହୋଇଥିଲା। ଭାରତୀୟ ବୀମା ନିୟାମକ ଓ ବିକାଶ କର୍ତ୍ତୃପକ୍ଷ (ଆଇଆର୍ଡିଏଆଇ) ପକ୍ଷରୁ ବୀମା କମିସନ ଢାଞ୍ଚାରେ ପରିବର୍ତ୍ତନ କରାଯିବା ପରେ ଆର୍ଥିକ କ୍ଷେତ୍ରର କମ୍ପାନିଗୁଡ଼ିକର ସେୟାର ଅଧିକ ବିକ୍ରି ହୋଇଥିଲା। ସେନ୍ସେକ୍ସର ଅଂଶ ଥିବା ବଜାଜ ଫାଇନାନ୍ସ, ଆକ୍ସିସ୍ ବ୍ୟାଙ୍କ, ବଜାଜ ଫିନ୍ସର୍ଭ, ଇଣ୍ଡିଗୋ, ଟ୍ରେଣ୍ଟ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଏସିଆନ୍ ପେଣ୍ଟ୍ସ ଓ ଭାରତୀ ଏୟାରଟେଲ୍ ସେୟାର ମୂଲ୍ୟରେ ବଡ଼ ଧରଣର ହ୍ରାସ ହୋଇଥିଲା। ନିଫ୍ଟିରେ ଅଟୋମୋବାଇଲ୍, ଆର୍ଥିକ ସେବା, ଏଫ୍ଏମ୍ସିଜି, ସୂଚନା ପ୍ରଯୁକ୍ତି, ଗଣମାଧ୍ୟମ ଓ ଧାତବ କ୍ଷେତ୍ରର କମ୍ପାନିଗୁଡ଼ିକର ସେୟାର ଅଧିକ ବିକ୍ରି ହୋଇଥିଲା। ଫାର୍ମା, ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ଘରୋଇ ବ୍ୟାଙ୍କ, ରିଅଲ



ଇଷ୍ଟେଟ୍, କଞ୍ଜ୍ୟୁମର ଡ୍ୟୁରେବଲ୍, ସ୍ୱାସ୍ଥ୍ୟସେବା ଏବଂ ତୈଳ ଓ ଗ୍ୟାସ୍ କ୍ଷେତ୍ରର କମ୍ପାନିଗୁଡ଼ିକର ସେୟାର ମଧ୍ୟ ଚାପରେ ଥିଲା। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ପୁଣି ବୃଦ୍ଧି ପାଇଛି। ବ୍ରେଣ୍ଟ କ୍ରୁଡ୍ ଦର ବ୍ୟାରେଲ୍ରୁ ୧୦୫.୧୦ ଡଲାର ଏବଂ ଆମେରିକାର ୱେଷ୍ଟ ଟେକ୍ସାସ୍ ଇଣ୍ଟରମେଡିଆରି ଦର ୯୩.୪୭ ଡଲାରକୁ ବୃଦ୍ଧି ପାଇଛି। ମହଙ୍ଗା ତେଲ ଭାରତର ଆମଦାନି ବିଲ୍ ବଢ଼ାଇବା ଓ ଦେଶରେ ଦରଦାମ୍ ସ୍ଥିତି ବେଲଗାମ କରିବା ଆଶଙ୍କା ଥିବାରୁ ନିବେଶକମାନେ ଚିନ୍ତିତ ହୋଇପଡ଼ିଛନ୍ତି। ଇରାନ ଉପରେ ଆମେରିକାର ଆକ୍ରମଣ ପରଠାରୁ ଅଶୋଧିତ ତୈଳ ଦର ଉଚ୍ଚା ରହିଛି। ଗତ କିଛି ଦିନ ପୂର୍ବେ ତାହା ସାମାନ୍ୟ ତଳକୁ ଖସିଥିଲା। ଏବେ ପୁଣି ସେଥିରେ ବୃଦ୍ଧି ହେବା ନିବେଶକମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି।

## ପାକ୍ ଏୟାରଷ୍ଟ୍ରାଇକରେ ଆଫଗାନର ୧୦ଟି ଆଡ୍ଡା ଧ୍ୱଂସ

ଇସଲାମାବାଦ/କାବୁଲ:ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଚାଲିଥିବା ସୀମା ସଂଘର୍ଷ ଏବେ ଭୟଙ୍କର ରୂପ ନେଇଛି। ବୁଧବାର ଆଫଗାନିସ୍ତାନ ପକ୍ଷରୁ ୮ଟି ଡ୍ରୋନ୍ ଆକ୍ରମଣ ଓ ଗୋଳାବାରୁଦ ବର୍ଷା କରାଯିବା ପରେ, ଗୁରୁବାର ସକାଳୁ ପାକିସ୍ତାନୀ ବାୟୁସେନା ଆଫଗାନିସ୍ତାନ ଭିତରେ ପଶି ୧୦ଟି ସ୍ଥାନରେ ଏୟାରଷ୍ଟ୍ରାଇକ୍ କରିଛି। ପାକିସ୍ତାନ ସୂଚନା ମନ୍ତ୍ରୀ ଅତାଉଲ୍ଲା ତରାର ସୋସିଆଲ



ମିଡିଆ "ଏକ୍ସ"ରେ ଏହି ସୂଚନା ଦେଇଛନ୍ତି। ପାକିସ୍ତାନର ଅଭିଯୋଗ ଅନୁଯାୟୀ, ଆଫଗାନିସ୍ତାନର ତାଲିବାନ ସରକାର ନିଜ ମାଟିରୁ ଆତଙ୍କବାଦୀ କାର୍ଯ୍ୟକଳାପ ନିୟନ୍ତ୍ରଣ କରିବାରେ ବିଫଳ ହେବା ସହ ନିଜେ ସୀମାନ୍ତରେ ଡ୍ରୋନ୍ ଏବଂ ମୋର୍ଟାର୍ ମାଡ଼ କରି ସ୍ଥିତିକୁ ବିଗାଡ଼ିଛନ୍ତି। ଏହାର ଜବାବରେ ପାକିସ୍ତାନୀ ସେନା ସୀମାପାର୍ ସାମରିକ ଆଡ୍ଡାଗୁଡ଼ିକୁ ଲକ୍ଷ୍ୟ କରି ଏହି ଆକ୍ରମଣ କରିଛି। ତେବେ ତାଲିବାନ ପ୍ରବକ୍ତା ଜବିହୁଲ୍ଲା ମୁଜାହିଦ୍ ପାକିସ୍ତାନ ଉପରେ କୌଣସି ଡ୍ରୋନ୍ ଆକ୍ରମଣ କରାଯାଇଥିବା କଥାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି।

## ନିଟ୍ ପିଜି ପ୍ରବେଶିକା ପରୀକ୍ଷା ଫଳ ଘୋଷଣା

ନୂଆଦିଲ୍ଲୀ: ନ୍ୟାସନାଲ ବୋର୍ଡ଼ ଅଫ୍ ଏକଜାମିନେସନ୍ ମେଡିକାଲ ସାଇନ୍ସେସ୍ (ଏନ୍ବିଇଏମ୍ଏସ୍) ପକ୍ଷରୁ ଗୁରୁବାର ନିଟ୍ ପିଜି ୨୦୨୬ ପ୍ରବେଶିକା ପରୀକ୍ଷା ଫଳ ଘୋଷଣା କରାଯାଇଛି। ପିଜି ମେଡିକାଲ ପ୍ରବେଶିକା ପରୀକ୍ଷା ଦେଇଥିବା ପରୀକ୍ଷାର୍ଥୀ ଏନ୍ବିଇଏମ୍ଏସ୍ ଅଫିସିଆଲ ୱେବସାଇଟ୍କୁ ଯାଇ ସେମାନଙ୍କ ପରୀକ୍ଷା ଫଳ ଯାଞ୍ଚ କରିପାରିବେ। ସ୍ନାତକୋତ୍ତର ଡାକ୍ତରୀ ପାଠ୍ୟକ୍ରମରେ ପ୍ରବେଶ ପାଇଁ ଏନ୍ବିଇଏମ୍ଏସ୍ ଦ୍ୱାରା ପରିଚାଳିତ ନିଟ୍ ପିଜି ୨୦୨୬ ପାଇଁ ଶହ ଶହ ଡାକ୍ତରୀ ସ୍ନାତକ ପରୀକ୍ଷା ଦେଇଥିଲେ। ପରୀକ୍ଷା ୩୦ ଅଗଷ୍ଟ,୨୦୨୬ ରେ ଅନୁଷ୍ଠିତ ହୋଇଥିଲା ଓ ପରେ ଜୟପୁରର ଦୁଇଟି କେନ୍ଦ୍ରରେ ପ୍ରଭାବିତ ପରୀକ୍ଷାର୍ଥୀଙ୍କ ପାଇଁ ପୁନଃପରୀକ୍ଷା କରାଯାଇଥିଲା।

## ଗଣମାଧ୍ୟମ ଉପରେ ହ୍ୱାଇଟ୍ ହାଉସ୍ ବ୍ୟାନ୍ ଉପରେ ଅଦାଲତଙ୍କ ରୋକ୍

ୱାଶିଂଟନ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ତିନିଟି ପ୍ରମୁଖ ଗଣମାଧ୍ୟମ ସଂସ୍ଥାକୁ ହ୍ୱାଇଟ୍ ହାଉସରେ ପ୍ରବେଶ ଉପରେ ଲଗାଯାଇଥିବା କଟକଣାକୁ ଗୁରୁବାର ଆମେରିକାର ଏକ ସଂଘୀୟ ଅଦାଲତ ସାମୟିକ ଭାବେ ରୋକିଛନ୍ତି। ବିଚାରପତି ଟିମୋଥି କେଲି ସିଏନ୍ଏନ୍, ଏମ୍ଏସ୍ ନାଓ ଓ ପଲିଟିକୋର ସାମ୍ବାଦିକମାନଙ୍କୁ ହ୍ୱାଇଟ୍ ହାଉସ୍ରେ ପୁଣି ପ୍ରବେଶ ଅନୁମତି ଦେବା ସହ ସେମାନଙ୍କ ପ୍ରେସ୍ ପାସ୍ ତୁରନ୍ତ ଫେରାଇବାକୁ ଟ୍ରମ୍ପ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ୧୪ ଦିନ ପାଇଁ ବଳବତ୍ତର ରହିବ। ସେପ୍ଟେମ୍ବର ୧୮ ରେ ଟ୍ରମ୍ପ ଏହି ତିନି ଗଣମାଧ୍ୟମକୁ ହ୍ୱାଇଟ୍ ହାଉସ୍ରୁ ବ୍ୟାନ୍ କରିଥିଲେ। ତାଙ୍କ ଅଭିଯୋଗ ଥିଲା, ଏହି ସଂସ୍ଥାଗୁଡ଼ିକ ତାଙ୍କ ପ୍ରଶାସନ ସମ୍ପର୍କରେ 'ମିଥ୍ୟା ଖବର' ପ୍ରସାର କରୁଛନ୍ତି। ପରେ ଟ୍ରମ୍ପ ପ୍ରଶାସନ ଏହି ପଦକ୍ଷେପକୁ ଜାତୀୟ ସୁରକ୍ଷା ଓ ସାମ୍ବାଦିକତାରେ ଶୃଙ୍ଖଳା ରକ୍ଷା ସହ ଯୋଡ଼ିଥିଲା। ଏହାପରେ ସିଏନ୍ଏନ୍, ଏମ୍ଏସ୍ ନାଓ ଓ ପଲିଟିକୋ ଅଦାଲତର ଦ୍ୱାରସ୍ଥ ହୋଇ ଏହାକୁ ଚ୍ୟାଲେଞ୍ଜ କରିଥିଲେ। ଏହି ମାମଲାର ଶୁଣାଣି ବୁଧବାର ହୋଇଥିଲା।

# ଏସଆଇଆର ବିବାଦ : ସ୍ୱଷ୍ଟୀକରଣ ଦେଲେ ଇସି

ନୂଆଦିଲ୍ଲୀ : ଭୋଟର ତାଲିକା ସଂଶୋଧନ ପାଇଁ ହୋଇଥିବା ଏସ୍ଆଇଆର୍ ପ୍ରକ୍ରିୟାକୁ ନେଇ ବିବାଦରେ ନିର୍ବାଚନ କମିଶନ। ବିଶେଷ କରି ଏସ୍ଆଇଆର ପରେ ଯୋଗ୍ୟ ଲୋକଙ୍କୁ ଚୂଡ଼ାନ୍ତ ଭୋଟର ତାଲିକାରୁ ବାଦ ଦିଆଯିବାକୁ ନେଇ ଦେଶର ନିର୍ବାଚନ କମିଶନ ବିବାଦରେ ଛନ୍ଦି ହୋଇଯାଇଛନ୍ତି। ଏହି ପ୍ରସଙ୍ଗରେ ରାଜନୀତିକ ବାଦବିବାଦ ଲାଗି ରହିଥିବା ବେଳେ ଏବେ ସ୍ପଷ୍ଟୀକରଣ ରଖିଛନ୍ତି ନିର୍ବାଚନ କମିଶନ। ନିର୍ବାଚନ କମିଶନଙ୍କ କହିବା କଥା ଯେ ଭୋଟର ତାଲିକା ଅପଡେଟ୍ ପାଇଁ ପ୍ରସ୍ତୁତ ଇସିଆଇନେଟ ବ୍ୟବସ୍ଥାରେ ପୁନଃ ସଂଶୋଧନ କରିବାର ପ୍ରାବଧାନ ନାହିଁ। ଯଦି ଇଲେକ୍ଟ୍ରାଲ ରେଜିଷ୍ଟ୍ରେସନ ଅଫିସରମାନେ କାହାର ନାଁ କାଟିବାକୁ ଫର୍ମ ୭ରେ ଥରେ କ୍ଲିକ କରି ଦେଉଛନ୍ତି, ତା'ହେଲେ ତାଙ୍କ ନାଁ ଚୂଡ଼ାନ୍ତ ଭୋଟର ତାଲିକାରୁ କଟିଯିବ। ଏହାପରେ ଅଫିସରମାନେ ଚାହିଁଲେ ମଧ୍ୟ ଡିଲିଟି ନିଷ୍ପତ୍ତିକୁ ପୁଣି ପରିବର୍ତ୍ତନ କରିପାରିବେ ନାହିଁ। ଇସିଆଇନେଟ ବ୍ୟବସ୍ଥାରେ ଏନେଇ କୌଣସି ପ୍ରାବଧାନ ନାହିଁ। ଏସ୍ଆଇଆର ବେଳେ ଗୋଆର ୯୭ ଜଣଙ୍କୁ ତାର୍କିକ ଅସଙ୍ଗିତ ବର୍ଗରେ ରଖି ସେମାନଙ୍କ ନାଁକୁ ଭୋଟର ତାଲିକାରୁ କାଟି


GYANESH KUMAR
CHIEF ELECTION COMMISSIONER

ଦିଆଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ସେମାନେ ଯୋଗ୍ୟ ଭୋଟର ବୋଲି ଜଣାପଡ଼ିଥିଲା। ତୃଣମୂଳ ସ୍ତରରେ ସର୍ଭେ କରୁଥିବା ଅଧିକାରୀ ୯୭ ଜଣଙ୍କୁ ବୈଧ ଭୋଟର ଭାବେ ଚିହ୍ନଟ କରିଥିଲେ। ସେମାନଙ୍କ ନାଁକୁ ଏସ୍ଆଇଆର ପରେ ଡ୍ରାଫ୍ଟ ଭୋଟର ତାଲିକା ମଧ୍ୟରେ ରଖିଥିଲେ। ଗୋଆର ମୁଖ୍ୟ ନିର୍ବାଚନ ଅଧିକାରୀ ସଞ୍ଜୟ ଗୋଏଲ ଏହି ପ୍ରସଙ୍ଗରେ ୭ ଦିନରେ ୮ଥର ଇ-ମେଲ୍ କରି ସବୁ କଥା ନିର୍ବାଚନ କମିଶନଙ୍କୁ ଜଣାଇଥିଲେ। ୱେବସାଇଟରେ ସଂଶୋଧନ କରିବାର ଅଧିକାର ଦେବାକୁ କହିଥିଲେ। କମିଶନଙ୍କ ଡେପୁଟି ନିର୍ବାଚନ କମିଶନର ଆଇଟି ଡିଭିଜନକୁ ଏ ସଂକ୍ରାନ୍ତରେ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିଲେ। ତଥାପି ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବା ଯାଏ ଗୋଆର ନିର୍ବାଚନ ଅଧିକାରୀଙ୍କୁ ଭୋଟର ତାଲିକାର ସଂଶୋଧନ ପାଇଁ ୱେବସାଇଟ ବ୍ୟବହାରର ଅଧିକାର ମିଳି ନଥିଲା। ଏଥିଯୋଗୁ ଇଲେକ୍ଟ୍ରାଲ ରେଜିଷ୍ଟ୍ରେସନ ଅଫିସରମାନଙ୍କ ରିପୋର୍ଟ ସତ୍ତ୍ୱେ ଚୂଡ଼ାନ୍ତ ଭୋଟର ତାଲିକାରୁ ଗୋଆର ୯୭ ଜଣ ଭୋଟର ବାଦ ପଡ଼ିଥିଲେ। ଏହାକୁ ନେଇ ବିବାଦ ଦେଖାଯାଇଥିବା ବେଳେ ନିର୍ବାଚନ କମିଶନ ପକ୍ଷରୁ କୁହାଯାଇଛି ଯେ ଇଆରଓ.ନେଟ୍ରେ ଇଲେକ୍ଟ୍ରାଲ ରେଜିଷ୍ଟ୍ରେସନ ଅଫିସରମାନଙ୍କୁ ଭୋଟରଙ୍କ ନାଁ ଯୋଡ଼ିବା କିମ୍ବା ହଟାଇବା ଅଧିକାର ଦେଇଛି। ଯଦି ଜଣେ ବ୍ୟକ୍ତି ଅଯୋଗ୍ୟ ବିବେଚିତ ହୁଅନ୍ତି, ତା'ହେଲେ ଇଲେକ୍ଟ୍ରାଲ ରେଜିଷ୍ଟ୍ରେସନ ଅଫିସରମାନେ ତାଙ୍କ ନାଁ ହଟାଇବାକୁ ଫର୍ମ ୭ରେ କ୍ଲିକ କରନ୍ତି। ଯଦି ସେମାନେ ଥରେ ଫର୍ମ ୭ରେ କ୍ଲିକ କରି ନାଁ ଡିଲିଟ କରି ଦେଉଛନ୍ତି, ତା'ହେଲେ ଏହାକୁ ପୁନଃ ସ୍ଥାପିତ କରିବାର ପ୍ରାବଧାନ ନାହିଁ। ଗୋଆରେ ସମାନ ଘଟଣା ଘଟିଥିବା ନିର୍ବାଚନ କମିଶନଙ୍କ ପକ୍ଷରୁ ସଫେଇ ଦିଆଯାଇଛି। ତେବେ ଗୋଆ ସିଇଓଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ୱେବସାଇଟ୍ର କାହିଁକି ସଂଶୋଧନ ହୋଇ ନଥିଲା ବୋଲି ପ୍ରଶ୍ନର କୌଣସି ଉତ୍ତର କମିଶନ ପକ୍ଷରୁ ମିଳିନାହିଁ।

## ଚଳନ୍ତା ବସରେ ନିଆଁ ଲାଗି ୯ ମୃତ

ନୋଏଡା : ଏକ ଚଳନ୍ତା ଯାତ୍ରୀବାହୀ ବସରେ ନିଆଁ ଲାଗି ଯିବାରୁ ୯ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୮ ପୁରୁଷ ଓ ଜଣେ ମହିଳା ଅଛନ୍ତି। ବୁଧବାର ରାତି ପ୍ରାୟ ସାଢ଼େ ୧୧ଟା ବେଳେ ଗ୍ରେଟର ନୋଏଡାରେ ଯମୁନା ଏକ୍ସପ୍ରେସୱେରେ ଘଟିଛି। ଏହି ଘରୋଇ ସ୍ଲିପର୍ ବସଟି ଦିଲ୍ଲୀରୁ ଉତ୍ତର ପ୍ରଦେଶର ମହୋବା ଅଭିମୁଖେ ଯାଉଥିଲା। ବସରେ ୩୦/୩୫ ଜଣ ଯାତ୍ରୀ ଥିଲେ। ଏ ଘଟଣା ନେଇ ସୁନୀଲ କୁମାର ନାମକ ଜଣେ ଯାତ୍ରୀ ଥାନାରେ ଏତଲା ଦେଇଛନ୍ତି। ସେଥିରେ ସେ ଲେଖିଛନ୍ତି ଯେ ବସ୍ ଚାଳକଙ୍କ କ୍ୟାବିନରୁ କିଛି ଜଳି ଯାଉଥିବାର ଗନ୍ଧ ଆସିଥିଲା। କିଛି ଯାତ୍ରୀ ଏନେଇ ଡ୍ରାଇଭର ଓ କଣ୍ଡକ୍ଟରଙ୍କୁ କହିଥିଲେ। କିନ୍ତୁ ଡ୍ରାଇଭର ଏହାକୁ ଖଣ୍ଡନ କରି କହିଥିଲେ ଯେ ଏମିତି ଗନ୍ଧ ବସରୁ ଆସିବା ସ୍ୱାଭାବିକ କଥା। ଯାତ୍ରୀମାନେ ବାରମ୍ବାର ଯାଞ୍ଚ କରିବାକୁ କହିଥିଲେ ମଧ୍ୟ ଡ୍ରାଇଭର ବସ୍ ଅଟକାଇ ନଥିଲେ। ଏମିତିକି ଅତି ବେପରୁଆ ଭାବେ ଡ୍ରାଇଭର ଓ କଣ୍ଡକ୍ଟର ସିଗାରେଟ୍/ବିଡ଼ି ଟାଣୁଥିଲେ। ଧୀରେ ଧୀରେ ପୋଡ଼ା ଗନ୍ଧ ଅଧିକ ହେଉଥିବା ବେଳେ ଏବଂ ନିଆଁ ଲାଗିଥିବା ନେଇ ଯାତ୍ରୀମାନଙ୍କ ଆଶଙ୍କା ଦୃଢ଼ ହେବା ପରେ ସେମାନେ ବସ୍ ରଖିବାକୁ ଚିତ୍କାର କରିଥିଲେ। ତଥାପି ଡ୍ରାଇଭର ଶୁଣି ନଥିଲେ। ଯେତେବେଳେ ବସର ଅଧିକାଂଶ ଜାଗାକୁ ନିଆଁ ବ୍ୟାପିଗଲା ଓ ନିଆଁ ଦୃଶ୍ୟମାନ ହେଲା ସେତେବେଳେ ବସ୍ ଅଟକାଇ ଧାଇଁ ପଳାଇ ଥିଲେ ଡ୍ରାଇଭର ଓ କଣ୍ଡକ୍ଟର। ସମସ୍ତ ଯାତ୍ରୀ ବସରୁ ସୁରକ୍ଷିତ ଭାବେ ଓହ୍ଲାଇବା ପୂର୍ବରୁ ନିଆଁ ଏହାକୁ ନିଜ କବଳକୁ ନେଇ ସାରିଥିଲା ଏବଂ ବସ୍ ଭିତରଟି ବହଳ ଧୂଆଁରେ ଭର୍ତ୍ତି ହୋଇସାରିଥିଲା। ଯାତ୍ରୀମାନେ ଠେଲାପେଲା ହୋଇ ବାହାରକୁ ଆସିଥିଲେ। ଧୂଆଁରେ କିଛି ଯାତ୍ରୀ ଅଣନିଃଶ୍ୱାସୀ ହୋଇଯାଇଥିଲେ। ସେମାନଙ୍କୁ ବାହାର କରିବାକୁ ସ୍ଥାନୀୟ ଲୋକେ ଆଗେଇ ଆସିବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ।

## ରତବ୍ରତଙ୍କ ଦଳକୁ ଇସି 'ଲଫାପା' ଚିହ୍ନ ଦେବା ନେଇ ହାଇକୋର୍ଟଙ୍କ ଆପତ୍ତି

କୋଲକାତା: ତୃଣମୂଳ କଂଗ୍ରେସର ରତବ୍ରତ ବାନାର୍ଜୀଙ୍କ ନେତୃତ୍ୱାଧୀନ ଗୋଷ୍ଠୀକୁ 'ଲଫାପା' ନିର୍ବାଚନୀ ଚିହ୍ନ ଦେବା ନେଇ ନିର୍ବାଚନ ଆୟୋଗଙ୍କୁ ପ୍ରଶ୍ନ କରିଛନ୍ତି କୋଲକାତା ହାଇକୋର୍ଟ। ପୂର୍ବରୁ ଇଣ୍ଡିଆନ୍ ସେକ୍ୟୁଲାର ଫ୍ରଣ୍ଟ (ଆଇଏସ୍ଏଫ୍) ବ୍ୟବହାର କରୁଥିବା ଏହି ଚିହ୍ନକୁ ନୂଆ ଗୋଷ୍ଠୀକୁ ଦେବା ନିଷ୍ପତ୍ତି ନେବା ସମୟରେ ଆୟୋଗ ନିରପେକ୍ଷ ଓ ନ୍ୟାୟସଙ୍ଗତ ଭାବେ କାମ କରିବା ଉଚିତ ଥିଲା ବୋଲି ଅଦାଲତ କହିଛନ୍ତି। ୧୮୩ଟି ଅନ୍ୟ ମୁକ୍ତ ଚିହ୍ନ ଉପଲବ୍ଧ ଥିବାବେଳେ 'ଲଫାପା'କୁ କାହିଁକି ବଛାଗଲା ବୋଲି ଅଦାଲତ ପ୍ରଶ୍ନ କରିଛନ୍ତି। ଜଷ୍ଟିସ୍ କୃଷ୍ଣ ରାଓଙ୍କ ଅଦାଲତରେ ଆଇଏସ୍ଏଫ୍ ନେତା ନୌଶାଦ ସିଦ୍ଦିକିଙ୍କ ପକ୍ଷରୁ ଏହି ମାମଲା ଦାଏର ହୋଇଥିଲା। ଆଇଏସ୍ଏଫ୍ ପକ୍ଷରୁ ବରିଷ୍ଠ ଆଇନଜୀବୀ ବିକାଶ ରଞ୍ଜନ ଭଟ୍ଟାଚାର୍ଯ୍ୟ ଯୁକ୍ତି ରଖିଥିଲେ। ତାଙ୍କ କହିବାନୁଯାୟୀ, ଆଇଏସ୍ଏଫ୍ ୨୦୨୧ରୁ 'ଲଫାପା' ଚିହ୍ନରେ ନିର୍ବାଚନ ଲଢ଼ିଆସୁଛି। ଆଗାମୀ ଉପନିର୍ବାଚନରେ ମଧ୍ୟ ଆଇଏସ୍ଏଫ୍ ମଇଦାନରେ ଥିବାବେଳେ ସେହି ଚିହ୍ନ ଅନ୍ୟ ଏକ ଦଳକୁ ଦେବା ଦ୍ୱାରା ଭୋଟରଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ। ତେଣୁ 'ଲଫାପା' ଚିହ୍ନ ବଦଳରେ ଅନ୍ୟ ଚିହ୍ନ ଦିଆଯାଉ ବୋଲି ସେ ଦାବି କରିଥିଲେ। ତେବେ ନିର୍ବାଚନ ଆୟୋଗ ପକ୍ଷରୁ କୁହାଯାଇଛି ଯେ ଆଇଏସ୍ଏଫ୍ ଏକ ଅସ୍ୱୀକୃତ ରାଜନୈତିକ ଦଳ ହୋଇଥିବାରୁ 'ଲଫାପା' ଚିହ୍ନ ତା' ପାଇଁ ସଂରକ୍ଷିତ ନ ଥିଲା। ତେଣୁ ଏହାକୁ ଅନ୍ୟ ଗୋଷ୍ଠୀକୁ ଦେବାରେ ନିୟମଗତ ପ୍ରତିବନ୍ଧକ ନ ଥିବା ଆୟୋଗ ପକ୍ଷରୁ ଯୁକ୍ତି କରାଯାଇଛି।

## ଇସଲାମାବାଦରେ ୨ ମାସ ପାଇଁ ସଭା, ଶୋଭାଯାତ୍ରା ନିଷେଧ

ଇସଲାମାବାଦ: ପାକିସ୍ତାନର ଜେଲ୍ରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନଙ୍କ ମୁକ୍ତି ଦାବିରେ ତାଙ୍କ ଦଳ ପାକିସ୍ତାନ ତେହରିକ୍-ଇ-ଇନ୍ସାଫ୍ (ପିଟିଆଇ) ସେପ୍ଟେମ୍ବର ୨୭ରେ ଇସ୍ଲାମାବାଦରେ ଲଙ୍ଗ୍ ମାର୍ଚ୍ଚ କରିବାକୁ ଥିବାବେଳେ ରାଜଧାନୀରେ ୨ ମାସ ପାଇଁ ସମସ୍ତ ପ୍ରକାର ସାଧାରଣ ସମାବେଶ ଓ ରାଲି ଉପରେ ନିଷେଧାଦେଶ ଲାଗୁ ହୋଇଛି। ଇସଲାମାବାଦ ପ୍ରଶାସନ ସେପ୍ଟେମ୍ବର ୧୮ ରେ ଧାରା ୧୪୪ ଲାଗୁ କରିଥିଲା। ଏହା ତୁରନ୍ତ କାର୍ଯ୍ୟକାରୀ ହୋଇ ୨ ମାସ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ନିଷେଧାଦେଶ ଅନୁସାରେ ରାଜଧାନୀରେ ୫ ଜଣ କିମ୍ବା ତା'ଠାରୁ ଅଧିକ ଲୋକଙ୍କ ସମାବେଶ, ରାଲି, ଶୋଭାଯାତ୍ରା ଓ ପ୍ରଦର୍ଶନ ଉପରେ ରୋକ୍ ଲଗାଯାଇଛି। ହାଇସିକ୍ୟୁରିଟି ରେଡ୍ ଜୋନ୍ ମଧ୍ୟ ଏହି ନିଷେଧାଦେଶ ଅଧୀନରେ ରହିଛି। ଆଇନ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଶାସନ ଚେତାବନୀ ଦେଇଛି। ତେବେ ପିଟିଆଇ ନେତାମାନେ ଇମ୍ରାନଙ୍କ ମୁକ୍ତି ସହ




ଆଇନର ଶାସନ ପାଇଁ ଏହି ମାର୍ଚ୍ଚ ହେବ ବୋଲି କହିଛନ୍ତି। ଏହା ପୂର୍ବରୁ ଇସଲାମାବାଦ ହାଇକୋର୍ଟ ସେପ୍ଟେମ୍ବର ୧୪ରେ କହିଥିଲେ ଯେ କୌଣସି ରାଜନୈତିକ ଦଳ କିମ୍ବା ସରକାରୀ ପଦାଧିକାରୀଙ୍କର ରାଜଧାନୀର ରାସ୍ତା ବନ୍ଦ କରିବା କିମ୍ବା ସରକାରୀ କର୍ମଚାରୀ ଓ ସମ୍ବଳକୁ ରାଜନୈତିକ ପ୍ରତିବାଦରେ ବ୍ୟବହାର କରିବାର ଅଧିକାର ନାହିଁ। ପ୍ରଧାନ ବିଚାରପତି ସର୍ଦ୍ଦାର ମହମ୍ମଦ ସରଫରାଜ ଡୋଗାରଙ୍କ ନେତୃତ୍ୱାଧୀନ ବୃହତ୍ ଖଣ୍ଡପୀଠରେ ଜଷ୍ଟିସ୍ ମହମ୍ମଦ ଆଜମ ଖାନ୍ ଓ ମହମ୍ମଦ ଆସିଫ୍ ମଧ୍ୟ ଥିଲେ। ସେପଟେ ପିଟିଆଇର ମାର୍ଚ୍ଚକୁ ଦୃଷ୍ଟିରେ ରଖି ପଞ୍ଜାବ ସରକାର ମଧ୍ୟ ଧାରା ୧୪୪ ଲାଗୁ କରିଛନ୍ତି। ରାୱଲପିଣ୍ଡି, ଆଟକ୍, ଝେଲମ୍ ଓ ମିଆନୱାଲିରେ ରେଞ୍ଜର୍ସ ମୁତୟନ ପାଇଁ ଅନୁରୋଧ କରାଯାଇଛି। ରାୱଲପିଣ୍ଡି ଓ ଆଟକ୍ର କେତେକ ସ୍ଥାନରେ ସେପ୍ଟେମ୍ବର ୨୭ରେ ମୋବାଇଲ୍ ଓ ଇଣ୍ଟରନେଟ୍ ସେବା ଉପରେ ମଧ୍ୟ କଟକଣା ଲଗାଇବାକୁ ପ୍ରଶାସନ ପ୍ରସ୍ତୁତି କରିଛି। ଇସ୍ଲାମାବାଦକୁ ଯିବା ପ୍ରମୁଖ ରାସ୍ତାଗୁଡ଼ିକରେ ମଧ୍ୟ ସୁରକ୍ଷା କଡ଼ାକଡ଼ି କରାଯାଇଛି। ଇସ୍ଲାମାବାଦ-ପେଶାୱାର ମୋଟରୱେ, ଇସ୍ଲାମାବାଦ-ଡେରା ଇସ୍ମାଇଲ୍ ଖାନ୍ ମୋଟରୱେ ଓ ଗ୍ରାଣ୍ଡ ଟ୍ରଙ୍କ୍ ରୋଡ୍ର କେତେକ ସ୍ଥାନ ବନ୍ଦ କରାଯାଇଛି। ରାଜଧାନୀ ଓ ଏହାର ଆଖପାଖରେ ବହୁ ସଂଖ୍ୟକ ସୁରକ୍ଷାକର୍ମୀ ମୁତୟନ କରାଯାଇଛନ୍ତି। ଇମ୍ରାନ୍ ଖାନ୍ ୨୦୨୩ ଅଗଷ୍ଟରୁ ବିଭିନ୍ନ ମାମଲାରେ ଜେଲ୍ରେ ଅଛନ୍ତି। ତାଙ୍କୁ ମୁକ୍ତ କରିବା ଦାବିରେ ପିଟିଆଇ ଏହି ମାର୍ଚ୍ଚ ଡାକରା ଦେଇଛି। ଇସଲାମାବାଦ ପ୍ରଶାସନର କଟକଣା ସତ୍ତ୍ୱେ ଦଳ ମାର୍ଚ୍ଚ ପାଇଁ ପ୍ରସ୍ତୁତି ଜାରି ରଖିଛି।

### କାନପୁର କୋଟିପତି ହତ୍ୟାକାଣ୍ଡର ପର୍ଦ୍ଦାଫାଶ

# ଅଭିଯୁକ୍ତ ପୁଅ ଗିରଫ, ବୋହୂ ନିର୍ଦ୍ଦୋଶ

କାନପୁର : କାନପୁରର ଔଷଧ ବ୍ୟବସାୟୀ ବିନୀତ ମିନୋଚାଙ୍କ ହାଇପ୍ରୋଫାଇଲ ହତ୍ୟାକାଣ୍ଡ ଘଟଣା ଏବେ ନୂଆ ମୋଡ଼ ନେଇଛି। ହତ୍ୟାକାଣ୍ଡ ପଛରେ ବୋହୂର ହାତ ଥିବା ପ୍ରଥମେ ସନ୍ଦେହ କରାଯାଉଥିଲା। ତେବେ ମିନୋଚାଙ୍କ ପୁଅ ସୁବ୍ରତ ମିନୋଚା ବୁଧବାର ପୁଲିସ ନିକଟରେ ସ୍ୱୀକାର କରିଛି ଯେ, ସେ ତାଙ୍କ କୋଟିପତି ପିତାଙ୍କୁ ହତ୍ୟା ପାଇଁ ଦାୟୀ ଓ ପତ୍ନୀ ଶାଲୁ ମିନୋଚାଙ୍କର ଏହି ଅପରାଧରେ କୌଣସି ଭୂମିକା ନାହିଁ। ସୁବ୍ରତ ବାପାଙ୍କୁ ହତ୍ୟା କରିବାକୁ ଯେଉଁ ବ୍ୟକ୍ତିଙ୍କୁ ନିଯୁକ୍ତି କରିଥିଲା ସେ ଶାଲୁଙ୍କୁ ପ୍ରଥମେ ହତ୍ୟାକାଣ୍ଡ ନେଇ ଦୋଷ ଦେଇଥିଲା। ତେବେ ପରେ ସେ ନିଜ ବୟାନ ପ୍ରତ୍ୟାହାର କରିନେଇଥିଲା। ହତ୍ୟାକାରୀ ପୁଲିସ ନିକଟରେ ସ୍ୱୀକାର କରିଛି ଯେ, ସୁବ୍ରତ ତାଙ୍କୁ ବିନୀତ ମିନୋଚାଙ୍କୁ ହତ୍ୟା କରିବାକୁ ନିର୍ଦ୍ଦେଶ ଦେଇଥିଲେ ଓ କହିଥିଲା ଯେ, ଯଦି ସେ ଧରାପଡ଼ନ୍ତି




ତାହାହେଲେ ତାଙ୍କ ସ୍ତ୍ରୀ ଶାଲୁଙ୍କ ନାଁ ପୁଲିସ ଆଗରେ କହିବେ। ସୁବ୍ରତଙ୍କୁ ବୁଧବାର ଅଟକ ରଖାଯାଇଥିଲା। ସୁବ୍ରତଙ୍କୁ ଶାଲୁ ଓ ବିନୀତ ମିନୋଚାଙ୍କୁ ଛୁରିଭୁସି ହତ୍ୟା କରିଥିବା ସେମାନଙ୍କ ପୂର୍ବତନ କର୍ମଚାରୀ ବିଶାଳ ଗୌତମ ସହିତ ଏକାସାଙ୍ଗରେ ଜେରା କରାଯାଇଥିଲା। ତେବେ ପୁଲିସ ଶାଲୁଙ୍କୁ କ୍ଲିନ୍ଚିଟ୍ ଦେଇନାହିଁ ଓ ତାଙ୍କ ଭୂମିକା ନେଇ ମଧ୍ୟ ତଦନ୍ତ କରୁଛି। ୬୦ ବର୍ଷୀୟ ବିନୀତଙ୍କୁ ହତ୍ୟା କରିବାକୁ ସାଲୁ ହତ୍ୟାକାରୀ ଭଡ଼ାରେ ଆଣିଥିବା ପୁଲିସ ସନ୍ଦେହ କରିଥିଲା। ଜେରାବେଳେ ସୁବ୍ରତ ପ୍ରଥମେ ସାଲୁଙ୍କ ଉପରେ ଦୋଷ ଲଗାଇଥିଲା, କିନ୍ତୁ ପରେ ହତ୍ୟା କରିବାକୁ ହତ୍ୟାକାରୀ ଭଡ଼ାରେ ଆଣିଥିବା ସ୍ୱୀକାର କରିଥିଲା। ହତ୍ୟା ଓ ଷଡ଼ଯନ୍ତ୍ର ଅଭିଯୋଗରେ ପୁଲିସ ସୁବ୍ରତକୁ ଗିରଫ କରିଛି।

### ୧୨ ଘଣ୍ଟାର କଷ୍ଟୋଡି ପାରୋଲ

# ବିବାହ ପରେ ଜେଲକୁ ଫେରିଯିବେ କୁଖ୍ୟାତ ଗ୍ୟାଙ୍ଗଷ୍ଟର

ନୂଆଦିଲ୍ଲୀ: ହରିୟାଣାର ଝଜ୍ଜର ଏକ ଅନନ୍ୟ ବିବାହର ସାକ୍ଷୀ ହେବାକୁ ଯାଉଛି। ଏହି ବିବାହ ପାଇଁ ବରଙ୍କୁ ମାତ୍ର ୧୨ ଘଣ୍ଟା ପାଇଁ ଜେଲରୁ ବାହାରକୁ ଅଣାଯାଇଛି। ଅନ୍ୟପକ୍ଷରେ କନ୍ୟା ବିବାହ ପାଇଁ ୩ ଜଣ ପିଲାଙ୍କ ସହ କାମ୍ବୋଡିଆରୁ ଆସିଛନ୍ତି। ଏହି ବିବାହ ହେଉଛି ହରିୟାଣାର କୁଖ୍ୟାତ ଗ୍ୟାଙ୍ଗଷ୍ଟର ମୈନପାଲ ବାଦଲି ଓରଫ ମୈନପାଲ ଢିଲ୍ଲାଙ୍କର । ଢିଲ୍ଲା ବର୍ତ୍ତମାନ ଜେଲରେ ଆଜୀବନ କାରାଦଣ୍ଡ ଭୋଗୁଛନ୍ତି। ବିବାହ ପାଇଁ ତାଙ୍କୁ ଆଜି ମାତ୍ର ୧୨ ଘଣ୍ଟାର କଷ୍ଟଡି ପାରୋଲ୍ ମିଳିଛି। ବିବାହ ପରେ ସେ ପୁଣି ଝଜ୍ଜର ଜେଲକୁ ଫେରିଯିବେ।



ମୈନପାଲ ଢିଲ୍ଲା ମୂଳତଃ ଝଜ୍ଜର ଜିଲ୍ଲାର ବାଦଲି ଗାଁର ବାସିନ୍ଦା। ବିବାହ କାର୍ଯ୍ୟକ୍ରମ ଜେଲ ନିକଟରେ ଝଜ୍ଜର-ଗୁରୁଗ୍ରାମ ରୋଡ୍ସ୍ଥିତ ଦୁଲିନା ଫାର୍ମରେ ଆୟୋଜିତ ହୋଇଛି। କାମ୍ବୋଡିଆର ବାସିନ୍ଦା ମେଟା ଚାନ୍ (କନ୍ୟା) ଏବଂ ତାଙ୍କ ପରିବାର ସଦସ୍ୟମାନେ ବିବାହ ପାଇଁ ପୂର୍ବରୁ ଝଜ୍ଜରରେ ପହଞ୍ଚି ସାରିଛନ୍ତି। ହିନ୍ଦୁ ରୀତିନୀତି ଅନୁସାରେ ବିବାହ ଅନୁଷ୍ଠିତ ହେବ। ବିବାହରେ ସାମିଲ ହେବା ପାଇଁ ମୈନପାଲଙ୍କୁ ୨୪ ସେପ୍ଟେମ୍ବର ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ କଷ୍ଟଡି ପାରୋଲ୍ ଦିଆଯାଇଛି। ଏହି ସମୟରେ ସେ ପୁଲିସର ନଜରରେ ରହିବେ। ଅର୍ଥାତ୍ ଏହା ସାଧାରଣ ପାରୋଲ୍ ନୁହେଁ। ଜେଲରୁ ବାହାରିବା ପରେ ମଧ୍ୟ ତାଙ୍କ ସୁରକ୍ଷା ଏବଂ ନଜରଦାରି ଦାୟିତ୍ୱ ପୁଲିସ ଉପରେ ରହିବ। ବିବାହର ସମସ୍ତ ରୀତିନୀତି ଶେଷ ହେବା ପରେ ନିର୍ଦ୍ଧାରିତ ସମୟ ମଧ୍ୟରେ ତାଙ୍କୁ ପୁଣି ଜେଲକୁ ଟାଣି ନିଆଯିବ। ମୈନପାଲ ଢିଲ୍ଲାଙ୍କ ବିବାହ କାମ୍ବୋଡିଆର ବାସିନ୍ଦା ମେଟା ଚାନ୍ଙ୍କ ସହ ହେଉଛି। ମୈନପାଲ ୨୦୨୧ରେ ଜେଲରୁ ପାରୋଲ୍ରେ ବାହାରି ଫେରାର ହୋଇଯାଇଥିଲେ। ଏହା ପରେ ସେ କାମ୍ବୋଡିଆରେ ପହଞ୍ଚିଥିଲେ। ସେଠାରେ ତାଙ୍କର ମେଟା ଚାନ୍ଙ୍କ ସହ ପରିଚୟ ହୋଇଥିଲା। ପରେ ଉଭୟ ଏକାଠି ରହିବା ଆରମ୍ଭ କରିଥିଲେ ଏବଂ ପରିବାର ଗଢ଼ିଥିଲେ। ତାଙ୍କର ୪ ଜଣ ପିଲା ଅଛନ୍ତି। ଏହି ବିବାହ ପାଇଁ ମେଟା ଚାନ୍ ନିଜ ପରିବାର ସହ ଭାରତ ଆସିଛନ୍ତି।

# ଷଷ୍ଠ ଦିନରେ ଭାରତର ପଦକ ପଞ୍ଚକ : ୨ ରୌପ୍ୟ, ୩ ବ୍ରୋଞ୍ଜ

## ରୋଶିବୀନା ଓ ମିଶ୍ରିତ ରିଲେରେ ରୌପ୍ୟ, ସୀମାଙ୍କ ୧୦,୦୦୦ ମିଟରରେ କାଂସ୍ୟ; ରୋଇଂ ଓ ଶୁଟିଂରେ ମଧ୍ୟ ସଫଳତା



**ଜାପାନର ଆଇଚି- ନାଗୋୟାରେ ଚାଲିଥିବା ୨୦ତମ ଏସୀୟ କ୍ରୀଡ଼ାର ଷଷ୍ଠ ଦିନ ଭାରତ ପାଇଁ ପଦକମୟ ରହିଛି । ଗୁରୁବାର ଭାରତୀୟ କ୍ରୀଡ଼ାବିତମାନେ ଦୁଇଟି ରୌପ୍ୟ ଓ ତିନୋଟି କାଂସ୍ୟ ସହ ମୋଟ ୫ଟି ପଦକ ଜିତିଛନ୍ତି । ଏଥିରେ ଉଶୁରେ ରୋଶିବିନା ଦେବୀଙ୍କ ରୌପ୍ୟ, ଆଥଲେଟିକ୍ସରେ ୪x୪୦୦ ମିଟର ମିଶ୍ରିତ ରିଲେ ଦଳର ରୌପ୍ୟ, ମହିଳା ୧୦,୦୦୦ ମିଟରରେ ସୀମା କୁମାରୀଙ୍କ କାଂସ୍ୟ, ରୋଇଂରେ ସତନାମ ସିଂହ-ସଲମାନ ଖାନଙ୍କ କାଂସ୍ୟ ଏବଂ ଶୁଟିଂରେ ମିକ୍ସଡ୍ ଟିମ୍ ସ୍କିଟରେ ଅନନ୍ତଜୀତ ସିଂହ ନାରୁକା-ପରିନାଜ ଧାଲିୱାଲଙ୍କ କାଂସ୍ୟ ରହିଛି ।**

ଭାରତର ଦିନ ଆରମ୍ଭ ହୋଇଥିଲା ରୋଇଂରୁ । ପୁରୁଷ ଡବଲ୍ ସ୍କଲ୍ସ ଫାଇନାଲରେ ସତନାମ ସିଂହ ଓ ସଲମାନ ଖାନ୍ ଚମତ୍କାର ପ୍ରଦର୍ଶନ କରି କାଂସ୍ୟ ପଦକ ଜିତିଥିଲେ । ଭାରତୀୟ ଯୋଡ଼ି ୬ ମିନିଟ୍ ୧୩.୨୫ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହିଥିଲେ । ଦୌଡ଼ର ବଡ଼ ଅଂଶରେ ସେମାନେ ଦ୍ୱିତୀୟ ସ୍ଥାନରେ ଥିଲେ, କିନ୍ତୁ ଶେଷ ୫୦୦ ମିଟରରେ ଉଜବେକିସ୍ତାନ ଯୋଡ଼ି ସେମାନଙ୍କୁ ପଛରେ ପକାଇ ଦେଇଥିଲା । ଚୀନ୍ ସ୍ୱର୍ଣ୍ଣ ଏବଂ ଉଜବେକିସ୍ତାନ ରୌପ୍ୟ ଜିତିଥିଲା । ଏହାପରେ ଉଶୁରେ ରୋଶିବିନା ଦେବୀ ଭାରତକୁ ଦିନର ପ୍ରଥମ ରୌପ୍ୟ ପଦକ ଦେଇଥିଲେ । ମହିଳା ୬୦ କିଗ୍ରା ସାଣ୍ଡା ବର୍ଗର ଫାଇନାଲରେ ସେ ଚୀନ୍ର ଝାଙ୍ଗ ଜିଆଓୟୁଙ୍କଠାରୁ ୦-୨ରେ ପରାସ୍ତ ହୋଇଥିଲେ । ତେବେ ରୋଶିବିନାଙ୍କ ପାଇଁ ଏହା ଏସୀୟ କ୍ରୀଡ଼ାରେ କ୍ରମାଗତ ତୃତୀୟ ପଦକ । ୨୦୧୮ରେ ସେ କାଂସ୍ୟ ଓ ୨୦୨୩ରେ ରୌପ୍ୟ ଜିତିଥିବା ବେଳେ ନାଗୋୟାରେ ପୁଣି ରୌପ୍ୟ ଜିତି ନିଜର ପଦକ ଧାରାକୁ ଜାରି ରଖିଛନ୍ତି ।

ଆଥଲେଟିକ୍ସରେ ଭାରତ ପାଇଁ ଦିନଟି ବିଶେଷ ରହିଥିଲା । ମହିଳା ୧୦,୦୦୦ ମିଟର ଫାଇନାଲରେ ସୀମା କୁମାରୀ ୩୨ ମିନିଟ୍ ୫୦.୦୫ ସେକେଣ୍ଡ ସମୟ ସହ କାଂସ୍ୟ ପଦକ ଜିତିଥିଲେ । ଏହି ପଦକ ମହିଳା ୧୦,୦୦୦ ମିଟରରେ ଏସୀୟ କ୍ରୀଡ଼ା ପଦକ ପାଇଁ ଭାରତର ଦୀର୍ଘ ୧୬ ବର୍ଷର ଅପେକ୍ଷାର ଅନ୍ତ ଘଟାଇଛି । ସୀମାଙ୍କ ଏହି ପ୍ରଦର୍ଶନ ଭାରତୀୟ ଆଥଲେଟିକ୍ସ ଦଳ ପାଇଁ ଏକ ଉଲ୍ଲେଖନୀୟ ସଫଳତା ହୋଇଛି ଆଥଲେଟିକ୍ସରେ ଭାରତର ଦ୍ୱିତୀୟ ପଦକ ଆସିଥିଲା ୪x୪୦୦ ମିଟର ମିଶ୍ରିତ ରିଲେରୁ । ମାଚେଟିରା ପୁଭାମ୍ମା, ବିଶାଲ ଥେନ୍ନାରାସୁ, ବିଥ୍ୟା ରାମରାଜ ଓ ଥେକ୍କିନାଲିଲ ମନୁଙ୍କୁ ନେଇ ଗଠିତ ଭାରତୀୟ ଦଳ ୩ ମିନିଟ୍ ୧୪.୪୬ ସେକେଣ୍ଡ ସମୟରେ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ଜିତିଥିଲା । ବାହାରେନ୍ ୩:୧୨.୮୭ ସେକେଣ୍ଡ ସହ ସ୍ୱର୍ଣ୍ଣ ଜିତିଥିଲା । ଭିଏତନାମ୍ ୩:୧୪.୫୪ ସେକେଣ୍ଡ ସହ କାଂସ୍ୟ ପାଇଥିଲା । ଶେଷ ପର୍ଯ୍ୟାୟରେ ବିଥ୍ୟା ରାମରାଜଙ୍କ ଚମତ୍କାର ଦୌଡ଼ ଭାରତକୁ ରୌପ୍ୟ ଦେବାରେ ଗୁରୁତ୍ୱପୂର୍ଣ୍ଣ ହୋଇଥିଲା ।

ଶୁଟିଂରେ ମଧ୍ୟ ଭାରତର ପଦକ ଅଭିଯାନ ଜାରି ରହିଥିଲା । ମିକ୍ସଡ୍ ଟିମ୍ ସ୍କିଟରେ ଅନନ୍ତଜୀତ ସିଂହ ନାରୁକା ଓ ପରିନାଜ ଧାଲିୱାଲ ଭାରତ ପାଇଁ କାଂସ୍ୟ ପଦକ ହାସଲ କରିଥିଲେ । ଏହା ଚଳିତ ଏସୀୟ କ୍ରୀଡ଼ାରେ ଭାରତୀୟ ଶୁଟିଂ ଦଳର ପଦକ ସଂଖ୍ୟାକୁ ଆହୁରି ବଢ଼ାଇଛି । ଶୁଟିଂ ଆରମ୍ଭରୁ ହିଁ ଭାରତୀୟ ଦଳର ପଦକ ଅଭିଯାନର ମୁଖ୍ୟ ଭିତ୍ତି ହୋଇ ରହିଛି । ଷଷ୍ଠ ଦିନ ଶେଷରେ ଭାରତର ମୋଟ ପଦକ ସଂଖ୍ୟା ୧୭ରେ ପହଞ୍ଚିଛି -୧ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୯ କାଂସ୍ୟ । ମହିଳା କ୍ରିକେଟ୍ ଦଳ ଭାରତକୁ ଏକମାତ୍ର ସ୍ୱର୍ଣ୍ଣ ପଦକ ଦେଇଥିବା ବେଳେ ଶୁଟିଂ, ଭାରୋତ୍ତୋଳନ, ଉଶୁ, ରୋଇଂ, ବ୍ୟାଡମିଣ୍ଟନ୍, ସଫ୍ଟ ଟେନିସ୍, ମିକ୍ସଡ୍ ମାର୍ସାଲ୍ ଆର୍ଟ୍ସ ଓ ଆଥଲେଟିକ୍ସରୁ ଅନ୍ୟ ପଦକଗୁଡ଼ିକ ଆସିଛି । ଷଷ୍ଠ ଦିନରେ ପଦକ ବ୍ୟତୀତ ଭାରତ ପାଇଁ ଆଉ କିଛି ଉଲ୍ଲେଖନୀୟ ଫଳାଫଳ ମଧ୍ୟ ଆସିଛି । ପୁରୁଷ କବାଡ଼ି ଦଳ ସେମିଫାଇନାଲରେ ପହଞ୍ଚି ପଦକ ନିଶ୍ଚିତ କରିଛି । ହକିରେ ଭାରତୀୟ ପୁରୁଷ ଦଳ କୋରିଆକୁ ୮-୨ରେ ପରାସ୍ତ କରିଛି । ଆଥଲେଟିକ୍ସରେ ଅନିମେଶ କୁଜୁର ଓ ଗୁରିନ୍ଦରଭୀର ସିଂହ ୧୦୦ ମିଟର ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି । ଏହା ଆଗାମୀ ଦିନଗୁଡ଼ିକରେ ଭାରତର ପଦକ ଆଶାକୁ ଆହୁରି ବଢ଼ାଇଛି । ଏଭଳି ଭାବେ ଆଇଚି-ନାଗୋୟା ଏସୀୟ କ୍ରୀଡ଼ାର ଷଷ୍ଠ ଦିନ ଭାରତୀୟ ଦଳ ପାଇଁ ସଫଳତା ଓ ଆଶାର ଦିନ ହୋଇଛି । ଆଥଲେଟିକ୍ସରେ ଦୁଇ ପଦକ ସହ ରୋଇଂ, ଶୁଟିଂ ଓ ଉଶୁରେ ପଦକ ମିଳିବା ଫଳରେ ଭାରତର ପଦକ ଅଭିଯାନ ଆହୁରି ମଜବୁତ ହୋଇଛି । ଆଗାମୀ ଦିନରେ ଭାରତୀୟ ଖେଳାଳିଙ୍କ ଠାରୁ ଆହୁରି ପଦକ ଆସିବା ଆଶା ରହିଛି ।

## ୧୦୦ ମିଟର ସେମିରେ ଅନିମେଶ



ଆଇଚି-ନାଗୋୟା ଏସୀୟ କ୍ରୀଡ଼ାରେ ଭାରତୀୟ ଧାବକ ଅନିମେଶ କୁଜୁର ପୁରୁଷ ୧୦୦ ମିଟରରେ ସେମିଫାଇନାଲରେ ପ୍ରବେଶ କରିଛନ୍ତି । ଗୁରୁବାର ଅନୁଷ୍ଠିତ ପ୍ରଥମ ରାଉଣ୍ଡର ହିଟ୍-୧ରେ ଅନିମେଶ ୧୦.୩୬ ସେକେଣ୍ଡ ସମୟ ସହ ତୃତୀୟ ସ୍ଥାନରେ ରହିଥିଲେ । ହିଟ୍ର ଶୀର୍ଷ ୩ ଧାବକ ସିଧାସଳଖ ସେମିଫାଇନାଲକୁ ଯାଉଥିବାରୁ ଅନିମେଶଙ୍କ ପରବର୍ତ୍ତୀ ରାଉଣ୍ଡ ନିଶ୍ଚିତ ହୋଇଥିଲା । ଏହି ହିଟ୍ରେ ଥାଇଲାଣ୍ଡର ପୁରିପୋଲ ବୁନସନ ୯.୯୫ ସେକେଣ୍ଡରେ ପ୍ରଥମ ଏବଂ ଚୀନ୍ର ଜେଙ୍ଗ କେଲି ୧୦.୨୨ ସେକେଣ୍ଡରେ ଦ୍ୱିତୀୟ ହୋଇଥିଲେ । ଅନିମେଶଙ୍କ ରିଆକ୍ସନ୍ ଟାଇମ୍ ୦.୧୪୦ ସେକେଣ୍ଡ ଥିଲା । ଦୌଡ଼ର ଆରମ୍ଭରେ ସେ କିଛିଟା ପଛରେ ଥିଲେ ମଧ୍ୟ ଶେଷ ୨୫ ମିଟରରେ ଗତି ବଢ଼ାଇ ଯୋଗ୍ୟତା ସ୍ଥାନ ହାସଲ କରିଥିଲେ । ଅନ୍ୟପକ୍ଷରେ ଭାରତର ଗୁରିନ୍ଦରବୀର ସିଂହ ମଧ୍ୟ ୧୦୦ ମିଟର ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି । ହିଟ୍-୪ରେ ସେ ୧୦.୩୮ ସେକେଣ୍ଡ ସମୟ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ । ଓମାନର ମଲହାମ ଅଲ୍ ବାଲୁଶି ୧୦.୨୯ ସେକେଣ୍ଡରେ ଏହି ହିଟ୍ରେ ପ୍ରଥମ ହୋଇଥିବାବେଳେ ଇରାନର ହାସନ ତାଫ୍ତିଆନ ୧୦.୪୬ ସେକେଣ୍ଡରେ ତୃତୀୟ ହୋଇଥିଲେ । ଫଳରେ ପୁରୁଷ ୧୦୦ ମିଟର ସେମିଫାଇନାଲରେ ଭାରତର ଦୁଇ ଧାବକ ଅନିମେଶ ଓ ଗୁରିନ୍ଦରବୀରଙ୍କୁ ଦେଖିବାକୁ ମିଳିବ । ଉଭୟ ଏବେ ଫାଇନାଲରେ ସ୍ଥାନ ପକ୍କା କରିବା ଲକ୍ଷ୍ୟରେ ଟ୍ରାକ୍କୁ ଓହ୍ଲାଇବେ ।

## କ୍ୱାର୍ଟରରେ ଅନାହତ-ତନ୍ୱୀ ମୁହାଁମୁହିଁ

ଏସୀୟ କ୍ରୀଡ଼ା ସ୍କ୍ୱାଶ୍ରେ ଭାରତର ଦୁଇ ତାରକା ଅନାହତ ସିଂହ ଓ ତନ୍ୱୀ ଖାନ୍ନା ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପରସ୍ପରକୁ ଭେଟିବେ । ରାଉଣ୍ଡ ଅଫ୍ ୧୬ରେ ଦୁହେଁ ଚମତ୍କାର ବିଜୟ ହାସଲ କରି ଶେଷ ୮ରେ ସ୍ଥାନ ପକ୍କା କରିଛନ୍ତି । ତୃତୀୟ ସିଡ୍ ଅନାହତ ମାତ୍ର ୧୯ ମିନିଟ୍ରେ ସିଙ୍ଗାପୁରର ୱାଇ ଇୟନ୍ ଆଉ ୟୋଙ୍ଗଙ୍କୁ ୩-୦ରେ ହରାଇଥିଲେ । ସେ ୧୧-୪, ୧୧-୫ ଓ ୧୧-୭ରେ ତିନିଟି ଗେମ୍ ଜିତିଥିଲେ । ଅନ୍ୟପକ୍ଷରେ ତନ୍ୱୀ ୩୯ ମିନିଟ୍ର ଲଢ଼େଇରେ ସିଙ୍ଗାପୁରର ୱାଇ ୟାନ୍ ଆଉ ୟୋଙ୍ଗଙ୍କୁ ୩-୧ରେ ପରାସ୍ତ କରିଥିଲେ । ପ୍ରଥମ ଗେମ୍ ହାରିବା ପରେ ସେ ଲଗାତାର ତିନିଟି ଗେମ୍ ଜିତି ମ୍ୟାଚ୍ ନିଜ ନାମରେ କରିଥିଲେ । ଅନାହତ-ତନ୍ୱୀ ମୁକାବିଲାରେ ଭାରତର ଜଣେ ଖେଳାଳି ସେମିଫାଇନାଲରେ ପହଞ୍ଚିବା ନିଶ୍ଚିତ । ପୁରୁଷ ସିଙ୍ଗଲ୍ସରେ ମଧ୍ୟ ଅଭୟ ସିଂହ ଓ ବୀର ଚୋଟ୍ରାନୀ କ୍ୱାର୍ଟରରେ ପ୍ରବେଶ କରି ଭାରତର ପଦକ ଆଶାକୁ ଜୀବନ୍ତ ରଖିଛନ୍ତି ।

## ଆଶା ହାତଛଡ଼ା କଲେ କାଂସ୍ୟ

ଆଥଲେଟିକ୍ସରେ ଭାରତ ପାଇଁ ପଦକ ଆସିଥିବା ବେଳେ ଆଶାଙ୍କୁ ଅଳ୍ପକେ ପାଇଁ କାଂସ୍ୟ ପଦକରୁ ବଞ୍ଚିତ ହେବାକୁ ପଡ଼ିଛି । ମହିଳା ୧୦,୦୦୦ ମିଟରରେ ସୀମା କୁମାରୀ କାଂସ୍ୟ ଜିତି ଭାରତକୁ ଖୁସି ଦେଇଥିବା ବେଳେ ଆଶାଙ୍କ ପ୍ରଦର୍ଶନ ପଦକ ତାଲିକାରେ ସାମିଲ ହୋଇପାରିନଥିଲା । ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ପଦକ ଦୌଡ଼ରେ ରହିଥିଲେ ମଧ୍ୟ ଅଳ୍ପ ବ୍ୟବଧାନରେ ସେ ଚତୁର୍ଥ ସ୍ଥାନରେ ରହିଥିଲେ ।

ଫଳରେ ଆଶାଙ୍କୁ ପଦକ ବିନା ଫେରିବାକୁ ପଡ଼ିଛି । ତଥାପି ତାଙ୍କ ଲଢୁଆ ପ୍ରଦର୍ଶନ ଭାରତୀୟ ଦଳ ପାଇଁ ଉଲ୍ଲେଖନୀୟ ରହିଛି ।






## ଦକ୍ଷିଣ କୋରିଆକୁ ୮-୨ରେ ହରାଇଲା ଭାରତ

କାକାମିଗାହାରା, ୨୪/୯ (ଏଜେନ୍ସି): ଏସିଆନ୍ ଗେମ୍ସ ୨୦୨୬ରେ ଭାରତୀୟ ପୁରୁଷ ହକି ଦଳର ଦବଦବା ଜାରି ରହିଛି । ପୁଲ୍ 'ଏ'ରେ ଗୁରୁବାର ଡିଫେଣ୍ଡିଂ ଚାମ୍ପିଅନ୍ ଭାରତ ଦକ୍ଷିଣ କୋରିଆକୁ ୮-୨ ଗୋଲରେ ପରାସ୍ତ କରି ଲଗାତାର ତୃତୀୟ ବିଜୟ ହାସଲ କରିଛି । ଏସିଆନ୍ ଗେମ୍ସ ଇତିହାସରେ ଦକ୍ଷିଣ କୋରିଆ ବିପକ୍ଷରେ ଏହା ଭାରତର ସର୍ବବୃହତ୍ ବିଜୟ । ଭାରତ ପକ୍ଷରୁ ଦିଲପ୍ରୀତ ସିଂହ ଓ ଅଭିଷେକ ଦୁଇଟି ଲେଖାଏଁ ଗୋଲ୍ କରିଥିଲେ । ଏହା ବ୍ୟତୀତ ଅଧିନାୟକ ହରମନପ୍ରୀତ ସିଂହ, ରାଜିନ୍ଦର ସିଂହ, ସୁଖଜୀତ ସିଂହ ଓ ଶିଳାନନ୍ଦ ଲାକ୍ରା ଗୋଟିଏ ଲେଖାଏଁ ଗୋଲ୍ କରିଥିଲେ । ଦିଲପ୍ରୀତଙ୍କ ଏହି ଦୁଇ ଗୋଲ୍ ସହ ଚଳିତ ପ୍ରତିଯୋଗିତାରେ ତାଙ୍କ ଗୋଲ୍ ସଂଖ୍ୟା ୯ରେ ପହଞ୍ଚିଛି । ମ୍ୟାଚର ଚତୁର୍ଥ ମିନିଟରେ ଶିଳାନନ୍ଦ ଲାକ୍ରା ଗୋଲ୍ କରି ଭାରତକୁ ଆଗୁଆ କରିଥିଲେ । ଦଶମ ମିନିଟରେ ସୁଖଜୀତ ସିଂହ ଦ୍ୱିତୀୟ ଗୋଲ୍ କରିଥିବା ବେଳେ ଏହାର ଗୋଟିଏ ମିନିଟ୍ ପରେ ହରମନପ୍ରୀତ ପେନାଲ୍ଟି କର୍ଣ୍ଣରରୁ ଗୋଲ୍ କରି ସ୍କୋର୍କୁ ୩-୦ କରିଥିଲେ । ୧୫ତମ ମିନିଟରେ ଅଭିଷେକଙ୍କ ଗୋଲରେ ପ୍ରଥମ କ୍ୱାର୍ଟର ଶେଷରେ ଭାରତ ୪-୦ରେ ଆଗୁଆ ରହିଥିଲା ।

ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ଭାରତ ଚାପ ଜାରି ରଖିଥିଲା । ୨୬ତମ ମିନିଟରେ ଦିଲପ୍ରୀତ ସିଂହ ଗୋଲ୍ କରି ଭାରତର ଅଗ୍ରଣୀକୁ ୫-୦ କରିଥିଲେ । ଏହି ସ୍କୋର୍ରେ ହିଁ ପ୍ରଥମାର୍ଦ୍ଧ ଶେଷ ହୋଇଥିଲା । ତୃତୀୟ କ୍ୱାର୍ଟର ଆରମ୍ଭ ହେବାର ଦୁଇ ମିନିଟ୍ ମଧ୍ୟରେ ଦିଲପ୍ରୀତ ଆଉ ଏକ ଗୋଲ୍ କରିଥିଲେ । ୩୮ତମ ମିନିଟରେ ଅଭିଷେକ ନିଜର ଦ୍ୱିତୀୟ ଗୋଲ୍ କରିବାରୁ ଭାରତ ୭-୦ରେ ଆଗୁଆ ହୋଇଥିଲା । କୋରିଆ ପକ୍ଷରୁ ୪୨ତମ ମିନିଟରେ କିମ୍ ଜେ-ହୋ ଗୋଟିଏ ଗୋଲ୍ ଶୁଝାଇଥିଲେ । ଅନ୍ତିମ କ୍ୱାର୍ଟରରେ କୋରିଆ ଆଉ ଏକ ଗୋଲ୍ କରି ବ୍ୟବଧାନ କମାଇଥିଲା । ୫୨ତମ ମିନିଟରେ କିମ୍ ୟୋଙ୍ଗ-ବୋକଙ୍କ ଗୋଲରେ ସ୍କୋର୍ ୭-୨ ହୋଇଥିଲା । କିନ୍ତୁ ଭାରତ ଶେଷ ପର୍ଯ୍ୟନ୍ତ ଆକ୍ରମଣ ଜାରି ରଖିଥିଲା । ମ୍ୟାଚ୍ ଶେଷ ହେବାକୁ ମାତ୍ର ୩୮ ସେକେଣ୍ଡ ବାକି ଥିବାବେଳେ ରାଜିନ୍ଦର ସିଂହ ପେନାଲ୍ଟି କର୍ଣ୍ଣରରୁ ଗୋଲ୍ କରି ଭାରତର ୮-୨ ବିଜୟ ନିଶ୍ଚିତ କରିଥିଲେ । ଏହି ବିଜୟ ସହ ଭାରତ ପୁଲ୍ 'ଏ'ରେ ଲଗାତାର ତିନିଟି ମ୍ୟାଚ୍ ଜିତି ସେମିଫାଇନାଲ୍ ସ୍ଥାନ ଆଡ଼କୁ ଆହୁରି ନିକଟତର ହୋଇଛି । ଇଣ୍ଡୋନେସିଆକୁ ୧୩-୧ ଓ ଶ୍ରୀଲଙ୍କାକୁ ୧୬-୧ରେ ହରାଇବା ପରେ କୋରିଆ ବିପକ୍ଷରେ ଏହି ବଡ଼ ବିଜୟ ଭାରତର ଶକ୍ତିଶାଳୀ ଅଭିଯାନକୁ ଆହୁରି ମଜବୁତ କରିଛି । ମ୍ୟାଚଟି ଭାରତୀୟ ମିଡ୍ଫିଲ୍ଡର ବିବେକ ସାଗର ପ୍ରସାଦଙ୍କ ପାଇଁ ମଧ୍ୟ ସ୍ମରଣୀୟ ହୋଇଥିଲା । ସେ ଦେଶ ପାଇଁ ୨୦୦ତମ ସିନିୟର ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ଏକ ବିଶେଷ ମାଇଲଷ୍ଟୋନ୍ ହାସଲ କରିଛନ୍ତି । ମ୍ୟାଚ୍ ପୂର୍ବରୁ ତାଙ୍କୁ ଏହି ଉପଲବ୍ଧି ପାଇଁ ସମ୍ମାନିତ କରାଯାଇଥିଲା । ୨୬ରେ ଭାରତର ପରବର୍ତ୍ତୀ ମ୍ୟାଚ୍ ଆୟୋଜକ ଜାପାନ ବିପକ୍ଷରେ ଖେଳିବ ।

## ଏସୀୟ କ୍ରୀଡ଼ାରେ କିଟ୍ ଛାତ୍ରଙ୍କୁ ଦୁଇ ପଦକ

ଭୁବନେଶ୍ୱର, ୨୪।୯ (ସବ୍ୟୁ): ଜାପାନରେ ଚାଲିଥିବା ଏସୀୟ କ୍ରୀଡ଼ା-୨୦୨୬ରେ କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ର-କ୍ରୀଡ଼ାବିତମାନେ ଭାରତ ପାଇଁ ଗୋଟିଏ ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ଜିତିଛନ୍ତି । ଏହି ସଫଳତା ସହ ଚଳିତ ଏସୀୟ କ୍ରୀଡ଼ାରେ କିଟର ପ୍ରତିନିଧିତ୍ୱ ଓ ଅବଦାନ ଆହୁରି ଚର୍ଚ୍ଚାକୁ ଆସିଛି । ମହିଳା ୧୦,୦୦୦ ମିଟର ଦୌଡ଼ରେ କିଟ୍ ଛାତ୍ରୀ ସୀମା କୁମାରୀ ୩୨:୫୦.୦୫ ସେକେଣ୍ଡ ସମୟ ସହ କାଂସ୍ୟ ପଦକ ଜିତିଛନ୍ତି । କଠିନ ପ୍ରତିଯୋଗିତା ମଧ୍ୟରେ ତାଙ୍କ ଲଢୁଆ ପ୍ରଦର୍ଶନ ତାଙ୍କୁ ପୋଡିୟମ୍ରେ ପହଞ୍ଚାଇଛି । ସେହିପରି ୪ ଗୁଣା ୪୦୦ ମିଟର ମିଶ୍ରିତ ରିଲେରେ ଭାରତ ରୌପ୍ୟ ପଦକ ଜିତିଛି । ଭାରତୀୟ ଦଳ ୩:୧୪.୪୬ ସେକେଣ୍ଡ ସମୟରେ ଦୌଡ଼ ଶେଷ କରିଥିଲା । ଏହି ଦଳର ୬ ଜଣ ସଦସ୍ୟଙ୍କ ମଧ୍ୟରୁ ୫ ଜଣ କିଟର ଛାତ୍ର । ସେମାନେ ହେଲେ ଏମ୍.ଆର୍. ପୁଭାମ୍ମା, ବିଶାଳ ଟି.କେ., ବିଥ୍ୟା ଆର୍., ଜୟ କୁମାର ଓ କିରଣ । ଚଳିତ ଏସୀୟ କ୍ରୀଡ଼ାରେ ଭାରତ ପକ୍ଷରୁ କିଟ୍ର ୫୪ ଜଣ ଛାତ୍ର-କ୍ରୀଡ଼ାବିତ୍ ବିଭିନ୍ନ କ୍ରୀଡ଼ାରେ ଅଂଶଗ୍ରହଣ କରୁଛନ୍ତି । ଆଥଲେଟିକ୍ସ ସମେତ ବିଭିନ୍ନ ଇଭେଣ୍ଟରେ ସେମାନେ ଦେଶକୁ ପ୍ରତିନିଧିତ୍ୱ କରୁଛନ୍ତି । କିଟ ଓ କିସ୍ ପ୍ରତିଷ୍ଠାତା ପ୍ରଫେସର୍ (ଡ.) ଅଚ୍ୟୁତ ସାମନ୍ତ ସୀମା ଓ ରୌପ୍ୟ ପଦକ ବିଜେତା ରିଲେ ଦଳର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ପଦକ ବିଜେତାମାନେ ମଧ୍ୟ ତାଙ୍କ ନିରନ୍ତର ସମର୍ଥନ ଓ ପ୍ରେରଣା ପାଇଁ କୃତଜ୍ଞତା ଜଣାଇଛନ୍ତି ।

## ଜାପାନକୁ ୫୦-୨୫ରେ ହରାଇ ସେମିଫାଇନାଲରେ ଭାରତ

ଆଇଚି-ନାଗୋୟା, ୨୪।୯ (ଏଜେନ୍ସି): ଏସିଆନ୍ ଗେମ୍ସ ୨୦୨୬ରେ ଭାରତୀୟ ମହିଳା କବାଡ଼ି ଦଳ ଦମଦାର ପ୍ରଦର୍ଶନ ସହ ସେମିଫାଇନାଲରେ ପ୍ରବେଶ କରିଛି । ଗୁରୁବାର ଗ୍ରୁପ୍ 'ଏ'ର ଶେଷ ମ୍ୟାଚରେ ଭାରତ ଜାପାନକୁ ୫୦-୨୫ ପଏଣ୍ଟରେ ପରାସ୍ତ କରି ଅପରାଜେୟ ଭାବେ ଗ୍ରୁପ୍ ପର୍ଯ୍ୟାୟ ଶେଷ କରିଛି । ଏହି ମ୍ୟାଚରେ ଭାରତୀୟ ଦଳ ଆରମ୍ଭରୁ ଆକ୍ରମଣାତ୍ମକ ଖେଳ ଦେଖାଇଥିଲା । ଅଧିନାୟିକା ପୁଷ୍ପା ରାଣାଙ୍କ ନେତୃତ୍ୱରେ ଭାରତ ପ୍ରଥମାର୍ଦ୍ଧରେ ଜାପାନ ଉପରେ ଚାପ ସୃଷ୍ଟି କରି ୩୨-୧୩ରେ ଆଗୁଆ ରହିଥିଲା । ପ୍ରଥମାର୍ଦ୍ଧରେ ଭାରତ ୨୩ ଆଉଟ୍ ପଏଣ୍ଟ, ୫ ବୋନସ୍ ପଏଣ୍ଟ ଏବଂ ୨ଟି ଅଲ୍ଆଉଟ୍ ହାସଲ କରିଥିଲା । ଦ୍ୱିତୀୟାର୍ଦ୍ଧରେ ଜାପାନ ଲଢ଼େଇକୁ ଫେରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଭାରତ ନିୟନ୍ତ୍ରଣ ବଜାୟ ରଖିଥିଲା । ଦ୍ୱିତୀୟାର୍ଦ୍ଧରେ ଭାରତ ୧୮ ପଏଣ୍ଟ ହାସଲ କରି ମ୍ୟାଚ୍କୁ ୫୦-୨୫ରେ ଶେଷ କରିଥିଲା । ଏହା ପୂର୍ବରୁ ଭାରତ ଉଦଘାଟନୀ ମ୍ୟାଚରେ ବାଂଲାଦେଶକୁ ୪୨-୨୧ ଏବଂ ପରେ ଇରାନକୁ ୩୭-୨୩ରେ ପରାସ୍ତ କରିଥିଲା । ଏବେ ପ୍ରଥମ ସେମିଫାଇନାଲରେ ଭାରତ ସେପ୍ଟେମ୍ବର ୨୫ରେ ନେପାଳକୁ ଭେଟିବ । ଫାଇନାଲ୍ ମ୍ୟାଚ୍ ସେପ୍ଟେମ୍ବର ୨୬ରେ ଖେଳାଯିବ ।

## ୨୦୦ ଅନ୍ତର୍ଜାତୀୟ ମ୍ୟାଚ୍ ପୂରଣ କଲେ ବିବେକ

ଭାରତୀୟ ହକି ଦଳର ତାରକା ମିଡ୍ଫିଲ୍ଡର ବିବେକ ସାଗର ପ୍ରସାଦ ନିଜ କ୍ୟାରିୟରରେ ଆଉ ଏକ ବଡ଼ ମାଇଲଖୁଣ୍ଟ ଛୁଇଁଛନ୍ତି । ଏସିଆନ୍ ଗେମ୍ସ ୨୦୨୬ରେ ଦକ୍ଷିଣ କୋରିଆ ବିପକ୍ଷ ପୁଲ୍ 'ଏ' ମ୍ୟାଚ୍ରେ ମଇଦାନକୁ ଓହ୍ଲାଇ ସେ ଭାରତ ପାଇଁ ୨୦୦ତମ ସିନିୟର ଅନ୍ତର୍ଜାତୀୟ ମ୍ୟାଚ୍ ପୂରଣ କରିଛନ୍ତି । ଏହି ଉପଲବ୍ଧି ପାଇଁ ହକି ଇଣ୍ଡିଆ ତାଙ୍କୁ ଅଭିନନ୍ଦନ ଜଣାଇଛି । ୨୬ ବର୍ଷୀୟ ବିବେକ ୨୦୧୮ରେ ଭାରତୀୟ ସିନିୟର ଦଳରେ ପଦାର୍ପଣ କରିଥିଲେ । ଏହାପରଠାରୁ ଶାନ୍ତ ଖେଳ, ବହୁମୁଖୀ ପ୍ରଦର୍ଶନ ଓ ନିର୍ଣ୍ଣାୟକ ସମୟରେ ଅବଦାନ ପାଇଁ ସେ ଦଳର ଜଣେ ଗୁରୁତ୍ୱପୂର୍ଣ୍ଣ ଖେଳାଳି ହୋଇପାରିଛନ୍ତି । ବିବେକ ଟୋକିଓ ୨୦୨୦ ଓ ପ୍ୟାରିସ୍ ୨୦୨୪ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ଦଳର ସଦସ୍ୟ ଥିଲେ । ୨୦୨୩ ହାଙ୍ଗଝୋ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ଓ ୨୦୧୮ ଜାକର୍ତ୍ତା ଏସିଆନ୍ ଗେମ୍ସରେ ବ୍ରୋଞ୍ଜ ଜିତିଥିଲେ । ଏହାଛଡ଼ା ୨୦୨୩ ଓ ୨୦୨୪ ଏସିଆନ୍ ଚାମ୍ପିଅନ୍ସ ଟ୍ରଫିରେ ଭାରତର ସ୍ୱର୍ଣ୍ଣ ବିଜୟୀ ଦଳରେ ମଧ୍ୟ ସେ ଥିଲେ । ୨୦୨୧ରେ ତାଙ୍କୁ ଅର୍ଜୁନ ପୁରସ୍କାର ମିଳିଥିଲା । ୨୦୦ତମ ମ୍ୟାଚ୍ ଅବସରରେ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲଟନ୍ ବିବେକଙ୍କୁ ସ୍ମାରକ ଜର୍ସି ପ୍ରଦାନ କରି ସମ୍ମାନିତ କରିଥିଲେ ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି